

ଯା ଦେବୀ ସର୍ବଭୂତେଷୁ...

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ଗୁରୁବାର ୨୩ ଏପ୍ରିଲ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 23 April 2026
Vol.No. 36 ■ No.107 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଖୁବ୍‌ଶୀଘ୍ର ଆସୁଛି

ସାଗରିକା

(ବିଷୁବସଂଖ୍ୟା)

ଡିଜିଟାଲ୍ ଫର୍ମାଟରେ ମଧ୍ୟ ଉପଲବ୍ଧ...

website : sagarika.in.net


# ହର୍ମୁଜ୍ ଖୋଲିବାକୁ ଏବେ ଏକାଠି ହେବେ ୩୦ ଦେଶ

■ଲଣ୍ଡନରେ ହେବ ବୈଠକ
■ଭାରତ ହେବ ସାମିଲ



ନୂଆଦିଲ୍ଲୀ,୨୨/୪ : ଷ୍ଟେଟ୍ ଅଫ୍ ହର୍ମୁଜକୁ ନେଇ ଇରାନ ଓ ଆମେରିକା ମଧ୍ୟରେ ଯୁଦ୍ଧ ଲାଗି ରହିଛି । ଆମେରିକା ନୌସେନାର ନାକାବନ୍ଦୀ ପରେ ବି ଇରାନ ପୁଣିଥରେ ହର୍ମୁଜ ରାସ୍ତା ବନ୍ଦ କରିଛି । ହର୍ମୁଜ ଦେଇ ଯାତାୟାତ କରୁଥିବା ଜାହାଜ ସମ୍ପୂର୍ଣ୍ଣ ବନ୍ଦ ହେବା ପରେ ଅନେକ ଦେଶରେ ଶକ୍ତି ସଂକଟ ଦେଖାଦେଇଛି । ଏହି ରାସ୍ତାକୁ ଖୋଲିବା ପାଇଁ ଏବେ ୩୦ ରୁ ଅଧିକ ଦେଶ ଏକାଠି ହୋଇଛନ୍ତି । ସୂଚନା ମୁତାବକ ହର୍ମୁଜରେ ପୁଣି ଥରେ ଜାହାଜ ଯାତାୟାତ କରିବା ଆରମ୍ଭ କରିବାକୁ ବୁଧବାର ଦିନ ୩୦ ରୁ ଅଧିକ ଦେଶର ସେନା ଯୋଜନାକାରୀ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଯୋଗଦେବାକୁ ଯାଉଛନ୍ତି । ବ୍ରିଟେନ ରକ୍ଷାମନ୍ତ୍ରଣାଳୟର ନିମନ୍ତ୍ରଣରେ ଏହି ବୈଠକର ଆୟୋଜନ କରାଯାଇଛି । ଯାହାର ଉଦ୍ଦେଶ୍ୟ ରହିଛି ମଜବୁତ ସେନା ରଣନୀତି କରାଯିବ, ଫଳରେ ଯୁଦ୍ଧ ସାମାନ୍ୟ ହେବା ପରେ ସମୁଦ୍ର ପଥକୁ ସୁରକ୍ଷିତ କରାଯିବ । ବ୍ରିଟେନର ରକ୍ଷା ମନ୍ତ୍ରୀ ଜନ୍ ହିଲି କହିଛନ୍ତି କି, ଲଣ୍ଡନରେ ହେବାକୁ ଥିବା ବୈଠକର ମୁଖ୍ୟ ଉଦ୍ଦେଶ୍ୟ ରହିଚି କି, କୂଟନୀତି ସହମତିକୁ କାର୍ଯ୍ୟକାରୀ କରିବା ଆମର ଲକ୍ଷ୍ୟ । ଫଳରେ ହର୍ମୁଜରେ ନେବିଗେସନର ସ୍ୱତନ୍ତ୍ରତା ସୁନିଶ୍ଚିତ ହେବ ଓ ସ୍ଥାୟୀ ଯୁଦ୍ଧ ବିରତିକୁ ସମର୍ଥନ ମିଳିବ । ଅଧିକାରୀଙ୍କ କହିବା ମୁତାବକ ଏହି ବୈଠକରେ ସେନା ଶକ୍ତି, କମାଣ୍ଡ, ନିୟନ୍ତ୍ରଣ ଭିତ୍ତିଭୂମି ଓ କ୍ଷେତ୍ର ସୈନିକଙ୍କ ନିଯୁକ୍ତି ନେଇ ସମ୍ଭାବିତ ରଣନୀତି ପ୍ରସ୍ତୁତ କରାଯିବା ଉପରେ ଚର୍ଚ୍ଚା ହେବ । ୩୦ ଦେଶରୁ କେଉଁମାନେ ଯୋଗ ଦେବେ ତାଙ୍କ ନାମ ସାର୍ବଜନୀନ କରାଯାଇନାହିଁ । ହେଲେ ସମ୍ଭାବିତ ତାଲିକାରେ ବ୍ରିଟେନ, ଫ୍ରାନ୍ସ, ଜର୍ମାନୀ, ଇଟାଲୀ, ନେଦରଲ୍ୟାଣ୍ଡ, ସ୍ୱିଡେନ, ନରୱେ, ଫିନଲ୍ୟାଣ୍ଡ, ଡେନମାର୍କ, ପୋଲାଣ୍ଡ, ବେଲଜିୟମ, ଜାପାନ, ଦକ୍ଷିଣକୋରିଆ, ଅଷ୍ଟ୍ରେଲିଆ, ନ୍ୟୁଜିଲ୍ୟାଣ୍ଡ, ଯୋଗ ଦେଇପାରନ୍ତି ବୋଲି ଆଲୋଚନା ହେଉଛି । ବେହରିନ, ସଂଯୁକ୍ତ ଆରବ ଏମିରଟ, କାନାଡ଼ା ଦେଶ ବି ସାମିଲ ହୋଇପାରେ । ଭାରତ ଓ ପାକିସ୍ତାନ ଏହି ବୈଠକରେ ସାମିଲ ହେବେ କି ନାହିଁ ସେ ନେଇ କିଛି ସ୍ପଷ୍ଟ ହୋଇନାହିଁ ।

## ଓଡ଼ିଆ ଉଚ୍ଚାରଣ ଅନୁଯାୟୀ ସ୍ଥାନ ଗୁଡ଼ିକର ଇଂରାଜୀ ବନାନ ସଂଶୋଧନ ନେଇ ସୂଚନା ଜାରି

ଭୁବନେଶ୍ୱର, ୨୨/୪ (ନି.ପ୍ର): ରାଜ୍ୟର ବିଭିନ୍ନ ସ୍ଥାନର ଓଡ଼ିଆ ଉଚ୍ଚାରଣ ଅନୁଯାୟୀ ଇଂରାଜୀ ବନାନ ସଂଶୋଧନ ସମ୍ବନ୍ଧରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ସାର୍ବଜନୀନ ସୂଚନା ଜାରି କରାଯାଇଛି। ଏହି ପରିପ୍ରେକ୍ଷୀରେ ରାଜ୍ୟସରକାରଙ୍କ ନିଷ୍ପତ୍ତି କ୍ରମେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀ ଓଡ଼ିଶାର ମାନ୍ୟବର ସାଂସଦବୃନ୍ଦ, ଓଡ଼ିଶା ବିଧାନସଭାର ସଚିବଙ୍କ ମାଧ୍ୟମରେ ମାନ୍ୟବର ବିଧାୟିକା/ ବିଧାୟକବୃନ୍ଦ ଏବଂ ସମସ୍ତ ଜିଲ୍ଲାର ଜିଲ୍ଲାପାଳଙ୍କୁ ଚିଠି ଲେଖିଛନ୍ତି । ପ୍ରକାଶ ଥାଉକି, ରାଜସ୍ୱ ଓ ବିପର୍ଯ୍ୟୟ ପରିଳନା ବିଭାଗ ପକ୍ଷରୁ ପୂର୍ବ ପ୍ରକାଶିତ ସାର୍ବଜନୀନ ବିଜ୍ଞପ୍ତି ମାଧ୍ୟମରେ ରାଜ୍ୟର ବିଭିନ୍ନ ଜିଲ୍ଲା, ଜିଲ୍ଲା ସଦର ମହକୁମା, ଉପଖଣ୍ଡ, ତହସିଲ୍ ଏବଂ ବ୍ଲକଗୁଡ଼ିକର ସରକାରୀ ଭାବେ ବ୍ୟବହୃତ ଇଂରାଜୀ ନାମ ଯଦି ମୂଳ ଓଡ଼ିଆ ନାମର ଅପଭ୍ରଂଶ ହୋଇଥାଏ, ତେବେ ସେଗୁଡିକର ମୂଳ ଓଡ଼ିଆ ନାମର ପୁନରୁଦ୍ଧାର ପାଇଁ ସର୍ବସାଧାରଣ ଏବଂ ଜନପ୍ରତିନିଧିମାନଙ୍କଠାରୁ ପରାମର୍ଶ ତଥା ପ୍ରସ୍ତାବ ଆହ୍ୱାନ କରାଯାଇଥିଲା। ଏହି କ୍ରମରେ ରାଜ୍ୟର ମାନ୍ୟବର ଜନପ୍ରତିନିଧିଗଣ ଏବଂ ସାଧାରଣ ନାଗରିକମାନଙ୍କଠାରୁ ଅନେକ ପ୍ରସ୍ତାବ ଓ ପରାମର୍ଶ ପ୍ରାପ୍ତ ହୋଇଛି । ପ୍ରାପ୍ତ ହୋଇଥିବା ସମସ୍ତ ପ୍ରସ୍ତାବ ବିଶିଷ୍ଟ ଓଡ଼ିଆ ସାହିତ୍ୟିକା ପଦ୍ମଭୂଷଣ ଡ. ପ୍ରତିଭା ରାୟଙ୍କ ଅଧ୍ୟକ୍ଷତାରେ ଗଠିତ ଏକ କମିଟି ଦ୍ୱାରା ସମୀକ୍ଷା କରାଯାଇ ସୁପାରିଶ୍ ◆◆ପୃଷ୍ଠା ୭

## ନେପାଳରେ ପୁଣି ରାଜନୈତିକ ଅସ୍ଥିରତା

ନୂଆଦିଲ୍ଲୀ,୨୨/୪ : ଶେୟାର ବଜାରରେ ନିବେଶ ଓ ଆର୍ଥିକ କାରବାରକୁ ନେଇ ସୃଷ୍ଟି ହୋଇଥିବା ବିବାଦ ମଧ୍ୟରେ ନେପାଳର ଗୃହମନ୍ତ୍ରୀ ସୁଦାନ ଗୁରୁଙ୍ଗ ବୁଧବାର ନିଜ ପଦରୁ ଇସ୍ତଫା ଦେଇଛନ୍ତି। ''ରାଷ୍ଟ୍ରୀୟ ସ୍ୱତନ୍ତ୍ର ପାର୍ଟି'' (ଆରଏସପି) ନେତୃତ୍ୱାଧୀନ ସରକାର ଗଠନ ହେବାର ମାତ୍ର କିଛି ସପ୍ତାହ ମଧ୍ୟରେ ଜଣେ ପ୍ରଭାବଶାଳୀ ମନ୍ତ୍ରୀ ଏଭଳି ବିବାଦରେ ଛନ୍ଦି ହୋଇ ଇସ୍ତଫା ଦେବା ଘଟଣା ଦେଶର ରାଜନୀତିରେ ହଟଚମଟ ସୃଷ୍ଟି କରିଛି। ଶ୍ରୀ ଗୁରୁଙ୍ଗ ସୋସିଆଲ ମିଡିଆ ଜରିଆରେ ନିଜର ନିଷ୍ପତ୍ତି ସମ୍ପର୍କରେ ଜଣାଇ କହିଛନ୍ତି ଯେ, ତାଙ୍କ ବିରୋଧରେ ଆସିଥିବା ଅଭିଯୋଗର ଏକ ନିରପେକ୍ଷ ତଦନ୍ତ ପାଇଁ ସେ ପଦ ତ୍ୟାଗ କରିଛନ୍ତି।

## ହାତୀ ଆକ୍ରମଣରେ ମା' ଓ ପୁଅ ମୃତ

କଟକ, ୨୨/୪ (ନି.ପ୍ର): କଟକ ଜିଲ୍ଲା ନରସିଂହପୁର ଅଞ୍ଚଳରେ ବୁଧବାର ଦିନ ଏକ ଅଭାବନୀୟ ଘଟଣା ଘଟିଛି। ଦେବଭୂଇଁ ପଞ୍ଚାୟତ ନୂଆଗାଁ ନିକଟ ଜଙ୍ଗଲରେ ଦନ୍ତା ହାତୀ ଉଗ୍ରରୂପ ଧାରଣ କରିଛି। ଜଙ୍ଗଲିଆ ରାସ୍ତା ଦେଇ ଯାଉଥିବା ବେଳେ ମା' ଏବଂ ତାଙ୍କର ପୁଅଙ୍କୁ ଆକ୍ରମଣ କରିଛି। ହାତୀ ଆକ୍ରମଣରେ ମହିଳା ଏବଂ ତାଙ୍କର ମୃତ୍ୟୁ ଘଟିଛି। ସୂଚନା ଅନୁସାରେ ଆଜି ଭୋର ସମୟରେ ଦେବଭୂଇଁ ପଞ୍ଚାୟତ ନୂଆଗାଁ ଗ୍ରାମର ବଂଶୀଧର ନାଏକଙ୍କ ପତ୍ନୀ ସସ୍ମିତା ନାଏକ ଓ ପୁଅ ପ୍ରିୟାଂଶୁ ନାଏକ ଘର ନିକଟକୁ ଶୌଚ ପାଇଁ ଯାଇଥିଲେ। ରାସ୍ତାକଡ଼ରେ ଦନ୍ତାକୁ ସେମାନେ ଦେଖିପାରି ନଥିଲେ। ଦନ୍ତା ହାତୀ ଅତର୍କିତ ଭାବେ ମା-ପୁଅଙ୍କୁ ଆକ୍ରମଣ କରିଥିଲା। ଦନ୍ତା ଆକ୍ରମଣର ଅଳ୍ପ ସମୟ ପରେ ସେହି ରାସ୍ତା ଦେଇ ଯାଉଥିବା ଲୋକମାନେ ମା' ଏବଂ ପୁଅ କ୍ଷତାକ୍ତ ଅବସ୍ଥାରେ ପଡ଼ିଥିବା ଦେଖିଥିଲେ। ସେମାନେ ଗ୍ରାମବାସୀଙ୍କୁ ସୂଚନା ଦେଇଥିଲେ। ସ୍ଥାନୀୟ ଲୋକଙ୍କର ସାହାଯ୍ୟରେ ବନ ବିଭାଗର କର୍ମଚାରୀମାନେ ମହିଳା ଏବଂ ତାଙ୍କର ପୁଅକୁ ଉଦ୍ଧାର କରି ନରସିଂହପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ପୁଲିସ ମୃତଦେହ ଜବତ କରିଛି। ପୋଷ୍ଟମର୍ଟମ ପାଇଁ ପଠାଇଛି। ଏହି ଘଟଣା ନେଇ ପୁଲିସ ଏକ ମାମଲା ରୁଜୁ କରିଛି। ମାମଲାର ତଦନ୍ତ ଜାରି ଥିବା ବେଳେ ନୂଆଁଗାରେ ଚାପା ଉତ୍ତେଜନା ଦେଖାଯାଇଛି।

## ମେୟରଙ୍କୁ ବାଛିବେ କର୍ପୋରେଟର, କାଉନ୍‌ସିଲର ଚୟନ କରିବେ ପୌରାଧ୍ୟକ୍ଷ

ଭୁବନେଶ୍ୱର, ୨୨/୪ (ନି.ପ୍ର): ପୌର ଓ ପଂଚାୟତ ନିର୍ବାଚନ ପାଇଁ ଆରମ୍ଭ ହେଲାଣି ସଜବାଜ। କ୍ଷମତାରେ ଥିବାରୁ ଏହି ନିର୍ବାଚନ ଶାସକ ଦଳ ପାଇଁ ସମ୍ମାନ ପ୍ରଶ୍ନ ପାଲଟିଛି । ସହରାଂଚଳରେ ନିଜର ଦବଦବା ଜାହିର କରିବା ପାଇଁ ଶାସକ ଦଳର ବରିଷ୍ଠ ନେତା ଓ ବିଧାୟକଙ୍କ ମଧ୍ୟରେ ଘମାଘୋଟ ଆଲୋଚନା ଚାଲିଛି । ଯେମିତିକି ଆଗାମୀ ପୌର ନିର୍ବାଚନରେ କିଛି ଢାଂଚାଗତ ପରିବର୍ତ୍ତନ ଆଣିବା ପାଇଁ ଉଦ୍ୟମ ଚଳାଇଛନ୍ତି । ପୂର୍ବଭଳି ଭୋଟରଙ୍କ ବଦଳରେ କର୍ପୋରେଟର ବାଛିପାରନ୍ତି ମେୟର । ୨୦୨୨ରେ ରାଜ୍ୟର ସମସ୍ତ ପୌର ସଂସ୍ଥାରେ ଅର୍ଥାତ୍, ମହାନଗର ନିଗମ, ମ୍ୟୁନିସିପାଲିଟି ଓ ଏନ୍ଏସିରେ ମେୟର ଏବଂ ପୌରାଧ୍ୟକ୍ଷ ପଦବି ପାଇଁ ସିଧାସଳଖ ନିର୍ବାଚନ ହୋଇଥିଲା। ଭୋଟରମାନେ ନିଜ ପସନ୍ଦର ମେୟର ଓ ପୌରାଧ୍ୟକ୍ଷ ନିର୍ବାଚିତ କରିଥିଲେ। ସିଧା କହିବାକୁ ଗଲେ ପରୋକ୍ଷ ନିର୍ବାଚନ ବଦଳରେ ପ୍ରତ୍ୟକ୍ଷ ନିର୍ବାଚନର କରିଥିଲେ ପୂର୍ବ ସରକାର । ହେଲେ ଅନ୍ଦରମହଲ ସୂଚନା ଅନୁସାରେ ଆସନ୍ତା ୨୦୨୭ ପୌର ନିର୍ବାଚନରେ ମେୟର ଓ ପୌରାଧ୍ୟକ୍ଷଙ୍କ ପାଇଁ ହୋଇପାରେ ପରୋକ୍ଷ ନିର୍ବାଚନ। ଅର୍ଥାତ୍ ନିର୍ବାଚିତ କର୍ପୋରେଟରମାନେ ମେୟର ଏବଂ କାଉନ୍‌ସିଲରମାନେ ପୂର୍ବଭଳି ପୌରାଧ୍ୟକ୍ଷ ବାଛିପାରନ୍ତି । ◆◆ପୃଷ୍ଠା ୭

## ସନ୍ଦେହ ଘେରରେ 'ଓକାକ୍'ର ଭୂମିକା: ୧୦୦୦ କୋଟିର ଟେଣ୍ଡରରେ ଦୁର୍ନୀତି ଅଭିଯୋଗ




ଭୁବନେଶ୍ୱର, ୨୨/୪ (ନି.ପ୍ର): ଓଡ଼ିଶା କମ୍ପ୍ୟୁଟର ଆପ୍ଲିକେସନ(ଓକାକ୍) ଟେଣ୍ଡର ପ୍ରକ୍ରିୟାରେ ବଡ଼ ଦୁର୍ନୀତି ଅଭିଯୋଗ ହୋଇଛି । କଂଗ୍ରେସ ପକ୍ଷରୁ ଏନେଇ ଅଭିଯୋଗ ପରେ ବିଭାଗୀୟ ମନ୍ତ୍ରୀ ଟେଣ୍ଡର ପ୍ରକ୍ରିୟାର ସମୀକ୍ଷା କରିବା ସହ ଓକାକ ଦୁର୍ନୀତି ମୁକ୍ତ ହେବ ବୋଲି କହିଥିଲେ । କିନ୍ତୁ ଆଜି କଂଗ୍ରେସ ଓକାକର ୧୦୦୦ କୋଟିର ଟେଣ୍ଡର ବାତିଲ କରିବା ସହ ବିଭାଗୀୟ ସଚିବ ବିଶାଳ ଦେବଙ୍କୁ ଚାକିରିରୁ ହଟାଇବାକୁ ଦାବି କରିଛି । ସରକାରୀ ସୁବିଧା ଏବଂ ଟେକ୍ନୋଲୋଜି ମଧ୍ୟରେ ଥିବା ଦୂରତାକୁ କମ କରିବା ଉଦେଶ୍ୟରେ ଗଠନ ହୋଇଥିଲା ଓଡ଼ିଶା କମ୍ପ୍ୟୁଟର ଆପ୍ଲିକେସନ(ଓକାକ୍) । ଏହି ସ୍ୱୟଂଚାଳିତ ସରକାରୀ ସଂସ୍ଥା ବିରୋଧରେ ଆସିଛି ବଡ଼ ଅଭିଯୋଗ । ସ୍କୁଲ୍‌ରେ ଏଆଇ କ୍ଲାସ୍‌ରୁମ୍ ◆◆ପୃଷ୍ଠା ୭

## କାର-ବସ୍ ଧକ୍କାରେ ୩ ଜଣଙ୍କର ମୃତ୍ୟୁ, ୧ ଗୁରୁତର

ନୂଆଦିଲ୍ଲୀ,୨୨/୪ : ତାମିଲନାଡୁର କୃଷ୍ଣଗିରି ଜିଲ୍ଲାରେ ବୁଧବାର ସକାଳେ ଘଟିଥିବା ଏକ ସଡ଼କ ଦୁର୍ଘଟଣାରେ ୩ ଜଣଙ୍କର ଜୀବନ ଯାଇଛି ଏବଂ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ହୋସୁର ନିକଟରେ ଜାତୀୟ ରାଜପଥରେ ଏକ କାର ଏବଂ ଏକ ଓମନି ବସ୍ ପ୍ରବଳ ଜୋରରେ ମୁହାଁମୁହିଁ ଧକ୍କା ହେବା ଫଳରେ ଏହି ଦୁର୍ଘଟଣା ଘଟିଥିଲା। ପୋଲିସ ଅନୁଯାୟୀ, କାରଟି ବେଙ୍ଗାଲୁରୁରୁ ଧର୍ମପୁରୀ ଅଭିମୁଖେ ଚାରି ଜଣ ଯାତ୍ରୀଙ୍କୁ ନେଇ ଯାତ୍ରା କରୁଥିଲା। ସାନାମାଭୁ ଅଞ୍ଚଳରେ ପହଞ୍ଚିବା ପରେ, ଡ୍ରାଇଭର ଗାଡ଼ି ଉପରୁ ନିୟନ୍ତ୍ରଣ ହରାଇ ଦେଇଥିଲେ, ଫଳରେ କାରଟି ସାମ୍ନା ପାଖରୁ ଆସୁଥିବା ଏକ ଓମନି ବସ୍ ସହିତ ଧକ୍କା ହୋଇଥିଲା। ବସ୍ଟି ଉଲୁଣ୍ଡୁରପେଟରୁ ବେଙ୍ଗାଲୁରୁ ଯାତ୍ରୀମାନଙ୍କୁ ପରିବହନ କରୁଥିଲା। ଘଟଣା ଏତେ ତୀବ୍ର ଥିଲା ଯେ କାରର ଆଗ ଭାଗ ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିଲା ଏବଂ ଏଥିରେ ଥିବା ଲୋକମାନେ ଭିତରେ ଗଭୀର ଭାବରେ ଫସି ଯାଇଥିଲେ। ଦୁର୍ଘଟଣା ପରେ ଘଟଣାସ୍ଥଳରେ ଉତ୍ତେଜନା ସୃଷ୍ଟି ହୋଇଥିଲା, ଆହତମାନେ ସାହାଯ୍ୟ ପାଇଁ ଚିତ୍କାର କରୁଥିଲେ।

## ମୁନିରଙ୍କ ପାଇଁ ଇରାନ୍ କ୍ଷୁବ୍ଧ: ଟ୍ରମ୍ପଙ୍କ ପ୍ରୀତି ପଡ଼ିଲା ମହଙ୍ଗା



ନୂଆଦିଲ୍ଲୀ,୨୨/୪ : ମଧ୍ୟପ୍ରାଚ୍ୟରେ ବଢ଼ୁଥିବା ଉତ୍ତେଜନା ଭିତରେ ଏବେ ଇରାନର ନଜରରେ ଖଳନାୟକ ସାଜିଛି ପାକିସ୍ତାନ । ଇରାନ ଏବଂ ଆମେରିକା ମଧ୍ୟରେ ମଧ୍ୟସ୍ଥି ସାଜିବାକୁ ଚେଷ୍ଟା କରୁଥିବା ଶେହବାଜ ସରକାରଙ୍କୁ ଏବେ ବଡ଼ ଝଟକା ଲାଗିଛି । ବିଶେଷ କରି ପାକିସ୍ତାନ ସେନାମୁଖ୍ୟ ଜେନେରାଲ ଅସୀମ ମୁନିରଙ୍କ 'ଟ୍ରମ୍ପ-ପ୍ରୀତି' ଏବଂ ଆମେରିକା ପ୍ରତି ଅହେତୁକ ଆନୁଗତ୍ୟକୁ ସହଜରେ ଗ୍ରହଣ କରିପାରୁନାହିଁ ତେହେରାନ । କାହିଁକି ପାକିସ୍ତାନ ଉପରେ କ୍ଷୁବ୍ଧ ଇରାନ ଏବଂ କେଉଁ ସେହି ୫ଟି କାରଣ ଯାହା ଦୁଇ ଦେଶ ମଧ୍ୟରେ ସୃଷ୍ଟି କରିଛି ତିକ୍ତତା ? ଇରାନ ଏବଂ ଆମେରିକା ମଧ୍ୟରେ ଉତ୍ତେଜନା ବଢ଼ିଚାଲିଥିବା ବେଳେ ଏବେ ପାକିସ୍ତାନର ଦୋମୁହାଁ ନୀତି ପଦାରେ ପଡ଼ିଛି । ପାକିସ୍ତାନ ସେନା ମୁଖ୍ୟ ଜେନେରାଲ ଅସୀମ ମୁନିରଙ୍କ କିଛି ପଦକ୍ଷେପ ଯୋଗୁଁ ଇରାନ ଏବେ ପାକିସ୍ତାନ ଉପରେ ଗୁରୁତର ଅସନ୍ତୋଷ ବ୍ୟକ୍ତ କରିଛି। ଖାସ କରି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରତି ପାକିସ୍ତାନର ଅହେତୁକ ଆନୁଗତ୍ୟ ବା 'ଟ୍ରମ୍ପଙ୍କ ପ୍ରଥମ ପସନ୍ଦ ନୀତିକୁ ନେଇ ଇରାନ ଏବେ ଖୋଲାଖୋଲି ପାକ୍ ସରକାରଙ୍କୁ ବିରୋଧ କରୁଛି। ପାକିସ୍ତାନ ସେନା ଓ ସରକାର ଟ୍ରମ୍ପଙ୍କୁ ସନ୍ତୁଷ୍ଟ କରିବା ପାଇଁ ଯେଉଁଭଳି ଚେଷ୍ଟା କରୁଛନ୍ତି, ତାହାକୁ ଇରାନ ନିଜ ବିରୋଧରେ ଷଡ଼ଯନ୍ତ୍ର ଭାବୁଛି । ପାକିସ୍ତାନ ମଧ୍ୟସ୍ଥି ହେବାକୁ ଚେଷ୍ଟା କରୁଥିଲେ ବି ଇରାନର ଅଭିଯୋଗ, ପାକିସ୍ତାନ କେବଳ ଆମେରିକାର ସ୍ୱାର୍ଥ ରକ୍ଷା କରୁଛି । ପାକିସ୍ତାନୀ ସେନା ସୀମାନ୍ତରେ ସୁରକ୍ଷା ବ୍ୟବସ୍ଥାକୁ ନେଇ ଯେଉଁ ପଦକ୍ଷେପ ନେଉଛି, ତାହା ଇରାନ ପାଇଁ ସନ୍ଦେହର କାରଣ । ଆରବ ଦେଶଗୁଡ଼ିକ ସହ ପାକିସ୍ତାନର ବଢ଼ୁଥିବା ବନ୍ଧୁତା ଓ ଇରାନ ପାଇଁ ଭୟ ଘାରିଛି। ଇରାନ ସନ୍ଦେହ କରୁଛି, ମୁନିରଙ୍କ ନେତୃତ୍ୱରେ ପାକିସ୍ତାନୀ ଗୁଇନ୍ଦା ସଂସ୍ଥା ଆମେରିକାକୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଯୋଗାଇ ଦେଉଛି । ମଧ୍ୟପ୍ରାଚ୍ୟରେ ଯୁଦ୍ଧ ପରିସ୍ଥିତି ଉପୁଜିଥିବା ବେଳେ ପାକିସ୍ତାନର ଏହି 'ଡବଲ ଗେମ୍' ଏବେ ତାର ବନ୍ଧୁ ଇରାନ ପାଇଁ ଚିନ୍ତା ଆଣିଛି। ଇରାନର ସ୍ପଷ୍ଟ ମତ ଯେ, ପାକିସ୍ତାନ ନିଜର ଆର୍ଥିକ ସଙ୍କଟରୁ ବର୍ତ୍ତିବା ପାଇଁ ଆମେରିକା ପାଖରେ ନିଜକୁ ବିକ୍ରି କରିଦେଇଛି । ଏହି ବିବାଦ ଆଗକୁ ଦୁଇ ପଡ଼ୋଶୀ ଦେଶ ମଧ୍ୟରେ ସମ୍ପର୍କକୁ ଆହୁରି ବିଗାଡ଼ିବା ଆଶଙ୍କା କରାଯାଉଛି ।

## ଦେଶର ସବୁଠୁ ଉତ୍ତପ୍ତ ସହର ଝାରସୁଗୁଡ଼ା: ତାପମାତ୍ରା ୪୪.୬ ଡିଗ୍ରି ରେକର୍ଡ

ଭୁବନେଶ୍ୱର, ୨୨/୪ (ନି.ପ୍ର): ସମଗ୍ର ଦେଶ ସମେତ ଓଡ଼ିଶାରେ ଗ୍ରୀଷ୍ମ ଲହରୀ ଜାରି ରହିଛି। ପଶ୍ଚିମ ଓଡ଼ିଶାରେ ଆଜି ତାପମାତ୍ରା ଆହୁରି ଅଧିକ ଅସହ୍ୟ ହୋଇଯାଇଛି। ଝାରସୁଗୁଡ଼ାରେ ସର୍ବାଧିକ ତାପମାତ୍ରା ରେକର୍ଡ କରାଯାଇଛି। ଏଠାରେ ୪୪.୬ ଡିଗ୍ରି ତାପମାତ୍ରା ରେକର୍ଡ ସହିତ ବିଶ୍ୱର ଉତ୍ତପ୍ତ ସହର ହୋଇଛି। ଆଜି ଅପରାହ୍ଣ ୨ଟା ୩୦ରେ ଉତ୍ତରପ୍ରଦେଶର ବାନ୍ଦା ଦେଶର ଦ୍ୱିତୀୟ ସର୍ବାଧିକ ଉତ୍ତପ୍ତ ସହର ହୋଇଛି, ଯେଉଁଠାରେ ୪୪.୨ ଡିଗ୍ରି ତାପମାତ୍ରା ରେକର୍ଡ କରାଯାଇଛି। ଅନ୍ୟପଟରେ ମହାରାଷ୍ଟ୍ରର ଆକୋଲାରେ ତାପମାତ୍ରା ୪୩.୬ ଡିଗ୍ରି ରେକର୍ଡ କରାଯାଇଛି।

## ଆଜି ଦୁଇ ରାଜ୍ୟରେ ମତଦାନ: ନିର୍ବାଚନ କମିସନଙ୍କ ପକ୍ଷରୁ ପ୍ରସ୍ତୁତି ଚୂଡ଼ାନ୍ତ



ନୂଆଦିଲ୍ଲୀ,୨୨/୪ : ଭୋଟ୍ ଦାନ କେନ୍ଦ୍ର ପ୍ରସ୍ତୁତ, କର୍ମଚାରୀ ପ୍ରସ୍ତୁତ, ଭୋଟ୍ ଦାନ ପାଇଁ ଭୋଟର ମଧ୍ୟ ପ୍ରସ୍ତୁତ । ପଶ୍ଚିମବଙ୍ଗରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ମଇଦାନରେ ୧,୪୭୮ ପ୍ରାର୍ଥୀ ଥିବା ବେଳେ ନିର୍ବାଚନ କମିସନ ୭, ୩୮୪ ବୁଥକୁ ଅତି ସମ୍ବେଦନଶୀଳ ଘୋଷଣା କରିଛନ୍ତି। ବିଜେପି ନେତା ଶୁଭେନ୍ଦୁ ଅଧିକାରୀ, କଂଗ୍ରେସ ଅଧୀର ରଞ୍ଜନ ଚୌଧୁରୀ ପ୍ରମୁଖଙ୍କ ଭାଗ୍ୟ ଆସନ୍ତାକାଲି ନିର୍ଦ୍ଧାରଣ ହେବ । ଏଠାରେ ମୁଖ୍ୟତଃ ତୃଣମୂଳ କଂଗ୍ରେସ ଓ ବିଜେପି ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେଉଛି । ସୁରକ୍ଷା ପାଇଁ ପଶ୍ଚିମବଙ୍ଗରେ ୨ ହଜାର ୧୯୩ଟି କ୍ୱିକ୍ ରିଆକ୍ସନ ଟିମ୍ ନିୟୋଜିତ କରିଛନ୍ତି । ସମ୍ବେଦନଶୀଳ ଅଞ୍ଚଳରେ କଡ଼ାକଡ଼ି କରାଯାଇଛି ସୁରକ୍ଷା ବ୍ୟବସ୍ଥା । ଉତ୍ତର ଏବଂ ଦକ୍ଷିଣ ୨୪ ପରଗନା, ମୁର୍ଶିଦାବାଦ ଏବଂ ମାଲଦା ଜିଲ୍ଲାରେ ପ୍ରତିରୋଧକ ପଦକ୍ଷେପ ସ୍ୱରୂପ ୧୩୫ ଜଣଙ୍କୁ ଗିରଫ କରାଯାଇଛି । ପଶ୍ଚିମବଙ୍ଗରେ ଦ୍ୱିତୀୟ ତଥା ଶେଷ ପର୍ଯ୍ୟାୟ ନିର୍ବାଚନ ଏପ୍ରିଲ ୨୯ ତାରିଖରେ ହେବ । ତାମିଲନାଡୁରେ ରେକର୍ଡ ସଂଖ୍ୟକ ୪, ୬ ପ୍ରାର୍ଥୀ ପ୍ରତିଦ୍ୱନ୍ଦିତା କରୁଛନ୍ତି। ୫ କୋଟି ୭୩ ଲକ୍ଷ ୪୩ ହଜାର ଭୋଟର ସେମାନଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ । ଏଠାରେ ମୁଖ୍ୟତଃ ଡିଏମକେ - କଂଗ୍ରେସ ମେଣ୍ଟ, ଏଆଇଏଡିଏମକେ – ବିଜେପି ମେଣ୍ଟ ଓ ଟିଭିକେ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେଉଛି। ମୁଖ୍ୟମନ୍ତ୍ରୀ ଏମ.କେ ଷ୍ଟାଲିନ, ତାଙ୍କ ପୁଅ ତଥା ଉପମୁଖ୍ୟମନ୍ତ୍ରୀ ଉଦୟନିଧି, ଟିଭିକେ ମୁଖ୍ୟ ବିଜୟ, ଏଆଇଏଡିଏମକେ ସାଧାରଣ ସମ୍ପାଦକ ତଥା ଏନଡିଏରର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଏଡାପାଡି କେ. ପାଲାନିସ୍ୱାମୀ, ପୂର୍ବତନ ମୁଖ୍ୟମନ୍ତ୍ରୀ ଓ. ପନିରସେଲଭମ୍, ବରିଷ୍ଠ ବିଜେପି ନେତ୍ରୀ ତଥା ତେଲଙ୍ଗାନାର ପୂର୍ବତନ ରାଜ୍ୟପାଳ ତାମିଲିସାଇ ସୁନ୍ଦରରାଜନ, ବିଜେପି ରାଜ୍ୟ ସଭାପତି ନୈନାର ନାଗେନ୍ଦ୍ରନ ପ୍ରମୁଖଙ୍କ ଭାଗ୍ୟ ନିର୍ଦ୍ଧାରଣ ହେବ । ସକାଳ ୭ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ମତଦାନ କରାଯିବ ।

# ସ୍ନେହ ସେତୁ'ରେ ମିଳିଲା ନୂଆ ଜୀବନ : ବିହାରରୁ ଉଦ୍ଧାର ହେଲେ ଝାରସୁଗୁଡ଼ାର ନରେନ୍ଦ୍ର

ଝାରସୁଗୁଡ଼ା, ୨୨/୦୪ (ନି.ପ୍ର): ସୋସିଆଲ୍ ମିଡିଆ ଓ ସମ୍ବେଦନଶୀଳ ପ୍ରଶାସନର ସମନ୍ୱୟ କିପରି ଜଣେ ନିଖୋଜ ବ୍ୟକ୍ତିଙ୍କୁ ପୁଣିଥରେ ପରିବାର ସହ ମିଶାଇପାରେ, ତାହାର ଏକ ସ୍ପର୍ଶକାରୀ ଉଦାହରଣ ଝାରସୁଗୁଡ଼ାରେ ଦେଖିବାକୁ ମିଳିଛି। ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ପରିକଳ୍ପନାର 'ସ୍ନେହ ସେତୁ' ଅଭିଯାନ ମାଧ୍ୟମରେ ଦେଢ଼ ବର୍ଷ ଧରି ନିଖୋଜ ଥିବା ଜଣେ ମାନସିକ ଅସୁସ୍ଥ ବ୍ୟକ୍ତିଙ୍କୁ ବିହାରରୁ ଉଦ୍ଧାର କରାଯାଇଛି।

କିର୍ମିରା ବ୍ଲକ ଭିମଯୋର ପଂଚାୟତର ହଣ୍ଡାତୋପା ଗ୍ରାମର ନରେନ୍ଦ୍ର ପୋଢ଼ ଦେଢ଼ ବର୍ଷ ଧରି ନିଖୋଜ ଥିଲେ। ପରିବାର ତାଙ୍କୁ ଖୋଜିବାରେ ବିଫଳ ହୋଇ ଆଶା ଛାଡ଼ିଦେଇଥିବା ବେଳେ, ହଠାତ୍ ଜିଲ୍ଲାପାଳଙ୍କ ନଜରକୁ ଏକ ଇନଷ୍ଟାଗ୍ରାମ ଭିଡିଓ ଆସିଥିଲା। ବ୍ଲଗର ଶୁଭମ ବାରିକଙ୍କ ପୋଷ୍ଟରେ ବିହାରର ବଖ୍ତିଆରପୁରରେ ଥିବା ଜଣେ ଅସହାୟ ବ୍ୟକ୍ତିଙ୍କ ଦୁରବସ୍ଥା ଦେଖାଯାଇଥିଲା, ଯିଏ ପରେ ନରେନ୍ଦ୍ର ବୋଲି ଚିହ୍ନଟ ହୋଇଥିଲେ। ଘଟଣାଟି ଦେଖିବା ସହିତ ଜିଲ୍ଲାପାଳ ତୁରନ୍ତ ପଦକ୍ଷେପ ଗ୍ରହଣ କରିଥିଲେ। ସମୟ ନଷ୍ଟ ନକରି ସେ ନିଜସ୍ୱ ଖର୍ଚ୍ଚରେ ଏକ ଉଦ୍ଧାର ଦଳ ବିହାର ପଠାଇଥିଲେ। ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ, ପିପୁଲ୍ସ ଫୋରମ୍ ଏନଜିଓ ଓ ସ୍ଥାନୀୟ ପୋଲିସଙ୍କ ସମନ୍ୱୟରେ ନରେନ୍ଦ୍ରଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଥିଲା। ଜିଲ୍ଲାପାଳ ଶ୍ରୀ ଚହ୍ୱାଣ କହିଛନ୍ତି ଯେ, "ପ୍ରଶାସନର ସୀମା ଥାଇପାରେ, କିନ୍ତୁ ମାନବିକତାର କୌଣସି ସୀମା ନାହିଁ। 'ସ୍ନେହ ସେତୁ'ର ଲକ୍ଷ୍ୟ ହେଉଛି ସମାଜର ଶେଷ ପାହାଚରେ ଥିବା ଲୋକଙ୍କୁ ସହାୟତା ପହଞ୍ଚାଇବା।" ସେ ଆହୁରି କହିଛନ୍ତି ଯେ, ନରେନ୍ଦ୍ରଙ୍କୁ ଉଚିତ ଚିକିତ୍ସା ଓ କାଉନସେଲିଂ ଯୋଗାଇ ତାଙ୍କୁ ପୁଣି ସାଧାରଣ ଜୀବନରେ ଫେରାଇବା ଉଦ୍ୟମ କରାଯିବ। ନରେନ୍ଦ୍ରଙ୍କୁ ପୁଣିଥରେ ଫେରି ପାଇ ପରିବାର ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି। ତାଙ୍କ ଭାଇ ସୁରେନ୍ଦ୍ର ପୋଢ଼ ଜିଲ୍ଲାପାଳଙ୍କ ପ୍ରତି ଗଭୀର କୃତଜ୍ଞତା ଜଣାଇ କହିଛନ୍ତି ଯେ, ଏହି ସହାୟତା ସେମାନଙ୍କ ପାଇଁ ଅମୂଲ୍ୟ।ବର୍ତ୍ତମାନ ନରେନ୍ଦ୍ରଙ୍କୁ ଝାରସୁଗୁଡ଼ାରେ ଆଶାଲୋକ-୧ ରେ ରଖାଯାଇ ତାଙ୍କ ଚିକିତ୍ସା ଓ ପୁନର୍ବାସନ ବ୍ୟବସ୍ଥା କରାଯାଉଛି। 'ସ୍ନେହ ସେତୁ' ଅଭିଯାନ ଆଜି ଝାରସୁଗୁଡ଼ାରେ ଏକ ଭରସାର ପରିଚୟ ହୋଇଉଠିଛି, ଯାହା ନିଖୋଜ ଓ ନିରାଶ୍ରୟ ଲୋକଙ୍କ ପାଇଁ ଆଶାର ନୂଆ ଆଲୋକ ଜଳାଇଛି ।

# ଝାରବନ୍ଧଠାରେ ସଚେତନତା ଶିବିର

ନୂଆପଡ଼ା, ୨୨/୦୪ (ନି.ପ୍ର): ଜିଲ୍ଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ସିନାପାଲି ବ୍ଲକ୍ ସ୍ଥିତ ଝାରବନ୍ଧ ପଂଚାୟତ ଅନ୍ତର୍ଗତ ଦେବିଚରନ୍ ହାଇସ୍କୁଲରେ ନାଲ୍ସା (ପାଠ୍ୟକ୍ରମ ଛାଡିଥିବା ଓ ଅସୁବିଧାରେ ଥିବା ଛାତ୍ର ଛାତ୍ରୀଙ୍କ ପାଇଁ ଆର୍ଥିକ ସହାୟତା), ଯୋଜନା, ୨୦୨୫ ସମ୍ବନ୍ଧୀୟ ସଚେତନତା ଶିବିର ଆଜି ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଶିବିରରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ନବନୀତା ଦାଶ, ସିନାପାଲି ଗୋଷ୍ଠି ଶିକ୍ଷା ଅଧିକାରୀ ଜିତେନ୍ଦ୍ର କୁମାର ସେଠ, ସିଡ଼ିପିଓ ଉର୍ମିଳା ମହାପାତ୍ର, ଝାରବନ୍ଧ ପଂଚାୟତର ସରପଂଚ ବେଣୁଧର ହରିଜନ, ପି ଇ ଓ ରୋହିତେଶ୍ୱର୍ ନାୟକ, ସିନାପାଲି ଅଧିବକ୍ତା ସଂଘର ଅଧିବକ୍ତାଗଣ ବାଣୀ ବଲ୍ଲଭ ପାଣିଗ୍ରାହୀ, ବିଜୟାନନ୍ଦ ବେହେରା, ଜଗବନ୍ଧୁ ମେହେର, ଗୁଣସାଗର ମେହେର, ବିଦ୍ୟାଳୟର ଶିକ୍ଷକଗଣ ଓ ସିନାପାଲି ତାଲୁକ ଆଇନ ସେବା ସମିତି ଅଧିକାର ମିତ୍ରଗଣ ପ୍ରମୁଖ ଅଂଶଗ୍ରହଣ କରିଥିଲେ । ଏହି ଅବସରରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ନବନୀତା ଦାଶ ନାଲସା (ପାଠ୍ୟକ୍ରମ ଛାଡିଥିବା ଓ ଅସୁବିଧାରେ ଥିବା ଛାତ୍ରଛାତ୍ରୀଙ୍କ ପାଇଁ ଆର୍ଥିକ ସହାୟତା) ଯୋଜନା, ୨୦୨୫ ବିଷୟରେ ବିସ୍ତୃତ ଧାରଣା ଦେଇଥିଲେ ଓ ଶିଶୁଙ୍କୁ ପୁଣିଥରେ ବିଦ୍ୟାଳୟରେ ପ୍ରବେଶ ପାଇଁ ମିଳୁଥିବା ଆଇନ ସହାୟତା ବିଷୟରେ ଆଲୋକପାତ କରିଥିଲେ । ସେହିପରି ସିନାପାଲି ଗୋଷ୍ଠି ଶିକ୍ଷା ଅଧିକାରୀ ଜିତେନ୍ଦ୍ର କୁମାର ସେଠ ଅଧାରୁ ପାଠ୍ୟକ୍ରମ ଛାଡୁଥିବା ଓ ଅସୁବିଧାରେ ଥିବା ଛାତ୍ର ଛାତ୍ରୀଙ୍କ ପାଇଁ ସରକାରଙ୍କ ଦ୍ୱାରା ପ୍ରଚଳିତ ବିଭିନ୍ନ ଯୋଜନା ତଥା ମିଳୁଥିବା ଆର୍ଥିକ ସହାୟତା ବିଷୟରେ ଆଲୋକପାତ କରିଥିଲେ ।

# ଅଣ ମୌସୁମୀରେ ନଦୀରୁ ଜଳ ଉତ୍ତୋଳନକୁ ନେଇ ତୀବ୍ର ଅସନ୍ତୋଷ: ଏସଏମସି ପମ୍ପ ହାଉସ ସମ୍ମୁଖରେ ଗ୍ରାମବାସୀଙ୍କ ଧାରଣା

ଝାରସୁଗୁଡ଼ା, ୨୨/୦୪ (ନି.ପ୍ର): ଝାରସୁଗୁଡ଼ା ଜିଲ୍ଲାର ଇବ୍ ଓ ଭେଡେନ ନଦୀରୁ ଏସଏମସି ପାୱାର ଜେନେରେସନ କମ୍ପାନୀ ପକ୍ଷରୁ ଅଣ-ମୌସୁମୀ ସମୟରେ ଜଳ ଉତୋଳନ ହେଉଥିବା ଅଭିଯୋଗକୁ ନେଇ ସ୍ଥାନୀୟ ଅଂଚଳରେ ଅସନ୍ତୋଷ ଚରମସୀମାକୁ ପହଂଚିଛି। ଏହାକୁ ବିରୋଧ କରି ହିର୍ମା, ବଡ଼ମାଲ, ଜମେରା ଓ ମରାକୁଟା ପଂଚାୟତର ଶତାଧିକ ଗ୍ରାମବାସୀ ସୋମବାର ରାତିରୁ ଆରମ୍ଭ କରି ମଙ୍ଗଳବାର ପର୍ଯ୍ୟନ୍ତ କମ୍ପାନୀର ପମ୍ପ ହାଉସ ସମ୍ମୁଖରେ ଧାରଣା ଜାରି ରଖିଛନ୍ତି। ପ୍ରବଳ ଗ୍ରୀଷ୍ମ ପ୍ରବାହ ଓ ପ୍ରାୟ ୪୫ ଡିଗ୍ରୀ ତାପମାତ୍ରା ସତ୍ୱେ ମହିଳାମାନଙ୍କ ସହ ଗ୍ରାମବାସୀଙ୍କ ଏହି ଆନ୍ଦୋଳନ ଅବ୍ୟାହତ ରହିଛି। ନଦୀର ଜଳସ୍ତର କ୍ରମେ ହ୍ରାସ ପାଇବାରୁ ସ୍ଥାନୀୟ ଅଂଚଳରେ ପାନୀୟ ଜଳ ସମସ୍ୟା ଗୁରୁତର ରୂପ ନେଇଛି।

ଗ୍ରାମବାସୀଙ୍କ କହିବା ଅନୁଯାୟୀ, ନଦୀରେ ପାଣି କମିଯିବାରୁ ଦୈନିକ ଜୀବନ ଜଟିଳ ହୋଇପଡ଼ିଛି ଓ ଗୃହପାଳିତ ପଶୁପକ୍ଷୀମାନେ ମଧ୍ୟ ଜଳାଭାବରେ ପୀଡ଼ିତ। ଧାରଣା ସ୍ଥଳରେ କେତେକ ସମୟରେ ଉତେଜନା ମଧ୍ୟ ଦେଖାଦେଇଛି। ପୋଲିସ ପକ୍ଷରୁ ଆନ୍ଦୋଳନକାରୀଙ୍କୁ ହଟାଇବା ପାଇଁ ଚାପ ପକାଯାଉଥିବା ଅଭିଯୋଗ ହୋଇଥିବା ବେଳେ ପୋଲିସ ଅଧିକାରୀମାନେ କମ୍ପାନୀ ପାଖରେ ସରକାରୀ ଅନୁମତି ଥିବା କହୁଛନ୍ତି। ତେବେ ଗ୍ରାମବାସୀମାନେ ସେହି ଅନୁମତି ପତ୍ର ପ୍ରଦର୍ଶନ କରିବାକୁ ଦାବି କରି ଧାରଣା ଜାରି ରଖିଛନ୍ତି।

ଏ ସନ୍ଦର୍ଭରେ ଉପଜିଲ୍ଲାପାଳ କହିଛନ୍ତି ଯେ, ଜଳସେଚନ ବିଭାଗ ପକ୍ଷରୁ ତଦନ୍ତ କାର୍ଯ୍ୟ ସମ୍ପନ୍ନ ହୋଇଛି ଓ ରିପୋର୍ଟ ମିଳିବା ପରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସୂଚନାଯୋଗ୍ୟ ଯେ, ୨୦୨୦ ମସିହାରୁ ଜଳସମ୍ପଦ ବିଭାଗ ଅଣ-ମୌସୁମୀ ସମୟରେ ନଦୀରୁ ଜଳ ଉତୋଳନ ଉପରେ ପ୍ରତିବନ୍ଧ ଲାଗୁ କରିଛି। ସେହିପରି ୨୦୨୫ ମାର୍ଚ୍ଚ ୧୩ ତାରିଖରେ ବିଧାନସଭାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ ନିୟମ ଉଲ୍ଲଂଘନ କଲେ କଠୋର କାର୍ଯ୍ୟାନୁଷ୍ଠାନ ଓ ଜରିମାନା ହେବ ବୋଲି ସତର୍କ କରିଥିଲେ। ତଥାପି ଏହି ନିର୍ଦ୍ଦେଶ ଅନୁପାଳନ ହେଉନଥିବାରୁ ଅଂଚଳବାସୀଙ୍କ ଅସନ୍ତୋଷ ବଢ଼ୁଛି।

ଜିଲ୍ଲା ପ୍ରଶାସନ ପକ୍ଷରୁ ଏପର୍ଯ୍ୟନ୍ତ ସମସ୍ୟାର ସ୍ଥାୟୀ ସମାଧାନ ନ ହେବାରୁ ଗ୍ରାମବାସୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଯଦି ଶୀଘ୍ର ବେଆଇନ ଜଳ ଉତୋଳନ ବନ୍ଦ କରାଯିବ ନାହିଁ, ତେବେ ଆଗାମୀ ଦିନରେ ବ୍ୟାପକ ଗଣଆନ୍ଦୋଳନ ହେବ ବୋଲି ସେମାନେ ସଚେତନ କରିଛନ୍ତି।

## ନାବାଳିକା ଅପହରଣ ଓ ଦୁଷ୍କର୍ମ ମାମଲା : ଦୋଷୀଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ

ଜୟପୁର, ୨୨/୦୪ (ନି.ପ୍ର): ଜୟପୁର ସ୍ଥିତ ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ ତଥା ପୋକ୍ସୋ କୋର୍ଟରେ ଆଜି ନାବାଳିକା ଅପହରଣ ଓ ଦୁଷ୍କର୍ମ ମାମଲାରେ ଦୋଷୀ କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ ସହ ୫୦ ହଜାର ଟଙ୍କା ଜୋରିମାନାରେ ଦଣ୍ଡିତ କରାଯାଇଛି । ୨୦୨୪ ମସିହାରେ ପଟାଙ୍ଗୀ ଥାନା ଅଂଚଳରେ ଘଟିଥିବା ନାବାଳିକା ବିବାହର ମିଥ୍ୟା ପ୍ରତିଶୃତି ଦେଇ ଅପହରଣ ଏବଂ ଦୁଷ୍କର୍ମ ମାମଲା ରେ ବିଚାର କରି ୧୨ ଜଣ ସାକ୍ଷୀଙ୍କ ସାକ୍ଷ୍ୟ ପ୍ରମାଣକୁ ଭିତି କରି ଜୟପୁର ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ ତଥା ପୋକ୍ସୋ କୋର୍ଟ ଜଜ ସୁଶ୍ରୀ ସଂଘମିତ୍ରା ଦାଶ ଶୁଣାଣି କରିଛନ୍ତି। ସେମିଲିଗୁଡା ଥାନା ଅନ୍ତର୍ଗତ ମାଝୀପୁଟ ଗ୍ରାମର ଗୋପାଳ ପାଙ୍ଗିକୁ ଭାରତୀୟ ପିଙ୍ଗଲ କୋଡ଼ ଧାରା ୩୬୬ ରେ ୩ ବର୍ଷ ସଶ୍ରମ କାରାଦଣ୍ଡ ସହ ୧୦୦୦୦ ଟଙ୍କା ଜରିମାନା, ପୋକ୍ସୋ ଆଇନ ର ଧାରା ୪(୨) ରେ ୨୦ ବର୍ଷ ସଶ୍ରମ କାରାଦଣ୍ଡ ସହ ୨୦୦୦୦/- ଟଙ୍କା ଜୋରିମାନା ଏବଂ ୬ ପୋକ୍ସୋ ଅନୁଯାଇ ୨୦ ବର୍ଷ ସଶ୍ରମ କାରାଦଣ୍ଡ ସହ ୨୦ ହଜାର ଟଙ୍କା ଜୋରିମାନାରେ ଦଣ୍ଡିତ କରିଛନ୍ତି। ଜୋରିମାନା ଟଙ୍କା ଅନାଦେୟ ହେଲେ ଦୋଷୀକୁ ୧୫ ମାସ ଅଧିକା ସଶ୍ରମ କାରାଦଣ୍ଡ ଭୋଗିବାକୁ ପଡିବ ବୋଲି ରାୟରେ ଦର୍ଶାଇଛନ୍ତି । ଆଦାୟ ଜୋରିମାନା ଟଙ୍କା ସହ ସରକାରଙ୍କ ତରଫରୁ ଜିଲ୍ଲା ଆଇନ ସେବା ପ୍ରାଧିକରଣ ମଧ୍ୟମରୁ ପୀଡ଼ିତାଙ୍କୁ ୪୦୦୦୦୦/- ଟଙ୍କା ଅନୁକମ୍ପା ମୂଳକ ରାଶି ପ୍ରଦାନ ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି।

## କୃତି ଛାତ୍ର ଛାତ୍ରୀଙ୍କୁ ମାନପତ୍ର ପ୍ରଦାନ

ଜୟପୁର, ୨୨/୦୪ (ନି.ପ୍ର): କୋରାପୁଟ ଜିଲ୍ଲା ଆମ୍ବାଗୁଡ଼ା ପିଏମ୍ ଶ୍ରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଠାରେ ସୁନିଲ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଭାରତୀୟ ସଂସ୍କୃତି ଜ୍ଞାନ ପରୀକ୍ଷାରେ ଭାଗ ନେଇଥିବା ଓ କୃତିତ୍ୱ ଅର୍ଜନ କରିଥିବା ସମସ୍ତ ଛାତ୍ର ଛାତ୍ରୀଙ୍କୁ ପ୍ରାର୍ଥନା ସଭା କାର୍ଯ୍ୟକ୍ରମର ପରିସମାପ୍ତି ପରେ ମାନପତ୍ର ପ୍ରଦାନ କରାଗଲା । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗାୟତ୍ରୀ ପରିବାରର ବରିଷ୍ଠ କାର୍ଯ୍ୟକର୍ତା, ସପ୍ତଶୃତି କାର୍ଯ୍ୟକ୍ରମ ପ୍ରମୁଖ ନିରଞ୍ଜନ ପାଣିଗ୍ରାହି ଛାତ୍ର ଛାତ୍ରୀଙ୍କୁ ସେମାନଙ୍କ ଜୀବନରେ କୌଣସି ଭୁଲ୍ ନ କରିବା, ଦୂର୍ଗୁଣ ପରିତ୍ୟାଗ କରିବା, ମାତା ପିତାଙ୍କ ପ୍ରତି ଆମ କର୍ତବ୍ୟ ବିଷୟକୁ ଆଲୋକପାତ କରିଥିବା ବେଳେ ମୁଖ୍ୟବକ୍ତା ଭାବେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ବିକ୍ରମଦେବ ବିଶ୍ୱ ବିଦ୍ୟାଳୟର ସଭାପତି ଜ୍ୟୋତିରଞ୍ଜନ ପାଣିଗ୍ରାହି ଛାତ୍ର ଜୀବନରେ ଶୃଙ୍ଖଳା, ଏକତା ବିଷୟରେ ମାର୍ଗ ଦର୍ଶନ ପ୍ରଦାନ କରିଥିଲେ ।

# ପାଣି ପାଇଁ ୨ କିଲୋମିଟର ଯାଉଛନ୍ତି ଗୁଡ଼ଭେଲି ଗ୍ରାମବାସୀ

ନୂଆପଡ଼ା, ୨୨/୦୪ (ନି.ପ୍ର): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ ଡୁଆଝର ଗ୍ରାମପଂଚାୟତ ସ୍ଥିତ ଆଦିବାସୀ ବହୁଳ ଗୁଡଭେଲି ଗାଁରେ ଦେଖାଦେଇଛି ପାନୀୟ ଜଳ ସମସ୍ୟା। ସରକାରଙ୍କ ବସୁଧା ଯୋଜନାରେ ଏହି ଗାଁକୁ ନିକଟସ୍ଥ ସୁନ୍ଦର ନଦୀରୁ ୧୯୯୭ ମସିହାରୁ ପାଇପ ଯୋଗେ ଜଳ ଯୋଗାଣ କରାଯାଇଛି ସତ, ହେଲେ ଗାଁକୁ ଗୋଟିଏ ଦିନ ଜଳ ଯୋଗାଣ ହେଲେ ତିନି ଦିନ ଜଳ ଯୋଗାଣ ବନ୍ଦ ରହୁଛି । ଏଭଳି ଖାମଖିଆଲି ଭାବରେ ଜଳ ଯୋଗାଣ ହେଉଥିବାରୁ ବୁନ୍ଦାଏ ପାଣିପାଇଁ ଗାଁଲୋକେ ଏବେ ଡହଳ ବିକଳ ହେଉଥିବା ଦେଖାଦେଇଛି । ଶେଷରେ ବାଧ୍ୟ ହୋଇ ଗାଁର ମହିଳା ମାନେ ଶୋଷ ମେଂଟାଇବା ପାଇଁ ୨ କି.ମି. ଦୂର ସୁନ୍ଦର ନଦୀ ପଠାରେ ଗାତ ଖୋଳି ଦୂଷିତ ପାଣିକୁ ସଂଗ୍ରହ କରି ପାନୀୟ ଜଳ ଭାବରେ ବ୍ୟବହାର କରୁଥିବା ଦେଖିବାକୁ ମିଳିଛି । ଅପରପକ୍ଷେ ଜିଲ୍ଲା ଜନ ସ୍ୱାସ୍ଥ୍ୟ ବିଭାଗ ଗାଁର ପାଣି ସମସ୍ୟା ପ୍ରତି ଦୃଷ୍ଟି ଦେଉନଥିବା ଗାଁର ମହିଳାମାନେ ଅଭିଯୋଗ କରିଛନ୍ତି। ଜିଲ୍ଲା ସଦର ମହୁକମା ଠାରୁ ୮୦ କି.ମି. ଦୂରତାରେ ଅବସ୍ଥିତ ଡୁଆଝର ଗ୍ରାମ ପଂଚାୟତର ଆଦିବାସୀ ବହୁଳ ଗୁଡ଼ଭେଲି ଗାଁ। ଏହି ଗାଁରେ ପାନୀୟ ଜଳ ସମସ୍ୟା ଉତ୍କଟ ରୂପ ଧାରଣ କରିଛି। ଗ୍ରୀଷ୍ମ ପ୍ରବାହରେ ଶୋଷ ମେଣ୍ଟାଇବା ପାଇଁ ଗାଁରେ ମହିଳା ମାନେ ୨ କି.ମି. ଦୂରତା ସୁନ୍ଦର ନଦୀ ପଠାରେ ଗାତ ଖୋଳି ପାଣି ସଂଗ୍ରହ କରୁଥିବା ଦେଖାଦେଇଛି। ଗାଁର ମହିଳା ମାନେ ଦଳ ଦଳ ହୋଇ ପ୍ରଚଣ୍ଡ ମୁଣ୍ଡ ଫଟା ଖରାକୁ ଖାତିରି ନକରି ବାଧ୍ୟହୋଇ ନଦୀ ପଠାକୁ ଯାଇ ନଦୀର ଦୂଷିତ ଜଳକୁ ସଂଗ୍ରହ କରୁଛନ୍ତି। ଏହି ପାଣି ସ୍ୱାସ୍ଥ୍ୟ ପକ୍ଷେ ହାନିକାରକ ହୋଇଥିବା ବେଳେ, ବିକଳ୍ପ ବ୍ୟବସ୍ଥା ନପାଇ ବାଧ୍ୟ ହୋଇ ଏହି ପାଣିରେ ଶୋଷ ମେଣ୍ଟାଉଥିବା ଗାଁ ମହିଳାମାନେ ପ୍ରକାଶ କରିଛନ୍ତି। ଏହି ଗ୍ରାମରେ ବସୁଧା ଯୋଜନାରେ ୧୯୯୭ ମସିହାରେ ନିକଟସ୍ଥ ସୁନ୍ଦର ନଦୀ ତଟରେ ଗଭୀର କୂପ ଖୋଳି ପାଇପ ଯୋଗେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ହେଉଥିଲା । ଗତ ୨୦୧୬ ମସିହା ପର୍ଯ୍ୟନ୍ତ ଗାଁ ଲୋକେ ଭଲ ଭାବରେ ପାଣି ପାଉଥିଲେ। ହେଲେ ୨୦୧୭ ମସିହାରୁ ଏହି ଜଳ ଯୋଗାଣ ପ୍ରକଳ୍ପ ସହ ସ୍ଥାନୀୟ ଡୁଆଝର ଗାଁକୁ ଯୋଡି ଦେଲା ପ୍ରଶାସନ। ଏହାପରେ ସମସ୍ୟା ଆରମ୍ଭ ହେଲା ଓ ଗୁଡଭେଲି ଗାଁକୁ ପାଣି ପହଂଚି ପାରିଲା ନାହିଁ। ଗୋଟିଏ ଦିନ ଜଳ ଯୋଗାଣ ହେଲେ ତିନି ଦିନ ଜଳ ଯୋଗାଣ ବନ୍ଦ ରହିଲା । ଆଗ ଭଳି ପର୍ଯ୍ୟାପ୍ତ ମାତ୍ରାରେ ପାଣି ନପାଇ ଗ୍ରାମବାସୀ ସ୍ଥାନୀୟ ସୁନ୍ଦର ନଦୀରୁ ପାନୀୟ ଜଳ ସଂଗ୍ରହ କରି ବ୍ୟବହାର କରୁଥିବା ସୂଚନା ଦେଇଛନ୍ତି । ଗାଁରେ ନଳକୂପ ନଥିବା ବେଳେ ଗ୍ରାମର ପ୍ରାଥମିକ ବିଦ୍ୟାଳୟ ଓ ଅଙ୍ଗନୱାଡ଼ି କେନ୍ଦ୍ରରେ ମଧ୍ୟ ନଳକୂପ ନାହିଁ। ଯାହାଫଳରେ କୋମଳ ମତି ଛାତ୍ରଛାତ୍ରୀ ଜଳ କଷ୍ଟ ଭୋଗୁଛନ୍ତି । ଏପରିକି ମଧ୍ୟାହ୍ନ ଭୋଜନ ପ୍ରସ୍ତୁତ ପାଇଁ ପାଚିକା ମାନେ ଗୋଟିଏ କି.ମି. ଦୂରତାରୁ ପାଣି ସଂଗ୍ରହ କରି ରୋଷେଇ କରୁଥିବା କହିଛନ୍ତି। ତୁରନ୍ତ ସରକାର ଏହି ଆଦିବାସୀ ଗାଁ ଲୋକଙ୍କ ପାଇଁ ପୂର୍ବ ଭଳି ଜଳ ଯୋଗାଣ ବ୍ୟବସ୍ଥା କରନ୍ତୁ, ନଚେତ ଆଗାମୀ ଦିନରେ ଖଡ଼ିଆଳ ବ୍ଲକ କାର୍ଯ୍ୟାଳୟ ଘେରାଉ କରିବେ ବୋଲି ଗ୍ରାମର କୌଶଲ୍ୟା ଶବର, ନିଳେନ୍ଦ୍ରି ଶବର, ଧୀର ଶବର, ରେଖା ଶବର, ନୃପରାଜ ଶବରଙ୍କ ସହ ଗ୍ରାମବାସୀ ଚେତାବନୀ ଦେଇଛନ୍ତି । ଅପରପକ୍ଷେ ଗୁଡଭେଲି ଗାଁକୁ ପାଣି ପହଂଚି ପାରୁନଥିବା ଘଟଣାକୁ ଖଡ଼ିଆଳ ବିଡ଼ିଓ ମିଳନ କୁମାର ଝାଙ୍କର ସ୍ୱୀକାର କରିବା ସହିତ ତଦନ୍ତ କରି ତୁରନ୍ତ ପାଣି ଯୋଗାଣ ବ୍ୟବସ୍ଥା କରିବେ ବୋଲି ପ୍ରତିଶୃତି ଦେଇଛନ୍ତି।

# କେନ୍ଦୁଝରରେ ଶ୍ରୀ ଜୟଦେବଙ୍କ ଜୟନ୍ତୀ ଉତ୍ସବ ଉତ୍ସାହ ଓ ଭକ୍ତି ଭାବରେ ପାଳିତ

କେନ୍ଦୁଝର, ୨୨/୦୪ (ନି.ପ୍ର): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସରକାରଙ୍କ ଆନୁକୂଲ୍ୟରେ ପାର୍କ ଲାଇନ ସ୍ଥିତ ଜିଲ୍ଲା ଅଡିଟୋରିୟମରେ ଶ୍ରୀ ଜୟଦେବଙ୍କ ଜୟନ୍ତୀ ଉତ୍ସବ ଉତ୍ସାହ ଓ ଭକ୍ତିଭାବର ସହିତ ପାଳିତ ହୋଇଯାଇଛି।

ଏହି ଅବସରରେ ଆୟୋଜିତ ସାଧାରଣ ସଭାରେ ଜିଲ୍ଲା ସଂସ୍କୃତି ଅଧିକାରୀ ଶ୍ରୀ ରମେଶ ନାୟକ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ସାର୍ଥକ ଅଭିନନ୍ଦନ ରାଏ ଯୋଗଦେଇଥିବା ବେଳେ, ମୁଖ୍ୟ ବକ୍ତା କବି ସୁଧା ଦାଶ ଜୟଦେବଙ୍କ ସାହିତ୍ୟ ସୃଷ୍ଟି, ଓଡ଼ିଆ ଅସ୍ମିତା ଓ ନୂତନ ପୀଢ଼ି ମଧ୍ୟରେ ସେଥିର ଜାଗରଣ ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ।

ସମ୍ମାନିତ ବକ୍ତା ଡ଼କ୍ଟର ଅରୁନ୍ଧତୀ ଓଝା ଜୟଦେବଙ୍କ ରଚନା ଓ ସଂସ୍କୃତ ସାହିତ୍ୟରେ ତାଙ୍କ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ।

ସମ୍ମାନିତ ଅତିଥି ଭାବେ ଶ୍ରୀମତୀ ଭୁବନେଶ୍ୱରୀ ମହନ୍ତ, ସୁଶ୍ରୀ ବିନତୀ ମାଝୀ ଓ ଶ୍ରୀଯୁକ୍ତ ଦେବରାଜ ଆଚାର୍ଯ୍ୟ ଉପସ୍ଥିତ ଥିଲେ। ଶ୍ରୀ ଆଚାର୍ଯ୍ୟ କେନ୍ଦୁଝରରେ ସଙ୍ଗୀତ ମହାବିଦ୍ୟାଳୟ ସ୍ଥାପନା ଓ ଭାଷା-ସାହିତ୍ୟ-ସଂସ୍କୃତିର ଉନ୍ନତି ପାଇଁ ମତ ପ୍ରକାଶ କରିଥିଲେ ଏବଂ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ଓଡ଼ିଆ ଅସ୍ମିତା ଜାଗରଣରେ ଅବଦାନକୁ ପ୍ରଶଂସା କରିଥିଲେ।

ମଂଚ ପରିଚାଳନା ସମୟଶ୍ରୀ ଚାଟର୍ଜୀ କରିଥିବା ବେଳେ, ସମାରୋପ ବକ୍ତବ୍ୟରେ ଅବିନାଶ ଦାସ ଓଡ଼ିଶାର ନାରୀ ଜାଗରଣ, ସଂସ୍କୃତ ଅଧ୍ୟନ ଓ ନୂତନ ପୀଢ଼ିର "ସ୍ୱ" ଜାଗରଣ ଉପରେ ଗୁରୁତ୍ୱ ଆରୋପ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ସୁର ନିକେତନ ପକ୍ଷରୁ ଗୀତ ଗୋବିନ୍ଦ ପରିବେଷଣ କରାଯାଇଥିବା ବେଳେ, ଇନ୍ଦ୍ରଧନୁ ଓ ଓମଶାଇ ଗ୍ରୁପ ପକ୍ଷରୁ ଓଡ଼ିଶୀ ନୃତ୍ୟ ମାଧ୍ୟମରେ ଗୀତ ଗୋବିନ୍ଦର ଅପୂର୍ବ ପ୍ରଦର୍ଶନ ହୋଇଥିଲା। ବଳଭଦ୍ରପୁର ଓ ନାଉପସୀର ସଂକୀର୍ତ୍ତନ ଦଳ ଦ୍ୱାରା ଭଜନ ପରିବେଷଣ କରାଯାଇ, ସମଗ୍ର ପରିବେଶକୁ ଭକ୍ତିମୟ କରିଦେଇଥିଲା ଓ ଉପସ୍ଥିତ ଦର୍ଶକମାନଙ୍କୁ ଆକର୍ଷିତ କରିଥିଲା।

# ଏନଏଚ-୪୯ କୋଲାବିରା ଅଂଚଳରେ ବର୍ଜ୍ୟ ଗୁଣ୍ଡ ଉଡୁଛୁ: ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ

ଝାରସୁଗୁଡ଼ା, ୨୨/୦୪ (ନି.ପ୍ର): ଝାରସୁଗୁଡ଼ା ଜିଲ୍ଲାର ଏକ ବୃହତ୍ କାରଖାନାରୁ ବର୍ଜ୍ୟ ଗୁଣ୍ଡ ପରିବହନକୁ କେନ୍ଦ୍ର କରି କୋଲାବିରା ଅଂଚଳରେ ପୁଣିଥରେ ପ୍ରଦୂଷଣ ସମସ୍ୟା ଗଭୀର ରୂପ ନେଇଛି। ଜାତୀୟ ରାଜପଥ ନମ୍ବର ୪୯ରେ ଝାରସୁଗୁଡ଼ା–କୋଲାବିରା–କୁଚିଣ୍ଡା ମାର୍ଗ ଦେଇ ପ୍ରତିଦିନ ଶତାଧିକ ଭାରି ଯାନରେ ବର୍ଜ୍ୟ ଗୁଣ୍ଡ ଦେବଗଡ଼ ଓ ବଣେଇ ଅଂଚଳକୁ ପରିବହନ ହେଉଥିବା ଅଭିଯୋଗ ହେଉଛି। ଅସୁରକ୍ଷିତ ଭାବେ ଓ ଓଭରଲୋଡ଼ିଂ କରି ବର୍ଜ୍ୟ ବୋଝାଯାଉଥିବାରୁ ରାସ୍ତା ଉପରେ ଗୁଣ୍ଡ ପଡ଼ି ପବନରେ ଉଡୁଛି। ଯେଉଁ ସ୍ଥାନରେ ଅଧିକ ପରିମାଣରେ ବର୍ଜ୍ୟ ସଂଚୟ ହୋଇଛି, ସେଠାରେ ଗାଡ଼ି ଚଳାଚଳ ସମୟରେ କୁହୁଡ଼ି ସଦୃଶ ପରିସ୍ଥିତି ସୃଷ୍ଟି ହେଉଛି। ଏହା ଯାତ୍ରୀମାନଙ୍କ ପାଇଁ ଗୁରୁତର ସମସ୍ୟା ସୃଷ୍ଟି କରୁଛି, ବିଶେଷ କରି ସାଇକେଲ ଓ ବାଇକ ଚାଳକମାନେ ଅଧିକ ପ୍ରଭାବିତ ହେଉଛନ୍ତି। କେମିକାଲ ଯୁକ୍ତ ବର୍ଜ୍ୟ ଗୁଣ୍ଡ ପବନରେ ଉଡ଼ିବାରୁ ବାତାବରଣ ପ୍ରଦୂଷଣ ଭୟାବହ ରୂପ ନେଉଛି ଏବଂ ଏହା ଲୋକଙ୍କ ସ୍ୱାସ୍ଥ୍ୟ ପାଇଁ ଗୁରୁତର ସମସ୍ୟା ହେବା ଆରମ୍ଭ କରିଛି। ସ୍ଥାନୀୟ ଯୁବନେତା ମନୁଆ ପୁରୋହିତଙ୍କ କହିବା ଅନୁସାରେ, କାରଖାନାଟି ପ୍ରଭାବଶାଳୀ ହୋଇଥିବାରୁ ପ୍ରଶାସନଙ୍କୁ ଅଭିଯୋଗ କରିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉନାହିଁ। ସୂଚନା ମିଳୁଛି ଯେ, ଜିଲ୍ଲା ବାହାରର ଜଣେ ରାଜନୈତିକ ନେତାଙ୍କ ତତ୍ୱାବଧାନରେ ଏହି ବର୍ଜ୍ୟ ପରିବହନ ହେଉଛି। ପୂର୍ବରୁ ୨୦୨୫ ମସିହାରେ ଏହି ସମସ୍ୟା ନେଇ ଜନମତ ଜୋରଦାର ହେବା ପରେ ବିଧାୟକ ଟଙ୍କଧର ତ୍ରିପାଠୀ ଜିଲ୍ଲାପାଳଙ୍କୁ ପତ୍ର ଲେଖିଥିଲେ ଓ ସାଂସଦ ପ୍ରଦୀପ ପୁରୋହିତ ମଧ୍ୟ ହସ୍ତକ୍ଷେପ କରିଥିଲେ। ତା'ପରେ କୋଲାବିରା ମାର୍ଗରେ ବର୍ଜ୍ୟ ପରିବହନ ପ୍ରାୟ ୬ ମାସ ପର୍ଯ୍ୟନ୍ତ ବନ୍ଦ ଥିଲା ଏବଂ ଅଂଚଳବାସୀ ଶାନ୍ତିରେ ଥିଲେ। କିନ୍ତୁ ପ୍ରାୟ ୧୦ ରୁ ୧୫ ଦିନ ହେଲା ପୁଣିଥରେ ବର୍ଜ୍ୟ ପରିବହନ ଆରମ୍ଭ ହୋଇଛି। ପ୍ରଥମେ ଲୋକଙ୍କ ପ୍ରତିକ୍ରିୟା ଜାଣିବା ପାଇଁ କେବଳ ରାତିରେ ପରିବହନ କରାଯାଉଥିଲା, ଗତ କିଛି ଦିନ ହେଲା ଦିନ-ରାତି ଶତାଧିକ ଯାନ ଚଳାଚଳ କରୁଥିବା ଅଭିଯୋଗ ହେଉଛି। ଏହା ଫଳରେ ଅଂଚଳବାସୀଙ୍କ ମଧ୍ୟରେ ପୁଣିଥରେ ଗଭୀର ଅସନ୍ତୋଷ ଦେଖାଦେଇଛି। ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ସାଧାରଣରେ ଦାବି ହେଉଛି।

# କବି ବାଂଛାନିଧି ମହାନ୍ତିଙ୍କର ୧୨୯ତମ ଜୟନ୍ତୀ ଉପଲକ୍ଷେ ଏକ ସ୍ମୃତିଚାରଣ ସଭା



ଭୁବନେଶ୍ୱର, ୨୨/୦୪ (ନି.ପ୍ର): କବି ବାଂଛାନିଧି ସ୍ମୃତି ସଂସଦ, ଭୁବନେଶ୍ୱର ତରଫରୁ ଆଜି ତା୨୦,୦୪,୨୦୨୬ରିଖ ଦିନ ବୁଦ୍ଧ ମନ୍ଦିର, ଭୁବନେଶ୍ୱରଠାରେ ଓଡିଶା ସାହିତ୍ୟ ଏକାଡେମୀ ଓ ଭଦ୍ରକ ସମ୍ମିଳନୀର ମିଳିତ ସହଯୋଗରେ ଜାତୀୟ କବି ବାଂଛାନିଧି ସ୍ମୃତି ସଂସଦ ଭୁବନେଶ୍ୱର ତରଫରୁ କବି ବାଂଛାନିସ୍ ମହାନ୍ତିଙ୍କର ୧୨୯ତମ ଜୟନ୍ତୀ ଉପଲକ୍ଷେ ଏକ ସ୍ମୃତି ଚାରଣ ସଭା ମହା ସମାରୋହରେ ଆୟୋଜିତ ହୋଇଯାଇଛି। ଏହି ଅବସରରେ ଦେଶାତ୍ମବୋଧକ କବିତା ପାଠ, କବି ବାଂଛାନିଧି ମହାନ୍ତିଙ୍କ ଦେଶାତ୍ମବୋଧକ କବିତାର ଗାୟକ ବୈକୁଣ୍ଠନାଥ ପାଣିଗ୍ରାହୀଙ୍କର ଆତ୍ମଜୀବନୀ ପୁସ୍ତକ 'ଜୀବନ ଯେମିତି ଜୀଇଁଛି' ଓ କବି ତରୁଣବାଳା ମହାପାତ୍ରଙ୍କର କବିତା ପୁସ୍ତକ 'ସୁରଭିତ ସ୍ମୃତି' ଉନ୍ମୋଚନ କରାଯାଇଛି ।' କବି ବାଂଛାନିଧି ସ୍ମୃତି ସମ୍ମାନ' ଗବେଷକ ଓ ଐତିହାସିକ ଡ.ଅଜୟ କୁମାର ପଣ୍ଡା, ସଂଗ୍ରାହକ ବିକାଶ କୁମାର ଶତପଥୀ, ସମାଜସେବୀ ରାଧାରାଣୀ ମହାପାତ୍ର ଓ ଅଧାପିକା ଝରଣା ପଟ୍ଟନାୟକଂକୁ ପ୍ରଦାନ କରାଯାଇଛି । ଉକ୍ତ ଉତ୍ସବକୁ ବିଶିଷ୍ଟ କବି ଓ ପ୍ରାକ୍ତନ ପ୍ରଶାସକ ଡ.ରବିନାରାୟଣ ସେନାପତି ଉଦଘାଟନ କରିଥିଲେ। ବିଶିଷ୍ଟ ସାହିତ୍ୟିକ ଓ ଭାଷାବିତ୍ ପ୍ରଫେସର ବସନ୍ତ କୁମାର ପଣ୍ଡା, ମୁଖ୍ୟ ଅତିଥି ରୂପେ ଯୋଗଦେଇ କବିଂକର ସ୍ୱାଧୀନତା ସଂଗ୍ରାମକୁ ମହତ୍ୱପୂର୍ଣ୍ଣ ଅବଦାନ ବିଷୟରେ ଆଲୋକପାତ କରିଥିଲେ । ବିଶିଷ୍ଟ ଐତିହାସିକ ଓ ସଂସ୍କୃତି ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଅମୀୟ କୁମାର ପଟ୍ଟନାୟକ ମୁଖ୍ୟ ବକ୍ତା ରୂପେ ଯୋଗଦେଇ କବିଂକର ଦେହାନ୍ତ ପରେ ମଧ ୧୯୪୨ ମସିହାରେ ରକ୍ତତୀର୍ଥ ଇରମ ସଂଲଗ୍ନ ୨୬ ଟି ଗ୍ରାମକୁ ନେଇ 'ସ୍ୱାଧୀନ ବାଂଛାନିଧି ଚକଲା' ନାମରେ ଏକ ସମାଂତରାଳ ଶାସନାଂଚଳ ଗଢିଉଠିଥିଲା ଓ ବହୁ ମହତ୍ୱପୂର୍ଣ୍ଣ ପ୍ରସଂଗ ଉପସ୍ଥାପିତ କରିଥିଲେ । ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ଡ.ଚନ୍ଦ୍ରଶେଖର ହୋତା କବିଂକର ଅଗ୍ନିବର୍ଷୀ କବିତା ବିଷୟରେ ଆଲୋକପାତ କରିଥିଲେ । ଉପରୋକ୍ତ ଉତ୍ସବରେ ସଭାପତିତ୍ୱ କରିଥିଲେ ବାଂଛାନିଧି ସ୍ମୃତି ସଂସଦର ସଭାପତି ବିଜୟଲକ୍ଷ୍ମୀ ପଟ୍ଟନାୟକ ଓ ସଂପାଦକୀୟ ବିବରଣୀ ପାଠ କରିଥିଲେ ସଂସଦର ସଂପାଦକ ନୀରୋଦ କୁମାର ରାଉତ, ବିଶିଷ୍ଟ କବି ସୁରେନ୍ଦ୍ର ପାଣିଗ୍ରାହୀ ମଂଚ ସଂଚାଳନା କରିଥିଲେ। ଭଦ୍ରକ ସମ୍ମିଳନୀର ସଭାପତି ପ୍ରଫେସର ପ୍ରଭାତ କୁମାର ପାଢୀ ଧନ୍ୟବାଦ ଅର୍ପଣ କରିଥିଲେ । ବିଶିଷ୍ଟ କବି ଉମାକାଂତ ରାଉତଙ୍କ ସଭାପତିତ୍ୱରେ ପଚାଶରୁ ଉର୍ଦ୍ଧ କବି କବିତାପାଠ କରିଥିଲେ । କବି ମାନଗୋବିଂଦ ବାରିକ ଓ କବି ସବିତାରାଣୀ ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ସୁଂଦର ସଂଯୋଜନା କରିଥିଲେ ଯୁବକବି ସ୍ରୋତସ୍ୱିନୀ ପରିଡା ଓ ସ୍ମୃତିସୁଧା ସାହୁ ।

# ଅସହ୍ୟ ତାତିରେ ସିଝୁଛି ଜୟପୁର: ସମସ୍ୟା ବଢ଼ାଉଛି ବିଦ୍ୟୁତର ଲୁଚକାଳି ଖେଳ; ବିଭିନ୍ନ ସ୍ଥାନରେ ମନଇଚ୍ଛା ବିଦ୍ୟୁତକାଟ

ଜୟପୁର, ୨୨/୦୪ (ନି.ପ୍ର): କୋରାପୁଟ ଜିଲ୍ଲାରେ ଗତ କିଛି ଦିନ ହେଲା ଗ୍ରୀଷ୍ମ ପ୍ରବାହ ବୃଦ୍ଧି ପାଇଛି ଓ ଏହା ସମସ୍ତଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଛି ଓ ପ୍ରବଳ ଖରାତାତି ସାଙ୍ଗକୁ ବିଦ୍ୟୁତ୍ ବିଭାଗର ଲୁଚକାଳି ଏହି ଦୁଃଖକୁ ଦ୍ୱିଗୁଣିତ କରିଛି । ବିଶେଷ କରି ଗତ ଦୁଇ ତିନି ଦିନ ହେଲା ତାପମାତ୍ରା ବୃଦ୍ଧି ପାଇଛି । ଏହି ତାପମାତ୍ରା ଭିତରେ ବିଭାଗୀୟ ନିର୍ଦ୍ଦେଶ ସତ୍ୱେ ବିଭିନ୍ନ ଆଳ ଦେଖାଇ ମନଇଚ୍ଛା ବିଦ୍ୟୁତ୍ କାଟ ହେଉଛି । ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି ଓ ଅନ୍ୟପକ୍ଷରେ ବିଦ୍ୟୁତ୍ ସରବରାହ ପ୍ରଭାବିତ ହେଉଛି । ଜୟପୁର ସହର ସମେତ କୋରାପୁଟ ଜିଲ୍ଲାର କୋଟପାଡ଼, ସେମିଲିଗୁଡା, କୋରାପୁଟ ସହ ବିଭିନ୍ନ ସ୍ଥାନରେ ପ୍ରବଳ ମାତ୍ରାରେ ଗ୍ରୀଷ୍ମ ପ୍ରବାହ ଅନୁଭବ ହୋଇଥାଏ । ଏହି କ୍ରମରେ ଚଳିତ ବର୍ଷ କିଛି ଦିନ ହେଲା ଜୟପୁର ସହରରେ ଯିବା ଆସିବା ଲୋକଙ୍କ ପାଇଁ କଷ୍ଟସାଧ ହୋଇପଡିଛି । ସଂଧ୍ୟା ପର୍ଯ୍ୟନ୍ତ ସହରର ପ୍ରମୁଖ ରାସ୍ତା ଖାଲି ପଡିଛି । ବିଦ୍ୟୁତ ର ଲୁଚକାଳି ଖେଳ ଲୋକଙ୍କ ଦୁଃଖକୁ ଦ୍ୱିଗୁଣିତ କରିଛି । ଜିଲ୍ଲାର ପ୍ରାୟ ସବୁଆଡେ ଜିଲ୍ଲାରେ ତାପମାତ୍ରା ବୃଦ୍ଧି ପାଇଛି । ଗତ ପ୍ରାୟ ଗୋଟିଏ ସପ୍ତାହ ହେଲା ପ୍ରତ୍ୟେକ ଦିନ ତାପମାତ୍ରା ବୃଦ୍ଧି ପାଇଛି । ଖରା ସହ ଝାଞ୍ଜିପବନ ଯୋଗୁ ଦିନ ୧୦ଟାରୁ କିଛି ଦିନ ହେଲା ମନଇଚ୍ଛା ବିଦ୍ୟୁତ୍ କାଟି ଦିଆଯାଇଛି । ଏନେଇ କାରଣ ପଚାରିଲେ ବିଭାଗୀୟ କର୍ମଚାରୀ ବିଭିନ୍ନ ପ୍ରକାର ଆଳ ଦେଖାଉଛନ୍ତି ଓ ଜୟପୁର ସହରରେ ଯେତେବେଳେ ଲୋକମାନେ ତତଲା କଢେଇରେ ଭାଜି ହେଉଛନ୍ତି ସେହି ସମୟରେ ବିଦ୍ୟୁତ୍ ଲୁଚକାଳି ଖେଳ ଲୋକଙ୍କ ଅସନ୍ତୋଷ ବଢାଉଛି । ଅପରାହ୍ନ ୨ଟାରେ ବି ବିଦ୍ୟୁତ୍ କାଟି ଦିଆଯାଉଛି । ଏହାଫଳରେ ଲୋକେ ଗରମରେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ମଧ୍ୟରାତିରେ ମଧ୍ୟ ମନଇଚ୍ଛା ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ କରିଦିଆଯାଉଛି । ତେବେ ଶକ୍ତି ବିଭାଗ ମନ୍ତ୍ରୀ ଗ୍ରୀଷ୍ମ ପ୍ରବାହରେ ବିଦ୍ୟୁତ୍ କାଟ କରି ଲୋକଙ୍କୁ ହଇରାଣ ନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

# ୫୦ କେଜି ଗଞ୍ଜେଇ ଜବତ: ୫ ଅଭିଯୁକ୍ତ କୋର୍ଟ ଚାଲାଣ

ମାଲକାନଗିରି, ୨୨/୦୪ (ନି.ପ୍ର): ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ ଅନ୍ତର୍ଗତ ଏମଭି -୨୭ ଗ୍ରାମ ୩୨୬ ଜାତୀୟ ରାଜପଥ ନିକଟରେ କାଲିମେଳା ପୋଲିସ୍ ଟିମ୍ ପେଟ୍ରୋଲିଂ କରୁଥିବା ସମୟରେ ୫୦ କେଜି ଗଞ୍ଜେଇ ଜବତ କରିବା ସହ ୫ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଅଭିଯୁକ୍ତ ମାନେ ହେଲେ ସିଏଚ ୟେଶୋଦାଶୁ, ଡି ପ୍ରବୀଣ କୁମାର, ଏ ମହେଶ ବାବୁ, ଏନ ରାହୁଲ, ପି ମନେନ୍ଦ୍ର ବାବୁ। ସେମାନେ ଆନ୍ଧ୍ରପ୍ରଦେଶ ଅଂଚଳରେ ହୋଇଥିବା ବେଳେ ସେମାନଙ୍କ ପାଖରୁ ଦୁଇଟି ମୋଟର ସାଇକେଲ, ତିନୋଟି ମୋବାଇଲ୍ ଫୋନ୍ ଜବତ କରିଛି କାଲିମେଳା ପୁଲିସ । ସୂଚନା ମୁତାବକ, ସେମାନେ ଏମଭି -୨୭ ଗ୍ରାମ ୩୨୬ ନମ୍ବର ଜାତୀୟ ରାଜପଥ ନିକଟରେ ବେଆଇନ ଭାବରେ ଚୋରା ଗଞ୍ଜେଇ ରଖି ବସିଥିବା ବେଳେ ପୁଲିସ ଘଟଣାସ୍ଥଳରେ ପହଂଚି ଯାଂଚ୍ କରିବା ସହ ସେମାନଙ୍କୁ ଗିରଫ କରିଥିଲେ ।

## ଧାରାବାହିକ:

ଭାଗ-୩୮

# ସଂକ୍ଷିପ୍ତ ଭାଗବତ କଥାମୃତ

### ୧୦ମ ସ୍କନ୍ଧ, ଗୋପଲୀଳା




ଡ. ଶ୍ରୀହରି ପଣ୍ଡା




ଏହାପରେ ନନ୍ଦ, ଯଶୋଦା, ଦେବକୀ, ବସୁଦେବ, ରୋହିଣୀ ଅଶ୍ରୁପୂର୍ଣ୍ଣ ନୟନରେ ପରସ୍ପରକୁ ସ୍ନେହାଲିଙ୍ଗନ କରି ପୂର୍ବସ୍ମୃତି ଚାରଣ କଲେ । କିପରି କଂସ ଭୟରେ ବସୁଦେବ ଶ୍ରୀକୃଷ୍ଣଙ୍କୁ ନେଇ ମହାମାୟାଙ୍କୁ ପଲଟାଇ ଆଣିବା ଏବଂ କଂସ ହାତରୁ ଅସହ୍ୟ ଦୁଃଖ ନିର୍ଯ୍ୟାତନା ଭୋଗ କରିବା, ପୁଣି ରାମକୃଷ୍ଣଙ୍କୁ ନନ୍ଦ ଯଶୋଦା ନିଜ ଜନ୍ମିତ ପୁତ୍ରଠାରୁ ଅଧିକ ଯତ୍ନରେ ଲାଳନ ପାଳନ କରିବା, ଏହି ସବୁ ବିଷୟରେ ସ୍ମୃତିଚାରଣ କରୁଥିଲେ । ଦେବକୀ, ବସୁଦେବ, ରୋହିଣୀ, ନନ୍ଦ ଯଶୋଦା ନିକଟରେ ହୃଦୟର ଗଭୀର କୃତଜ୍ଞତା ଜଣାଇବା ନିମିତ୍ତ ଉପଯୁକ୍ତ ଭାଷା ନପାଇ ଅତ୍ୟନ୍ତ ବିନୀତ ସ୍ୱରରେ ସେମାନଙ୍କ ହସ୍ତ ଧରି କହିଲେ, ହେ ସହୃଦ ନନ୍ଦରାଜା, ପ୍ରିୟ ଭଗିନୀ ନନ୍ଦରାଣୀ ତୁମେ ଦୁହେଁ କୃଷ୍ଣ ବଳରାମଙ୍କ ପ୍ରକୃତ ଜନ୍ମଦାତା ଓ ଜନ୍ମଦାତ୍ରୀ । ସେହି ଦୁଇ ଭାଇଙ୍କୁ ତୁମେମାନେ ଯେଉଁପରି ଜନ୍ମିତ ସନ୍ତାନଠାରୁ ସହସ୍ରଗୁଣରେ ବଳି ସ୍ନେହ ମମତା ଦେଇ ଲାଳନପାଳନ କଲ ତାହାର ପଟାନ୍ତର ନାହିଁ । ଏହି ମହତ ଋଣକୁ ଆମେ ଜନ୍ମ ଜନ୍ମାନ୍ତରରେ ମଧ ପରିଶୋଧ କରିପାରିବୁ ନାହିଁ । ଶ୍ରୀଶୁକଦେବ କହିଲେ, ହେ ରାଜା ! ଗୋପାଙ୍ଗନାମାନେ ସେମାନଙ୍କ ଇପ୍ସିତ ପ୍ରଭୁ ଶ୍ରୀକୃଷ୍ଣଙ୍କୁ ସର୍ବ ସମ୍ମୁଖରେ ଆଲିଙ୍ଗନ କରିବାକୁ ଅକ୍ଷମ ହୋଇ ନିଜ ନିଜ ହୃଦୟରେ ଦୃଢ ଅଶ୍ଲେଷରେ ଆବଦ୍ଧ କଲେ ଓ ପ୍ରେମାଶ୍ରୁର ବନ୍ୟା ଛୁଟାଇ ହୃଦୟର ଜ୍ୱାଳାକୁ କିଛି ପରିମାଣରେ ନିବାରଣ କଲେ । ଏହି ସମୟରେ ଭକ୍ତ ପ୍ରେମ ବିଭୋର ଭଗବାନ ଏକାନ୍ତରେ ତାଙ୍କର ପ୍ରାଣପ୍ରିୟା ଗୋପୀକାମାନଙ୍କୁ ଭେଟି ପ୍ରତ୍ୟେକଙ୍କୁ ନିଜର ଦୃଢ ଆଶ୍ଲେଷ ପ୍ରଦାନ କଲେ ଓ ହସହସ ମୁଖରେ କହିଲେ, ଆଗୋ ମୋର ପରମ ପ୍ରିୟବତୀ, ପ୍ରାଣସ୍ୱରୂପା ଗୋପାଙ୍ଗନା ବୃନ୍ଦ, ମୁଁ ତ ସ୍ୱଜନମାନଙ୍କ ରକ୍ଷା ନିମିତ୍ତ ଶତ୍ରୁ ବିନାଶାର୍ଥେ ଗୋପପୁରକୁ ତ୍ୟାଗକରି ମଥୁରାକୁ ଚାଲି ଆସିଲି । ଏହା ଭିତରେ ଅନେକ ଦିନ ବିତିଗଲାଣି । ମୁଁ କଣ କେବେ ତୁମମାନଙ୍କର ମନେପଡେ ? ତୁମକୁ ଛାଡି ଆସିଲି ବୋଲି ମୋତେ ଗାଳି ଦିଅ ନାହିଁ ତ ? ଏହା କହି ଗୋପୀମାନଙ୍କୁ ଚାହିଁ ମୃଦୁ ହାସ ପ୍ରକଟ କଲେ । ଅତୀତର ନଟନାଗରବରଙ୍କ ଏହି ଅମୃତମୟୀ ବାଜବାକ୍ୟକୁ ଶ୍ରବଣ କରି ଗୋପୀମାନେ ହସିବେ କି କାନ୍ଦିବେ ସ୍ଥିର କରିପାରିଲେ ନାହିଁ । ସେମାନଙ୍କ ହୃଦୟରେ ଅଷ୍ଟ ସାତ୍ତ୍ୱିକ ଭାବର ସଞ୍ଚାର ହେଲା । ନିଜର ଅଶ୍ରୁଜଳରେ ଶ୍ରୀକୃଷ୍ଣଙ୍କ ଚରଣ ଧୌତକରି ଶୋକ ଗଦଗଦ କଣ୍ଠରେ କହିଲେ, ହେ ପ୍ରାଣ ବଲ୍ଲଭ ! ତୁମରି ଆଶ୍ରିତା ଶ୍ରୀଚରଣ ସେବିକା ଏହିଦାସୀମାନଙ୍କର ମନୋଭାବ କଣ ତୁମକୁ ଅଜ୍ଞାତ ? ଆମେ ମୂର୍ଖ, ନିର୍ବୋଧ ଗୋପାଲୁଣୀ କି ଉତ୍ତର ଦେବୁ ? କେବଳ ମାତ୍ର ଦେହଟା ପଡି ରହିଛି ସିନା ନଚେତ ତୁମେ ଯିବା ସମୟରେ ମନ, ପ୍ରାଣ ସବୁ ହରଣ କରି ନେଇଛ । ତୁମର ଅଧରାମୃତ ପାନ କରାଇଥିବାରୁ ନ ମରି ବଞ୍ଚିଛୁ । ଏ ପ୍ରକାର ପ୍ରଶ୍ନ ପଚାରି ଅଭାଗୀମାନଙ୍କୁ କି ପ୍ରକାର ପରୀକ୍ଷା କରୁଛ ? ଭଗବାନ ଶ୍ରୀକୃଷ୍ଣ ରରୁଦ୍ୟମାନ ଗୋପୀମାନଙ୍କ ଶାନ୍ତ୍ୱନା ଦେଇ କହିଲେ, ଆଗୋ ପ୍ରାଣପ୍ରିୟା ବୃନ୍ଦ ଜୀବ ମଧ୍ୟରେ ଏହି ଯେଉଁ ସଂଯୋଗ, ବିୟୋଗ ଏହା ତ ସୃଷ୍ଟିର ସାଶ୍ୱତ ପ୍ରକ୍ରିୟା । ଏହା ଅନିର୍ବାର୍ଯ୍ୟ ଓ ଅଲଂଘ୍ୟ । ଯେପରି ବାୟୁ ଚାଳିତ ମେଘମାଳା ଓ ପୃଥିବୀର ଧୂଳିକଣା ମଧ୍ୟରେ ସଂଯୋଗ ବିୟୋଗ ପ୍ରକ୍ରିୟା ଅହରହ ଚାଲିଛି, ସେହିପରି ଈଶ୍ୱରଙ୍କ ଇଛାରେ ପ୍ରାଣୀ ମଧ୍ୟରେ ଏହି ପ୍ରକ୍ରିୟା ମଧ ନିରବଛିନ୍ନ ଭାବେ ଚାଲିଛି । ତେବେ ଯେଉଁମାନେ ମୋଠାରେ ଆତ୍ମ ନିବେଦନ କରିଛନ୍ତି ସେମାନେ ମୋଠାରୁ କେବେ ହେଲେ ଭିନ୍ନ ହୁଅନ୍ତି ନାହିଁ । ତୁମମାନଙ୍କର ସୌଭାଗ୍ୟ ଯେ ସଶରୀରେ ମୋତେ ପ୍ରାପ୍ତ ହୋଇଛ । ମୁଁ କର୍ତ୍ତା, କାରଣ, ଭୋକ୍ତା ଓ ଭୋଗ୍ୟ, ମୋଦ୍ୱାରା ସୃଷ୍ଟି ଚତୁର୍ବିଂଶ ତତ୍ତ୍ୱକୁ ନେଇ ସୃଷ୍ଟି ରଚନା କରେ ଓ ପ୍ରତ୍ୟେକ ଜୀବ ମଧ୍ୟରେ ଆତ୍ମା ସ୍ୱରୂପ ଅଧିଷ୍ଠାନ କରେ । କୌଣସି ଜୀବ ବା ବସ୍ତୁରୁ ମୁଁ ଚ୍ୟୁତ ନୁହେଁ ବୋଲି ନାମ ମୋର ଅଚ୍ୟୁତ । ହେ ମୋର ସଙ୍ଗିନୀବୃନ୍ଦ, ମୁଁ ତୁମମାନଙ୍କ କେତେବେଳେ ହେଲେ ତ୍ୟାଗ କରିନାହିଁ କି କରିପାରିବି ନାହିଁ । ମୁଁ ତ୍ରିଗୁଣ ରଜ୍ଜୁରେ ଜଗତ ବାନ୍ଧିଛି ମାତ୍ର ତୁମପରି ଭକ୍ତମାନେ ପ୍ରେମ ଭକ୍ତି ଡୋରରେ ମୋତେ ବାନ୍ଧି ରଖିଅଛ । ତୁମର ମୋର ସମ୍ପର୍କ ନିବିଡ ଓ ଅବିଛେଦ୍ୟ । ଗୋପୀମାନେ ଭଗବାନଙ୍କଠାରୁ ଏହି ତତ୍ତ୍ୱ ଜ୍ଞାନ ଶ୍ରବଣ କରି କୃତକୃତ୍ୟ ହେଲେ ଏବଂ ବାରମ୍ବର ଏହାକୁ ଶ୍ରବଣ କରିବା ଫଳରେ ସେମାନଙ୍କର ଜ୍ଞାନ, ମନ ଓ ଧ୍ୟାନ ସ୍ଥୁଳ ଶରୀର ଅର୍ଗଳକୁ ଭେଦ କରି ଉର୍ଦ୍ଧ୍ୱକୁ ପ୍ରସାରିତ ହେଲା । ଏହି ରୂପେ ସେମାନେ ଭଗବାନଙ୍କୁ ସଦା ସର୍ବଦା ନିଜ ନିଜର ହୃଦୟରେ ଅଧିଷ୍ଠିତ କରାଇ ପରମାନନ୍ଦ ଉପଲବ୍ଧ କଲେ ।

### ୮୪ ଅଧ୍ୟାୟ, ଶ୍ରୀକୃଷ୍ଣଙ୍କ ପାଟରାଣୀଙ୍କ ସହ ଦ୍ରୌପଦୀଙ୍କ କଥୋପକଥନ

ଶ୍ରୀଶୁକଦେବ କହିଚାଲିଲେ ଭଗବାନ ବ୍ରଜକାମିନୀମାନଙ୍କୁ ତତ୍ତ୍ୱପଦେଶ ଦ୍ୱାରା ପ୍ରବଧନା ପ୍ରଦାନ କରିସାରି ଯୁଧିଷ୍ଠିର ଓ ଅନ୍ୟ ସୁହୃଦ ବାନ୍ଧବମାନଙ୍କ ସହିତ ମଧୁର ଆଳାପ କରି ସେମାନଙ୍କର ଆନନ୍ଦ ବର୍ଦ୍ଧନ କଲେ । ଭଗବାନଙ୍କ ଶ୍ରୀଚରଣ ଦର୍ଶନ କରି ସେମାନଙ୍କର ସମସ୍ତ ପାପ ଦୂର ହୋଇଗଲା ଏବଂ ଚିତ୍ତ ସ୍ୱତଃ ନିର୍ମଳ ଓ ପ୍ରସନ୍ନ ହୋଇ ଉଠିଲା । ସେମାନେ ଭଗବାନଙ୍କ ପାଦପଦ୍ମରେ ମନ, ଧ୍ୟାନ ଅର୍ପଣ କରି କହିଲେ, ହେ ହୃଷିକେଶ, ପରମ ସୁଖଦାତା, ମହାପୁରୁଷମାନେ ତୁମ ଚରଣାରବିନ୍ଦ ମକରନ୍ଦକୁ ମହାନନ୍ଦରେ ପାନ କରିଥାନ୍ତି । କେବେ ସେମାନଙ୍କ ମୁଖରୁ ତୁମର ଗୁଣାବଳୀ କଥନ ଛଳରେ ସେହି ଅମୃତ ଧାରାର ପ୍ଲାବନ ଘଟେ । ଏହା ଏକ ଅଭୂତ ରସ ଯେ ଅଜ୍ଞାନୀ ବ୍ୟକ୍ତି ଯଦି ନିଜ ସୌଭାଗ୍ୟ ହେତୁ ଏହାର ମହିମା ନଜାଣି ଅଜ୍ଞାତସାରରେ ଏହାକୁ ପାନକରେ ତେବେ ମଧ ତା ଚକ୍ଷୁରୁ ଅଜ୍ଞାନତା ଦୂର ହୋଇ ଜନ୍ମ ମରଣ ଚକ୍ରରୁ ମୁକ୍ତିପାଏ । ଯେଉଁ ଭାଗ୍ୟବାନ ସଦାସର୍ବଦା ତୁମର ପବିତ୍ର ନାମମୃତ ପାନ କରୁଥାନ୍ତି ତାଙ୍କର ଭାଗ୍ୟ କଥା ବା କଣ କହିବା ? ତୁମର ତ୍ରିଗୁଣମୟୀ ମାୟା ସେମାନଙ୍କ ସ୍ପର୍ଶ କରିପାରେ ନାହିଁ, ସେମାନେ ତୁମର ପବିତ୍ର ନାମ ରୂପକ ନାବରେ ବସି ସର୍ବଦା ବିହାର କରନ୍ତି ଓ ଯମ ଭୟକୁ ନାଶ କରନ୍ତି । ପ୍ରଭୁ ! ତୁମେ ପୂର୍ଣ୍ଣକାମ, ଆତ୍ମାରାମ, ନିଗମ ବର୍ଣ୍ଣିତ ଜ୍ୟୋତିର୍ମୟ ପରମ ହଂସ ସ୍ୱରୂପୀ, ବୁଦ୍ଧି, ବୃତ୍ତି, ଅହଂକାରର ହେତୁ ସ୍ୱରୂପ ଜାଗ୍ରତ, ସ୍ୱପ୍ନ ଓ ସୁଶୁପ୍ତି , ଏହି ତିନି ଅବସ୍ଥାରେ ସେହି ପ୍ରାଣୀ ତୁମର ସେହି ଅଚିନ୍ତ୍ୟ ଓ ଅଲୌକିକ ସ୍ୱରୂପକୁ ଅବଧାରଣା କରିପାରେ ନାହିଁ । ସମୟର ପ୍ରବାହ ମଧ୍ୟରେ ବେଦର ପ୍ରଭାବ ହ୍ରାସ ହେଲେ ତୁମେ ସେହି ଅଚିନ୍ତ୍ୟ ପରମ ହଂସ ସ୍ୱରୂପ ତ୍ୟାଗକରି ନିଜର ଯୋଗମାୟାରେ ମାୟାମାନବ ସ୍ୱରୂପ ଗ୍ରହଣ କରିଥାଅ । ଆମ୍ଭେମାନେ ତୁମ ଚରଣରେ ନମସ୍କାର କରୁଅଛୁ । ସମବେତ ରାଜା ମହତ ବ୍ୟକ୍ତିମାନେ ଶ୍ରୀକୃଷ୍ଣଙ୍କର ଏପରି ସ୍ତୁତି କରବା ସମୟରେ ଯାଦବ ଓ କୌରବ, ପାଣ୍ଡବ କୁଳବୋଧୂମାନେ ଏକତ୍ରିତ ହୋଇ ପ୍ରଭୁଙ୍କର ଗୁଣ ଓ ମହିମା ବିଷୟରେ କଥୋପକଥନ କରୁଥିଲେ । ଦେବୀ ଦ୍ରୌପଦୀ ସ୍ମିତ ମୁଖରେ ଦେବୀ ରୁକ୍ମିଣୀ, ସତ୍ୟଭାମା, କାଳନ୍ଦୀ, ଭଦ୍ରା, ଜାମ୍ବବତୀ ପ୍ରମୁଖ ଶ୍ରୀକୃଷ୍ଣଙ୍କ ପତ୍ନୀମାନଙ୍କୁ ଜିଜ୍ଞାସା କଲେ ବ୍ରହ୍ମାଣ୍ଡନାଥ ପ୍ରଭୁଙ୍କୁ ବରଣ କରିବାର ସୌଭାଗ୍ୟ ତୁମାନଙ୍କର କିପରି ହେଲା । ଏହା ଶୁଣି ରୁକ୍ମିଣି କହିଲେ ମୋର ଜ୍ୟେଷ୍ଠଭ୍ରାତା ରୁକ୍ମଣ ମୋତେ ଚେଦୀ ଦେଶର ରାଜା ଶିଶୁପାଳକୁ ବିବାହ ଦେବାକୁ ଆୟୋଜନ କରିଥିଲେ ମାତ୍ର ମୁଁ ପୂର୍ବରୁ ପ୍ରଭୁଙ୍କ ଶ୍ରୀଚରଣରେ ମନ ପ୍ରାଣ ଅର୍ପଣ କରି ସାରିଥିବାରୁ ସେ ଯଥା ସମୟରେ ପହଞ୍ଚି ଲକ୍ଷେରାଜାଙ୍କୁ ଯୁଦ୍ଧରେ ପରାସ୍ତ କରି ମୋତେ ରଥରେ ବସାଇ ଘେନି ଆସିଥିଲେ । ଦେବୀ ସତ୍ୟଭାମା କହିଲେ, ମୋର ପିତା ଶତ୍ରାଜିତ ସୂର୍ଯ୍ୟଦେବଙ୍କ ପ୍ରଦତ୍ତ ସ୍ୟମନ୍ତକ ମଣିକୁ ତାଙ୍କର କନିଷ୍ଠ ଭ୍ରାତାକୁ ଦେଇଥିଲେ । ବଣରେ ସିଂହ ତାକୁ ମାରି ମଣିକୁ ଛଡାଇନେଲା ଓ ସିଂହକୁ ମାରି ତ୍ରେତା ଯୁଗର ମଲ୍ଲ ଶ୍ରୀ ଜାମ୍ବବାନ ମଣିଟିକୁ ନେଇଗଲେ । ମାତ୍ର ମୋର ପିତା ସେହି ମଣି ଶ୍ରୀକୃଷ୍ଣ ହରଣ କରିଛନ୍ତି ବୋଲି ସନ୍ଦେହ କରିବାରୁ ତାଙ୍କ ସନ୍ଦେହ ଦୂର କରିବାକୁ ସେ ଜାମ୍ବବାନକୁ ଯୁଦ୍ଧରେ ପରାସ୍ତ କରି ତାଙ୍କର କନ୍ୟା ଜାମ୍ବବତୀକୁ ବିବାହ କଲେ ଓ ମଣିକୁ ଯୌତୁକ ସ୍ୱରୂପ ପ୍ରାପ୍ତ ହେଲେ । ସେହି ମଣିକୁ ଆଣି ମୋର ପିତାକୁ ପ୍ରତ୍ୟାର୍ପଣ କରିବାରୁ ମୋର ପିତା ମଣି ସହିତ ମତେ ଶ୍ରୀକୃଷ୍ଣଙ୍କୁ ପ୍ରଦାନ କଲେ । ଜାମ୍ବବତୀ କହିଲେ, ମୋର ପିତା ଜାମ୍ବବାନ ପ୍ରଭୁ ଶ୍ରୀରାମଙ୍କ ବରରେ ଅଜେୟ ଓ ଅମର । ଶ୍ରୀକୃଷ୍ଣ ନବଦିନ ଓ ନବରାତ୍ର ଯୁଦ୍ଧରେ ପରାସ୍ତ କରିନପାରିବାରୁ ସେ ଧ୍ୟାନରେ ଜାଣିପାରିଲେ ଯେ ଶ୍ରୀକୃଷ୍ଣ ହିଁ ତାଙ୍କର ପ୍ରଭୁ ଶ୍ରୀରାମଚନ୍ଦ୍ର । ତେଣୁ ପରମାନନ୍ଦରେ ମଣି ସହିତ ମତେ ପ୍ରଭୁଙ୍କୁ ଅର୍ପଣ କରିଥିଲେ । ଦେବୀ କାଳନ୍ଦୀ କହିଲେ, ପ୍ରଭୁ ଶ୍ରୀକୃଷ୍ଣ ପ୍ରାପ୍ତି ଆଶାରେ ଘୋର ବନରେ କଠୋର ତପସ୍ୟା କରିବାରୁ ପ୍ରସନ୍ନ ହୋଇ ଅର୍ଜୁନଙ୍କୁ ପଠାଇ ଯମୁନା ତଟସ୍ଥ ବନରୁ ଘେନି ଆସି ପାଣି ଗ୍ରହଣ କଲେ । ମିତ୍ରବିନ୍ଦା କହିଲେ, ମୋର ପିତା ବିବାହ ନିମିତ୍ତ ସ୍ୱୟମ୍ବର କଲେ, ସେଥିରେ ପ୍ରଭୁ ଶ୍ରୀକୃଷ୍ଣ ଅନ୍ୟ ରାଜାମାନଙ୍କୁ ପରାସ୍ତ କରି ମୋତେ ପତ୍ନୀରୂପେ ଗ୍ରହଣ କରିଥିଲେ । ମୋର ଜୀବନରେ ଏକମାତ୍ର କାମନା ପ୍ରଭୁଙ୍କ ଦାସୀ ହେବା ସୌଭାଗ୍ୟ ସର୍ବଦା ମିଳୁଥାଉ । ସତ୍ୟାଦେବୀ କହିଲେ ମୋର ପିତା ପଣ କରିଥିଲେ, ଯେ ଆମର ସୁତୀକ୍ଷ୍ଣ ଶିଙ୍ଗ ବିଶିଷ୍ଟ ପରାକ୍ରମୀ ସପ୍ତ ଷଣ୍ଢକୁ ଯେ ଏକକାଳୀନ ବନ୍ଧନ କରିପାରିବ ସେହି ବୀର ରାଜପୁତ୍ର ମୋର ପାଣିଗ୍ରହଣ କରିବା ଅନେକ ଦେଶରୁ ବଳଶାଳୀ ଯୁବରାଜ ସେହି କର୍ମ କରିବାକୁ ଅସମର୍ଥ ହେବାପରେ ପ୍ରଭୁ ନିଜର ଅଭୂତ ବଳବିକ୍ରମ ପ୍ରଦର୍ଶନ କରି ସପ୍ତ ବୃଷଭଙ୍କୁ ଦୃଢ ରଜ୍ଜୁ ଦ୍ୱାରା ଏକ ସମୟରେ ଅକ୍ଲେଶରେ ବନ୍ଧନ କରିବାରୁ ମୋର ପିତା ଅନେକ ଦାସଦାସୀଙ୍କ ସହ ବହୁ ଧନରତ୍ନ ଦେଇ ବିଦାକଲେ । ଭଦ୍ରାଦେବୀ କହିଲେ, ପ୍ରଭୁ ଶ୍ରୀକୃଷ୍ଣ ମୋର ମାତୁଳ ପୁତ୍ର । ବାଲ୍ୟକାଳରୁ ମୁଁ ତାଙ୍କରି ଶ୍ରୀଚରଣରେ ମନ ଧ୍ୟାନ ଅର୍ପଣ କରିଥିଲି, ମୋର ପିତା ଏହା ଜାଣିପାରି ପରମ ଆନନ୍ଦରେ ସପ୍ତ ଅକ୍ଷୌହିଣୀ ସୈନ୍ୟ ଓ ଦାସଦାସୀ ସହ ବିଦା କରିଥିଲେ । ଦେବୀ ଲକ୍ଷଣା କହିଲେ, ମହର୍ଷି ନାରଦଙ୍କ ମୁଖରୁ ପ୍ରଭୁଙ୍କ ଗୁଣଗାଥା ସର୍ବଦା ଶ୍ରବଣ କରି ମୁଁ ତାଙ୍କରି ପାଦପଦ୍ମରେ ମନପ୍ରାଣ ସମର୍ପଣ କରିଦେଇଥିଲି । ମୋର ପିତା ହୃଦସେନ ଭଗବାନଙ୍କ ଶ୍ରୀକୃଷ୍ଣଙ୍କ ପ୍ରାପ୍ତି ଆଶାରେ ଏକ କଠୋର ପଣ ସ୍ଥିର କଲେ । ହେ ଦେବୀ ତୁମର ସ୍ୱୟମ୍ବରରେ ଯେପରି ତୁମ ପିତା କଠିନ ଲାଖବିନ୍ଧା ପଣର ବ୍ୟବସ୍ଥା କରିଥିଲେ ମୋର ପିତା ମଧ ସେହିପରି କରିଥିଲେ । ।ର୍ଥକ୍ୟ କେବଳ ଏତିକି ଥିଲା ଯେ ସ୍ତମ୍ଭ ଉପରେ ଟଙ୍ଗା ଯାଇଥିବା ମତ୍ସ୍ୟ ଢାଙ୍କୁଣୀ ଦ୍ୱାରା ସମ୍ପୂର୍ଣ୍ଣ ଆବୃତ୍ତ ହୋଇ ବାହାରକୁ ଦେଖା ନ ଯାଉଥିଲେ ମଧ ଭୂମିରେ ସ୍ଥାପିତ ଜଳକୁଣ୍ଡରେ ତାର ଛାୟା ପତିତ ହେଉଥିଲା ।

( କ୍ରମଶଃ )


+ ଗୌଡ଼ଗାଁ, କପ୍ତିପଦା, ମୟୂରଭଞ୍ଜ
(ମୋ) ୯୮୫୩୯୪୮୪୫୮


## ସମ୍ପର୍କର ରଙ୍ଗ

# ବିଚାର ହିଁ ପ୍ରଗତିର ମୁଖ୍ୟ ପଥ




ଶ୍ୱେତା ରାଉତ୍


ଆମେ ସମାଜରେ ବଞ୍ଚିବା ପାଇଁ କେତେ କଣ କରୁଛେ । କେତେ ନିତି ନିୟମ, ପ୍ରଥା ପରମ୍ପରା, ଆଇନ କାନୁନ, ସମ୍ବିଧାନ, ସଂରକ୍ଷଣ ଆଦି ଅନେକ ଦିଗରେ କାର୍ଯ୍ୟ କରୁଛେ । ସମାଜକୁ ଶୃଙ୍ଖଳିତ ଓ ବ୍ୟବସ୍ଥିତ ରଖିବା ପାଇଁ ଆମେ ଅନେକ ଯୋଜନା କରିପାରନ୍ତି, ଅନେକ ନିୟମ ବଦଳାଇ ପାରନ୍ତି, କିନ୍ତୁ ଯେପର୍ଯ୍ୟନ୍ତ ଆମ ବିଚାର ବଦଳି ନାହିଁ, ସେ ପର୍ଯ୍ୟନ୍ତ ସମାଜର କିଛି ବି ଭଲ ହେବାର ସମ୍ଭାବନା ନାହିଁ ।

ଏବେ ଆଇନ ଯେତେ କଠୋର ହେଉଛି, ଯେତେ ନୂଆ ଦଣ୍ଡ ବିଧାନର ଆଇନ ପ୍ରଣୟନ ହେଉଛି, ସେତେ ବେଶୀ ଅସାମାଜିକ କାମ ବଢୁଛି । ହତ୍ୟା, ଲୁଣ୍ଠନ, ଦୁଷ୍କର୍ମ ଆଦି ବଢ଼ିବାରେ ଲାଗିଛି । ସତେ ଯେମିତି ଆଇନକୁ କିମ୍ବା ସମ୍ବିଧାନର ଦଣ୍ଡବିଧାନକୁ ଅପରାଧୀର ଖାତର ନାହିଁ । ତେଣୁ ଏଭଳି ମାନସିକତା ରଖୁଥିବା ଲୋକମାନେ ସମାଜରେ କେଉଁ ପ୍ରକାର କାମରେ ଆସିବେ ?

ଯେତେ ଯେତେ ନାରୀ ସଶକ୍ତିକରଣ କଥା କହୁଛେ, ନାରୀକୁ ଅଗ୍ରାଧିକାର ଦେଉଛେ, ସ୍ୱାଧୀନତାର ସହ ବଞ୍ଚିବାର ଅଧିକାର ପାଉଛି ନାରୀ, ସେତେ ବେଶୀ ସମ୍ବେଦନଶୀଳ ଘଟଣା ଘଟୁଛି ନାରୀ ସହ ଏବଂ ଅନେକ ପାରିବାରିକ ଅସନ୍ତୋଷ ଘଟୁଛି ନାରୀ ପାଇଁ । କେଉଁଠି ନାରୀ ଶୀକାର ହେଉଛି ତ କେଉଁଠି ନାରୀ ଶୋଷଣ କରୁଛି । କୌଣସି ସରକାରୀ ନିୟମ, ଅନୁକମ୍ପା, ସ୍ୱାଧୀନତା, ସଚେତନତା କେବେ ବି ନାରୀର ଗରିମାକୁ ଅକ୍ଷୁର୍ଣ୍ଣ ରଖିପାରିବ ନାହିଁ, ଯେପର୍ଯ୍ୟନ୍ତ ବିଚାରର ପରିବର୍ତ୍ତନ ହୋଇନାହିଁ ।

ସରକାରୀ ସ୍କୁଲରେ ଆମେ ପିଲାକୁ ପଢ଼ାଉ ନାହାନ୍ତି, ଅଥଚ ସରକାରୀ ଚାକିରି କରୁ ବୋଲି ଆମେ ଆମ ପିଲା ପାଇଁ ବ୍ୟସ୍ତ । ସରକାରୀ ଡାକ୍ତରଖାନାରେ ଆମେ ରୋଗ ଦେଖାଇବାକୁ ପସନ୍ଦ କରୁନେ, ଅଥଚ ସରକାରୀ ଡାକ୍ତର ହେବା ପାଇଁ ପିଲା ଉପରେ ଚାପ ପକାଇ ଏକ ପ୍ରକାର ମାନସିକ ଚାପ ଦେଉଛେ ପିଲାଙ୍କୁ ।

ଏତେ ସହଜ ନୁହେଁ, ସାଧାରଣ ଭାବେ ଏକ ଶୃଙ୍ଖଳିତ ଜୀବନ ବଞ୍ଚିବା । ଦୁନିଆର ଚକ୍ରାନ୍ତମୂଳକ ଦୌଡ ଭିତରୁ ବାହାରି ଆସି ଆମ ବିଚାରକୁ ବଦଳାଇବାକୁ ପଡ଼ିବ । ବାହାରେ ଯାହାବି ଘଟୁ, ଆମ ନିଜ ଭିତରେ ବାଟ ଖୋଜିବାକୁ ପଡ଼ିବ । ଆମ ବିଚାରକୁ ଶୁଦ୍ଧ ରଖିବାକୁ ପଡ଼ିବ ।


+ ରାଉତ କମ୍ପ୍ଲେକ୍ସ, କଟକ ରୋଡ଼,
ଲକ୍ଷ୍ମୀସାଗର, ଭୁବନେଶ୍ୱର
ମୋ: ୯୪୩୯୭୨୬୦୬୦


# ଖରାଦିନେ ଆଳୁ ଖରାପ ହେଉଛି କି ? ଜାଣନ୍ତୁ ସଠିକ୍ ଷ୍ଟୋରେଜ୍ ଉପାୟ



ଖରାଦିନ ଆରମ୍ଭ ହେବା ସଙ୍ଗେ ସଙ୍ଗେ ଘରେ ସାଧାରଣ ସମସ୍ୟା ଗୁଡ଼ିକ ପରିଲକ୍ଷିତ ହୋଇଥାଏ । ଯେମିତିକି କ୍ଷୀର ଛିଡ଼ିଯିବା ଠାରୁ ଆରମ୍ଭ କରି ପରିବା ପଚି ଗନ୍ଧହେବା ପର୍ଯ୍ୟନ୍ତ । ଏମିତିକି ପରିବା ଶୀଘ୍ର ପଚି ଗନ୍ଧ ହୋଇଥାଏ । ପରିବାକୁ ଆମେ ଷ୍ଟୋର କଲେ ଏହା ଅଧିକ ଗ୍ରୀଷ୍ମତାପ କାରଣରୁ ନଷ୍ଟ ହୋଇଯାଏ । ଏହି ପ୍ରସଙ୍ଗରେ ଆଳୁ ବିଷୟରେ ଆଲୋଚନା କରିବା । ଖରାଦିନେ ଆଳୁ ଖରାପ ହେବା ସହ ଏହା ଗନ୍ଧ ମଧ ହୋଇଥାଏ । ତେବେ ଆସନ୍ତୁ ଜାଣିବା କେଉଁ ଉପାୟ ପ୍ରୟୋଗ କଲେ ଏହି ସମସ୍ୟାରୁ ଆମେ ମୁକ୍ତ ହୋଇପାରିବା ଏବଂ ଆଳୁ ଆଉ ପଚି ଗନ୍ଧ ହେବନାହିଁ ।

ଏଥିରେ କେବଳ ଆଳୁ ନଷ୍ଟ ହୋଇନଥାଏ ବରଂ ଏହି ଖରାପ ଆଳୁକୁ ଦେଖି ଦେଖି ବେଳେବେଳେ ଆମକୁ ଖାଇବାକୁ ଆଉ ଇଛା ମଧ ହୁଏନାହିଁ । ଆମେ ଜାଣନ୍ତି ଯେ ଆଳୁ ପ୍ରତ୍ୟେକ ଖାଦ୍ୟରେ ପଡ଼ିଥାଏ । ଆଳୁ ଶୀଘ୍ର ଶାଘ୍ର ଖରାପ ହେଲେ ଆମ ମୁଡ୍ ମଧ ଖରାପ ହୋଇଯାଇଥାଏ । ଖାସକରି ଆମେ ଯେତେବେଳେ ଆଳକୁ କିଛିଦିନ ଷ୍ଟୋର କରି ରଖିବାକୁ ଚାହିଁଥାଉ ଏହା ନଷ୍ଟ ହୋଇଯାଇଥାଏ । ସେତେବେଳେ ଏହି ସମସ୍ୟା ଆହୁରି ବଢ଼ିଯାଇଥାଏ । ଏହା ଜାଣିବା ଆବଶ୍ୟକ ଯେ ଏମିତି ବି କିଛି ଉପାୟ ଅଛି ଯାହାକୁ ଆପଣେଇଲେ ଆଳୁ ମଧ କିଛି ଦିନ ପାଇଁ ନପଚି ଫ୍ରେସ୍ ରହିପାରିବ । ତେବେ ଜାଣନ୍ତୁ ଆଳୁ ଅଧିକ ଦିନ ଧରି ଫ୍ରେସ ରହିବ କିପରି ?

*କେମିତି ଜାଣିବା ଯେ ଆଳୁ ଖରାପ ?*

ଯଦି ଆପଣ ଆଳୁ ଚୋପା ଦେଖି ଭାବୁଛନ୍ତି ଏହା ଖରାପ ହୋଇଯାଇଛି ଏହା ଏକ ଭୁଲ୍ ଧାରଣା ଅଟେ । ସବୁ ଚୋପା ଖରାପ ହୋଇଯାଇଥିବା ଆଳୁ ଖରାପ ହୋଇନଥାଏ । ସବୁଠୁ ଜାଣିବାର କଥା ଯେ ଆଳୁ ଭଲ ଅଛି କି ନାହିଁ । ଯାହା ଆମକୁ ଅନେକ ଚିନ୍ତାରେ ପକାଇଥାଏ । ଯଦି ଆଳୁରେ ଛୋଟ ଛୋଟ ଦାନା ରହିଥାଏ ତେବେ ଏହାକୁ ଭଲ ଭାବେ କାଟି ବ୍ୟବହାର କରିପାରିବେ । କିନ୍ତୁ ଯଦି ଦାନାର ଆକାର ବଡ଼ କିମ୍ବା ଏହା ଅତ୍ୟଧିକ ଗନ୍ଧଯୁକ୍ତ ହୋଇଥାଏ ତେବେ ତୁରନ୍ତୁ ଏହାକୁ ଫିଙ୍ଗି ଦିଅନ୍ତୁ । ଏହାକୁ ବାଦ୍ ଦେଇ ଯେଉଁ ଆଳୁ ଅତ୍ୟଧିକ ନରମ ମଧ ହୋଇଯାଇଥାଏ ତାହାକୁ ମଧ ଖାଆନ୍ତୁ ନାହିଁ । ଏହା ଆମ ଶରୀର ପାଇଁ ଅତ୍ୟନ୍ତ କ୍ଷତିକାରକ ଅଟେ ।

ଆଳୁକୁ ଷ୍ଟୋର ଭଲସ୍ଥାନରେ କରନ୍ତୁ । ଅତ୍ୟଧିକ ଥଣ୍ଡା ସ୍ଥାନରେ କିମ୍ବା ଅତ୍ୟଧିକ ଗରମ ସ୍ଥାନରେ ରଖନ୍ତୁ ନାହିଁ । ସବୁବେଳେ ଥଣ୍ଡା ଏବଂ ଶୁଷ୍କ ସ୍ଥାନରେ ରଖିବାକୁ ଚେଷ୍ଟା କରନ୍ତୁ । ଅତ୍ୟଧିକ ଗରମ ହେଲେ ଆଳୁ ଶୁଖିବାକୁ ଲାଗିଥାଏ । ଏଥିପାଇଁ ରୋଷେଇ ଘର ଆଲମାରୀରେ ରଖିବା ସବୁଠୁ ଭଲ ହୋଇଥାଏ । ଯଦି ଆପଣ ଆଳୁକୁ ଲମ୍ବା ସମୟ ଧରି ରଖିବାକୁ ଚାହୁଁଛନ୍ତି ତେବେ ସୂର୍ଯ୍ୟକିରଣରୁ ଦୂରେଇ ରହନ୍ତୁ ।

ଆଳୁକୁ ଖୋଲା ସୂର୍ଯ୍ୟକିରଣରେ ରଖିଲେ ଏହା ଖରାପ ହୋଇଯାଇଥାଏ । ଆଳୁକୁ ସର୍ବଦା ଅନ୍ଧାର ,ସ୍ଥାନରେ ରଖନ୍ତୁ । ଏହା ଭଲ ରହିବ । ଆଳୁକୁ ଏମିତି ଯାଗାରେ ରଖନ୍ତୁ ଯେଉଁଥିରେ ପବନ ଯିବାଆସିବା ଭଲ ହୋଇଥିବ । ସବୁବେଳେ ପାଛିଆ କିମ୍ବା ଆଲମିରାରେ ରଖିବାକୁ ଚେଷ୍ଟା କରନ୍ତୁ । ପ୍ଲାଷ୍ଟିକ୍ ବ୍ୟାଗର ବ୍ୟବହାର କରନ୍ତୁ ନାହିଁ । କିଛି ଲୋକ ଫ୍ରିଜରେ ବି ଆଳୁକୁ ରଖନ୍ତି ଫ୍ରେସ ରହିବା ପାଇଁ । ହେଲେ ଏହା ସମ୍ପୂର୍ଣ୍ଣ ଭୁଲ ପନ୍ଥା ଅଟେ । ଫ୍ରିଜରେ ଆଳୁ ରଖିଲେ ଏହା ଖରାପ ହେବା ସହ ସ୍ୱାଦହୀନ ମଧ ହୋଇଯାଇଥାଏ । ଯଦି ଆଳୁ କଟା ହୋଇଥାଏ ତେବେ ଏହାକୁ ପାଣିରେ ଫ୍ରିଜରେ ରଖିପାରିବେ । ଏହାକୁ ଚବିଶ ଘଣ୍ଟା ପର୍ଯ୍ୟନ୍ତ ଫେସ ହୋଇ ରହିବ ଏବଂ ଏହାକୁ ରାନ୍ଧିକି ଖାଇ ପାରିବେ ।

# ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ସଚେତନତା: ଧୂମ୍ରପାନୀଙ୍କୁ ଦୂରରେ ରଖନ୍ତୁ



ଲୋକମାନେ ସାଧାରଣତଃ ଭାବନ୍ତି ଯେ ସିଗ୍ରେଟ୍ ଧୂମ୍ରପାନ କରୁଥିବା ବ୍ୟକ୍ତିଠାରୁ ଅଳ୍ପ ଦୂରରେ ରହିଲେ ସୁରକ୍ଷିତ ରହିପାରିବେ । କିନ୍ତୁ ଏକ ନୂତନ ସ୍ୱାସ୍ଥ୍ୟ ରିପୋର୍ଟ ଏହି ଧାରଣାକୁ ଭୁଲ୍ ସାବ୍ୟସ୍ତ କରିଛି । ବିଶେଷଜ୍ଞମାନଙ୍କ କହିବା ଅନୁଯାୟୀ, ଧୂମ୍ରପାନ କରୁଥିବା ବ୍ୟକ୍ତିଙ୍କ ନିକଟରେ ରହିବା ମାତ୍ରରେ ମଧ ଅନ୍ୟମାନେ ଗୁରୁତର ରୋଗର ସମ୍ଭାବନାରେ ପଡ଼ନ୍ତି । ଡାକ୍ତରମାନେ କହୁଛନ୍ତି, ସେକେଣ୍ଡ ହାଣ୍ଡ ଧୂମ୍ରପାନ,ମାନବ ଶରୀରର ପ୍ରାୟ ସମସ୍ତ ଅଙ୍ଗକୁ କ୍ଷତି ପହଞ୍ଚାଏ । ସେକେଣ୍ଡ ହାଣ୍ଡ ଧୂମ୍ରପାନ ହେଉଛି ଯାହା ଆପଣଙ୍କୁ ଧୂମ୍ରପାନ କରୁଥିବା ବ୍ୟକ୍ତି ଛାଡୁଥିବା ଧୂଆଁ,ଯାହା ଆପଣକ ଶରୀରକୁ ଆଜଣାତରେ ଆସେ । ଏହା ହୃଦୟ, ଫୁସଫୁସ, ମସ୍ତିଷ୍କ ଓ ପ୍ରଜନନ ତନ୍ତ୍ରକୁ ପ୍ରଭାବିତ କରିପାରେ । କେବଳ ଅଳ୍ପ ସମୟର ସଂସ୍ପର୍ଶ ମଧ ହୃଦ୍‌ରୋଗ, ଷ୍ଟ୍ରୋକ୍ ଭଳି ଜଟିଳ ସମସ୍ୟାର ଚାନ୍ସ ବଢ଼ାଇଦିଏ, ବିଶେଷକରି ଯେମାନଙ୍କର ପୂର୍ବରୁ ରକ୍ତଚାପ, ଡାଏବେଟିଜ୍ କିମ୍ବା କଲେଷ୍ଟେରଲ୍ ସମସ୍ୟା ରହିଛି । ଏହି ଧୂଆଁରେ ହଜାରରୁ ଅଧିକ ବିଷାକ୍ତ ରାସାୟନିକ ଥାଏ, ଯାହାର ଅନେକଟି କ୍ୟାନ୍ସର ସୃଷ୍ଟି କରିପାରେ । ଧୂମ୍ରପାନ କରୁଥିବା ବ୍ୟକ୍ତି ଠାରୁ ଦୂରେ ଥିଲେ ମଧ ଏହି ବିଷାକ୍ତ ଧୂଆଁ ଅନ୍ୟମାନଙ୍କ ଶରୀରକୁ ପ୍ରବେଶ କରେ । ଶିଶୁମାନେ, ଗର୍ଭବତୀ ମହିଳା ଓ ବୃଦ୍ଧମାନେ ଏହାରୁ ସବୁଠାରୁ ଅଧିକ ପ୍ରଭାବିତ ହୁଅନ୍ତି । ଶିଶୁମାନଙ୍କରେ ଶ୍ୱାସରେ ଯନ୍ତ୍ରଣା ଦେଖାଯାଏ , ଆସ୍ଥମା, ଓ ଅନ୍ୟାନ୍ୟ ସଂକ୍ରମଣ ବଢ଼ିଯାଏ, ଯେଉଁଠାରେ ଗର୍ଭବତୀ ମହିଳାଙ୍କ ପାଇଁ ଏହା ଶିଶୁର ବିକାଶରେ ବିପରୀତ ପ୍ରଭାବ ପକାଏ । ସ୍ୱାସ୍ଥ୍ୟ ବିଶେଷଜ୍ଞ ମାନେସ୍ପଷ୍ଟ କରି କହିଛନ୍ତି ଯେ ଦ୍ୱିତୀୟ ହାତର ଧୂଆଁ ପାଇଁ "କୌଣସି ସୁରକ୍ଷିତ ଦୂରତା" ନାହିଁ । ମାକ୍ସ ପିନ୍ଧିବା କିମ୍ବା ଅଳ୍ପ ଦୂରେ ରହିବା ମଧ ପର୍ଯ୍ୟାପ୍ତ ସୁରକ୍ଷା ଦେଉନାହିଁ ।

ଧ୍ୱନି ପ୍ରତିଧ୍ୱନି

# ଭୌତିକ ବନାମ ଫ୍ୟୁଚର୍ସ ବଜାର: ଶକ୍ତି ସଙ୍କଟର ଅକୁହା କାହାଣୀ

ଏପ୍ରିଲ୍ ୨୦୨୬ ସୁଦ୍ଧା ବିଶ୍ୱ ଏକ ଅଭୂତପୂର୍ବ ଶକ୍ତି ସଙ୍କଟର ସମ୍ମୁଖୀନ ହେଉଛି । ଇରାନ ଉପରେ ଆମେରିକା ଏବଂ ଇସ୍ରାଏଲର ଆକ୍ରମଣ ଏବଂ ଏହା ପରବର୍ତ୍ତୀ ଭୂ-ରାଜନୈତିକ ଅସ୍ଥିରତା ବିଶ୍ୱ ତୈଳ ବଜାରକୁ ଗଭୀର ଭାବରେ ପ୍ରଭାବିତ କରିଛି । ତଥାପି, ଖବରକାଗଜର ଶିରୋନାମାରେ ଆମେ ଯେଉଁ ତୈଳ ଦର ଦେଖୁଛୁ, ତାହା ସମ୍ପୂର୍ଣ୍ଣ ସତ୍ୟ ବୟାନ କରୁନାହିଁ । ବିଭିନ୍ନ ଆନ୍ତର୍ଜାତୀୟ ଶକ୍ତି ବିଶ୍ଲେଷଣ ଏବଂ ଅର୍ଥନୈତିକ ରିପୋର୍ଟ ଅନୁଯାୟୀ, ବର୍ତ୍ତମାନ ଭୌତିକ ତୈଳ ଦର ଏବଂ କାଗଜପତ୍ର ବା ଭବିଷ୍ୟତ ଚୁକ୍ତି ଦର ମଧ୍ୟରେ ଏକ ବିଶାଳ ବ୍ୟବଧାନ ସୃଷ୍ଟି ହୋଇଛି । ଏହି ବ୍ୟବଧାନ ସୂଚାଉଛି ଯେ ବର୍ତ୍ତମାନର ଶକ୍ତି ସଙ୍କଟ ସାଧାରଣ ଜନତା ଏବଂ ନୀତି ନିର୍ଦ୍ଧାରକମାନଙ୍କ ଧାରଣାଠାରୁ ଯଥେଷ୍ଟ ଅଧିକ ଗମ୍ଭୀର ଅଟେ । ଏହି ପରିସ୍ଥିତିରେ ତୈଳର ମୂଲ୍ୟ କିପରି ନିର୍ଦ୍ଧାରଣ କରାଯାଏ, ବିଶ୍ୱସ୍ତରୀୟ ଯୋଗାଣ ଶୃଙ୍ଖଳାର ବାସ୍ତବତା କ'ଣ ଏବଂ ଭାରତ ସମେତ ସମଗ୍ର ବିଶ୍ୱର ଅର୍ଥନୀତି ଉପରେ ଏହାର କି ପ୍ରଭାବ ପଡ଼ିବ, ତାହାର ଏକ ବିଶ୍ଲେଷଣର ଆବଶ୍ୟକତା ରହିଛି ।

ବର୍ତ୍ତମାନର ବଜାର ଗତିଶୀଳତାକୁ ବୁଝିବା ପାଇଁ, ତତ୍କାଳ ଦର ଏବଂ ଭବିଷ୍ୟତ ଚୁକ୍ତି ଦର ମଧ୍ୟରେ ଥିବା ପାର୍ଥକ୍ୟକୁ ବୁଝିବା ନିହାତି ଜରୁରୀ । ତୈଳ ତୁରନ୍ତ ବିତରଣ ପାଇଁ କିଣାଯାଉଛି ନା ମାସ ମାସ ପରେ ବିତରଣ ପାଇଁ କିଣାଯାଉଛି, ତାହା ଉପରେ ଭିତ୍ତି କରି ମୂଲ୍ୟ ନିର୍ଦ୍ଧାରଣ କରାଯାଇଥାଏ । ତତ୍କାଳ ଦରର ପ୍ରମୁଖ ମାନଦଣ୍ଡ ହେଉଛି ଡେଟେଡ୍ ବ୍ରେଣ୍ଟ, ଯାହା ଆଗାମୀ କିଛି ଦିନ ମଧ୍ୟରେ ପଠାଯିବାକୁ ଥିବା ତୈଳର ମୂଲ୍ୟକୁ ପ୍ରତିଫଳିତ କରେ । ଅନ୍ୟପକ୍ଷରେ, ବ୍ରେଣ୍ଟ ଫ୍ୟୁଚର୍ସ ଭବିଷ୍ୟତର ମୂଲ୍ୟ ଆଶାକୁ ପ୍ରତିଫଳିତ କରିଥାଏ । ସାଧାରଣ ପରିସ୍ଥିତିରେ ଏହି ଦୁଇଟି ମୂଲ୍ୟ ପାଖାପାଖି ସମାନ ରହିଥାଏ । କିନ୍ତୁ ସାମ୍ପ୍ରତିକ ଯୁଦ୍ଧ ଏହି ସମାନତାକୁ ସମ୍ପୂର୍ଣ୍ଣ ରୂପେ ନଷ୍ଟ କରିଦେଇଛି । ତୁରନ୍ତ ଭୌତିକ ତୈଳର ଘୋର ଅଭାବ କାରଣରୁ, ଡେଟେଡ୍ ବ୍ରେଣ୍ଟର ତତ୍କାଳ ଦର ବ୍ୟାରେଲ ପିଛା ୧୪୪ ଡଲାରରୁ ଅଧିକ ହୋଇ ଏକ ଐତିହାସିକ ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି । ଏହାର ବିପରୀତରେ, ଖବରକାଗଜର ଶିରୋନାମା ପାଲଟୁଥିବା ଫ୍ୟୁଚର୍ସ ଦର ଆମେରିକା ପ୍ରଶାସନର କଠୋର ପଦକ୍ଷେପ ଘୋଷଣା ପରେ ମଧ୍ୟ ବ୍ୟାରେଲ ପିଛା ପ୍ରାୟ ୧୦୩ ଡଲାର ଆଖପାଖରେ ରହିଛି । ଏହି ୩୫ ରୁ ୪୦ ଡଲାରର ବ୍ୟବଧାନ ଅତ୍ୟନ୍ତ ଅସ୍ୱାଭାବିକ ଏବଂ ଏହା ପ୍ରମାଣିତ କରୁଛି ଯେ ବାସ୍ତବରେ ତୈଳ ଯୋଗାଣ କମିଯାଉଥିବାରୁ କ୍ରେତାମାନେ ବର୍ତ୍ତମାନ ଉପଲବ୍ଧ ଥିବା ତୈଳ ପାଇଁ ବହୁଳ ଅଧିକ ମୂଲ୍ୟ ଦେବାକୁ ବାଧ୍ୟ ହେଉଛନ୍ତି ।

ଏହି ସଙ୍କଟର ଭୂ-ରାଜନୈତିକ କେନ୍ଦ୍ରବିନ୍ଦୁ ହେଉଛି ହର୍ମୁଜ୍ ପ୍ରଣାଳୀ, ଯାହା ପାରସ୍ୟ ଉପସାଗର ଏବଂ ଓମାନ ଉପସାଗର ମଧ୍ୟରେ ଥିବା ଏକ ଅତ୍ୟନ୍ତ ସଂକୀର୍ଣ୍ଣ ତଥା ଗୁରୁତ୍ୱପୂର୍ଣ୍ଣ ଜଳପଥ ଅଟେ । ସାଧାରଣ ପରିସ୍ଥିତିରେ ଏହି ପଥ ଦେଇ ବିଶ୍ୱର ମୋଟ ତୈଳ ଯୋଗାଣର ପ୍ରାୟ ଏକ ପଞ୍ଚମାଂଶ ଅର୍ଥାତ୍ ଦୈନିକ ପ୍ରାୟ ୨ କୋଟି ବ୍ୟାରେଲ୍ ତୈଳ ପରିବହନ ହୋଇଥାଏ । ଆମେରିକା ଏବଂ ଇସ୍ରାଏଲର ସାମରିକ କାର୍ଯ୍ୟାନୁଷ୍ଠାନ ପରେ ଏହି ପ୍ରଣାଳୀ ଦେଇ ଯାତାୟାତ ପ୍ରାୟତଃ ବନ୍ଦ ହୋଇଯାଇଛି । ତଥ୍ୟରୁ ଜଣାପଡିଛି ଯେ ଯୁଦ୍ଧ ପୂର୍ବରୁ ଦୈନିକ ହାରାହାରି ୧୩୦ ଟି ବାଣିଜ୍ୟିକ ଜାହାଜ ଯାତାୟାତ କରୁଥିବା ବେଳେ ବର୍ତ୍ତମାନ ତାହା ମାତ୍ର ପାଖାପାଖି ୧୦କୁ ଖସି ଆସିଛି । ଆନ୍ତର୍ଜାତୀୟ ଶକ୍ତି ଏଜେନ୍ସି ଏହାକୁ ବିଶ୍ୱ ତୈଳ ବଜାର ଇତିହାସରେ ସବୁଠାରୁ ବଡ଼ ଯୋଗାଣ ବାଧା ବୋଲି ଆଖ୍ୟା ଦେଇଛି ଏବଂ ବିଶ୍ୱସ୍ତରୀୟ ଯୋଗାଣରେ ଦୈନିକ ୮୦ ଲକ୍ଷ ବ୍ୟାରେଲର ହ୍ରାସ ଘଟିଥିବା ଦର୍ଶାଇଛି । ଜାହାଜ କମ୍ପାନୀମାନେ ନିଜର ଜାହାଜ ଏବଂ କର୍ମଚାରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଏହି ବିପଜ୍ଜନକ ପଥ ଦେଇ ଯିବାକୁ କୁଣ୍ଠାବୋଧ କରୁଛନ୍ତି, ଯାହା ଫଳରେ ଭୌତିକ ବଜାରରେ ଏକ ବିରାଟ ନିଅଣ୍ଟ ଦେଖାଦେଇଛି । ତତ୍କାଳ ଦର ତୁଳନାରେ ଫ୍ୟୁଚର୍ସ ଦର କମ୍ ରହିବାର ମୁଖ୍ୟ କାରଣ ହେଉଛି ବ୍ୟବସାୟୀଙ୍କ ମାନସିକତା ଏବଂ ରାଜନୈତିକ ସନ୍ଦେହ । ଅନେକ ବଜାର ବିଶ୍ଲେଷକ ଏବଂ ବ୍ୟବସାୟୀ ଆଶା କରୁଛନ୍ତି ଯେ କୂଟନୈତିକ ସମାଧାନ ହୋଇପାରେ କିମ୍ବା ପରିସ୍ଥିତି ଶାନ୍ତ ପଡିପାରେ, କିନ୍ତୁ ଏହି ଆଶାବାଦୀ ଦୃଷ୍ଟିକୋଣ ବାସ୍ତବିକ ଯୋଗାଣ ସମସ୍ୟାକୁ ସମାଧାନ କରିପାରିବ ନାହିଁ ।

ବାସ୍ତବ ସ୍ଥିତିକୁ କେବଳ ଆଶାବାଦୀ ଫ୍ୟୁଚର୍ସ ବାଣିଜ୍ୟ ଦ୍ୱାରା ଲୁଚାଯାଇପାରିବ ନାହିଁ, କାରଣ ବିଶ୍ୱସ୍ତରୀୟ ତୈଳ ବ୍ୟବହାର କ୍ରମାଗତ ଭାବରେ ବୃଦ୍ଧି ପାଉଛି । ଏହି ବ୍ୟାପକ ଚାହିଦା ଏବଂ ସୀମିତ ଯୋଗାଣ ମଧ୍ୟରେ ଥିବା ଗାଣିତିକ ପାର୍ଥକ୍ୟ ଏକ ବିରାଟ ନିଅଣ୍ଟ ପରିସ୍ଥିତି ସୃଷ୍ଟି କରୁଛି ଯାହାକୁ ସହଜରେ ପୂରଣ କରାଯାଇପାରିବ ନାହିଁ । ଏହାକୁ ମୁକାବିଲା କରିବା ପାଇଁ ବିଭିନ୍ନ ରାଷ୍ଟ୍ର ସେମାନଙ୍କର ଜରୁରୀକାଳୀନ ଭଣ୍ଡାରରୁ କୋଟି କୋଟି ବ୍ୟାରେଲ ତୈଳ ଛାଡିବାକୁ ରାଜି ହୋଇଛନ୍ତି । ଯଦିଓ ସାଉଦି ଆରବ ପରି ପ୍ରମୁଖ ଉତ୍ପାଦକ ଦେଶଗୁଡିକ ବିକଳ୍ପ ଯୋଗାଣ ମାର୍ଗ ବୃଦ୍ଧି କରିବାକୁ ଚେଷ୍ଟା କରିଛନ୍ତି, ଯେପରିକି ପାଇପଲାଇନ ମାଧ୍ୟମରେ ଦୈନିକ ଲକ୍ଷ ଲକ୍ଷ ବ୍ୟାରେଲ ପମ୍ପିଂ କରିବା, ତଥାପି ଏହି ପଦକ୍ଷେପଗୁଡିକ ହର୍ମୁଜ୍ ପ୍ରଣାଳୀର ଅବରୋଧଜନିତ କ୍ଷତିକୁ ସମ୍ପୂର୍ଣ୍ଣ ରୂପେ ଭରଣା କରିବା ପାଇଁ ଯଥେଷ୍ଟ ନୁହେଁ । ଅଭିଜ୍ଞ ଶକ୍ତି ଅର୍ଥନୀତିଜ୍ଞମାନେ ନୀତି ନିର୍ଦ୍ଧାରକମାନଙ୍କୁ ଚେତାବନୀ ଦେଉଛନ୍ତି ଯେ ସେମାନେ ଅତ୍ୟଧିକ ଆତ୍ମସନ୍ତୋଷରେ ଅଛନ୍ତି ଏବଂ ପରିସ୍ଥିତିର ଗମ୍ଭୀରତାକୁ ଅଣଦେଖା କରୁଛନ୍ତି । କେବଳ ଜରୁରୀକାଳୀନ ଭଣ୍ଡାର ଉପରେ ନିର୍ଭର କରିବା ପରିବର୍ତ୍ତେ, ସରକାରମାନେ ନାଗରିକମାନଙ୍କୁ ଶକ୍ତି ସଞ୍ଚୟ ଏବଂ ବ୍ୟବହାର ହ୍ରାସ ଉପରେ ପରାମର୍ଶ ଦେବାର ଜରୁରୀ ଆବଶ୍ୟକତା ରହିଛି ।

ଭାରତ ପରି ଏକ ଦ୍ରୁତ ବିକାଶଶୀଳ ଅର୍ଥନୀତି ପାଇଁ ଏହି ବିଶ୍ୱସ୍ତରୀୟ ଯୋଗାଣ ସଙ୍କଟର ପ୍ରଭାବ ବହୁମୁଖୀ ଏବଂ ଅତ୍ୟନ୍ତ ଗଭୀର ଅଟେ । ଭାରତ ହେଉଛି ବିଶ୍ୱର ତୃତୀୟ ବୃହତ୍ତମ ତୈଳ ଆମଦାନୀକାରୀ ଦେଶ, ଯାହା ଦୈନିକ ପ୍ରାୟ ୫୫ ଲକ୍ଷ ବ୍ୟାରେଲ୍ ଅଶୋଧିତ ତୈଳ ବ୍ୟବହାର କରିଥାଏ । ଐତିହାସିକ ଭାବରେ, ଭାରତ ନିଜର ଶକ୍ତି ଆମଦାନୀ ପାଇଁ ହର୍ମୁଜ୍ ପ୍ରଣାଳୀ ଉପରେ ଅଧିକ ନିର୍ଭରଶୀଳ ରହିଆସିଛି । ତେବେ, ବିଗତ କିଛି ବର୍ଷ ମଧ୍ୟରେ ସକ୍ରିୟ ରଣନୈତିକ ବିବିଧକରଣ ଏକ ଗୁରୁତ୍ୱପୂର୍ଣ୍ଣ ସୁରକ୍ଷା କବଚ ପ୍ରଦାନ କରିଛି । ସରକାରୀ ତଥ୍ୟ ଅନୁଯାୟୀ, ଭାରତ ବର୍ତ୍ତମାନ ପ୍ରାୟ ୪୦ ଟି ବିଭିନ୍ନ ଦେଶରୁ ଅଶୋଧିତ ତୈଳ ସଂଗ୍ରହ କରୁଛି ଏବଂ ବର୍ତ୍ତମାନ ଦେଶର ପ୍ରାୟ ୭୦ ପ୍ରତିଶତ ଅଶୋଧିତ ତୈଳ ଆମଦାନୀ ହର୍ମୁଜ୍ ପ୍ରଣାଳୀ ବାହାର ମାର୍ଗ ଦେଇ ଆସୁଛି, ଯାହା ପୂର୍ବରୁ ଯଥେଷ୍ଟ କମ୍ ଥିଲା । ଏକ ଉଲ୍ଲେଖନୀୟ ପରିବର୍ତ୍ତନ ସ୍ୱରୂପ, ବିଶ୍ୱସ୍ତରୀୟ କଟକଣା କୋହଳ ହେବାର ଫାଇଦା ଉଠାଇ ଋଷରୁ ଭାରତର ଅଶୋଧିତ ତୈଳ ଆମଦାନୀ ବୃଦ୍ଧି ପାଇଛି । ଏହି ରଣନୈତିକ ପଦକ୍ଷେପ ସୁନିଶ୍ଚିତ କରିଛି ଯେ ଭାରତର ଅଶୋଧିତ ତୈଳ ଯୋଗାଣ ଅପେକ୍ଷାକୃତ ସୁରକ୍ଷିତ ରହିଛି ଏବଂ ଘରୋଇ ରିଫାଇନାରୀଗୁଡ଼ିକ ସେମାନଙ୍କର ସମ୍ପୂର୍ଣ୍ଣ କ୍ଷମତାରେ କାର୍ଯ୍ୟ କରିପାରୁଛନ୍ତି ।

ତଥାପି, ଭାରତ ପାଇଁ ଏହି ସଙ୍କଟ ସମ୍ପୂର୍ଣ୍ଣ ରୂପେ ଟଳିନାହିଁ, ବିଶେଷ କରି ଯେତେବେଳେ ଘରୋଇ ଶକ୍ତି ସୁରକ୍ଷା କଥା ବିଚାରକୁ ଆସେ । ଯଦିଓ ଅଶୋଧିତ ତୈଳ ମାର୍ଗଗୁଡିକ ବିବିଧ କରାଯାଇଛି, ଭାରତର ପ୍ରକୃତ ଦୁର୍ବଳତା ତରଳ ପେଟ୍ରୋଲିୟମ ଗ୍ୟାସ ଏବଂ ତରଳ ପ୍ରାକୃତିକ ଗ୍ୟାସ କ୍ଷେତ୍ରରେ ରହିଛି । ଭାରତର ଏଲପିଜି ଚାହିଦାର ପ୍ରାୟ ୬୦ ପ୍ରତିଶତ ଆମଦାନୀ ମାଧ୍ୟମରେ ପୂରଣ ହୋଇଥାଏ ଏବଂ ଚିନ୍ତାର ବିଷୟ ହେଉଛି ଯେ ଏହି ଆମଦାନୀର ୯୦ ପ୍ରତିଶତ ପାରମ୍ପରିକ ଭାବରେ ହର୍ମୁଜ୍ ପ୍ରଣାଳୀ ଦେଇ ଆସିଥାଏ । ଏହି ଅବରୋଧ କାରଣରୁ ଭାରତର ଏଲପିଜି ଆମଦାନୀରେ ଏକ ତୀବ୍ର ହ୍ରାସ ଘଟିଛି, ଯାହା କୋଟି କୋଟି ପରିବାରର ରୋଷେଇ ଇନ୍ଧନ ଯୋଗାଣ ପ୍ରତି ସିଧାସଳଖ ବିପଦ ସୃଷ୍ଟି କରିଛି । ଏହାର ଜବାବରେ, ଭାରତ ସରକାରଙ୍କୁ ଘରୋଇ ରିଫାଇନାରୀ ଏବଂ ପେଟ୍ରୋକେମିକାଲ୍ କମ୍ପ୍ଲେକ୍ସଗୁଡ଼ିକୁ ଅନ୍ୟ ରାସାୟନିକ ପ୍ରବାହକୁ ଏଲପିଜି ଉତ୍ପାଦନ ଆଡକୁ ମୋଡିବାକୁ ଜରୁରୀକାଳୀନ ନିର୍ଦ୍ଦେଶ ଦେବାକୁ ପଡିଲା । ଏହି ତ୍ୱରିତ ହସ୍ତକ୍ଷେପ ଏକ ତୁରନ୍ତ ଘରୋଇ ସଙ୍କଟକୁ କିଛି ମାତ୍ରାରେ ପ୍ରଶମିତ କରିବାରେ ସାହାଯ୍ୟ କରିଛି । କିନ୍ତୁ ବ୍ୟାପକ ଆର୍ଥିକ ପ୍ରଭାବ ଏବେ ବି ଏକ ବଡ଼ ବିପଦ ହୋଇ ରହିଛି । ଭୌତିକ ତୈଳର ଅତ୍ୟଧିକ ମୂଲ୍ୟ ଏବଂ ପରିବହନ ମାର୍ଗ ପରିବର୍ତ୍ତନର ଲଜିଷ୍ଟିକାଲ୍ ସମସ୍ୟା ଅନିବାର୍ଯ୍ୟ ଭାବରେ ମାଲ ପରିବହନ ଖର୍ଚ୍ଚ ବୃଦ୍ଧି କରିବ, ଯାହା ବ୍ୟାପକ ଅର୍ଥନୀତିକୁ ଗଭୀର ଭାବରେ ପ୍ରଭାବିତ କରିବ ।

ଏହା ବ୍ୟତୀତ, ତୈଳ ଦରର ଏହି ଅହେତୁକ ବୃଦ୍ଧିର ପ୍ରଭାବ କେବଳ ଇନ୍ଧନ ଷ୍ଟେସନରେ ସୀମିତ ରହିବ ନାହିଁ, ବରଂ ଏହା ଦୈନନ୍ଦିନ ବ୍ୟବହାର୍ଯ୍ୟ ସାମଗ୍ରୀ ଉପରେ ଏକ ଶୃଙ୍ଖଳିତ ପ୍ରଭାବ ପକାଇବ । ଯେତେବେଳେ ତୈଳର ତତ୍କାଳ ଦର ଏତେ ଉଚ୍ଚ ସ୍ତରରେ ରହୁଛି, ସମସ୍ତ ସାମଗ୍ରୀର ପରିବହନ ଖର୍ଚ୍ଚ ଆକାଶଛୁଆଁ ହେବା ସ୍ୱାଭାବିକ ଅଟେ । ଭାରତ ଭଳି ଏକ ଦେଶ, ଯେଉଁଠାରେ ଅଧିକାଂଶ ଘରୋଇ ସାମଗ୍ରୀ ସଡ଼କ ପଥରେ ଟ୍ରକ୍ ମାଧ୍ୟମରେ ପରିବହନ କରାଯାଏ, ମହଙ୍ଗା ଡିଜେଲର ସିଧାସଳଖ ଅର୍ଥ ହେଉଛି ପନିପରିବା, ଖାଦ୍ୟଶସ୍ୟ ଏବଂ ଅତ୍ୟାବଶ୍ୟକ ସାମଗ୍ରୀର ଦରବୃଦ୍ଧି । ଏହା ଭାରତୀୟ ରିଜର୍ଭ ବ୍ୟାଙ୍କ ଏବଂ ବିଶ୍ୱର ଅନ୍ୟ କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ପାଇଁ ଏକ କଠିନ ଆହ୍ୱାନ ସୃଷ୍ଟି କରିବ । ଯଦି ମୁଦ୍ରାସ୍ଫୀତି କେବଳ ଯୋଗାଣ ବାଧା କାରଣରୁ ବୃଦ୍ଧି ପାଏ, ତେବେ ବ୍ୟାଙ୍କଗୁଡ଼ିକ ପାଇଁ ସୁଧ ହାର ହ୍ରାସ କରିବା ସହଜ ହେବ ନାହିଁ । ଏହା ଫଳରେ ଅର୍ଥନୀତିରେ ଏକ ଷ୍ଟାଗଫ୍ଲେସନ୍ ପରିସ୍ଥିତି ସୃଷ୍ଟି ହୋଇପାରେ, ଯେଉଁଠାରେ ଅର୍ଥନୈତିକ ଅଭିବୃଦ୍ଧି ସ୍ଥିର ରହିବ କିନ୍ତୁ ମୁଦ୍ରାସ୍ଫୀତି ଉଚ୍ଚ ସ୍ତରରେ ରହି ଲୋକଙ୍କ କ୍ରୟ କ୍ଷମତାକୁ ହ୍ରାସ କରିବ । ଏହାର ସମ୍ପୂର୍ଣ୍ଣ ବୋଝ ଶେଷରେ ସାଧାରଣ ଖାଉଟିଙ୍କ ଉପରେ ପଡିବ । ଅଧିକନ୍ତୁ, ମହଙ୍ଗା ଅଶୋଧିତ ତୈଳ କିଣିବା ପାଇଁ ବିପୁଳ ପରିମାଣର ଡଲାର ଖର୍ଚ୍ଚ ହେବା ଦ୍ୱାରା ଭାରତୀୟ ଟଙ୍କାର ମୂଲ୍ୟ ହ୍ରାସ ପାଇବ, ଯାହା ଇଲେକ୍ଟ୍ରୋନିକ୍ସ, ସାର ଏବଂ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସାମଗ୍ରୀର ଆମଦାନୀକୁ ଆହୁରି ବ୍ୟୟବହୁଳ କରିଦେବ ଏବଂ ଦେଶର ବାଣିଜ୍ୟ ନିଅଣ୍ଟକୁ ବୃଦ୍ଧି କରିବ ।

ପରିଶେଷରେ, ଯଦି କେହି କେବଳ ଫ୍ୟୁଚର୍ସ ବଜାରକୁ ଦେଖନ୍ତି, ତେବେ ବିଶ୍ୱସ୍ତରୀୟ ତୈଳ ଦରକୁ ନେଇ ବର୍ତ୍ତମାନର ଚିତ୍ର ସମ୍ପୂର୍ଣ୍ଣ ରୂପେ ବିଭ୍ରାନ୍ତିକର ଅଟେ । ଅତ୍ୟଧିକ ଉଚ୍ଚ ତତ୍କାଳ ଦର ଏବଂ ଅପେକ୍ଷାକୃତ କମ୍ ଫ୍ୟୁଚର୍ସ ଦର ମଧ୍ୟରେ ଥିବା ଅଭୂତପୂର୍ବ ବ୍ୟବଧାନ ଏକ ଭୌତିକ ଯୋଗାଣ ସଙ୍କଟର କଠୋର ଚେତାବନୀ ଦେଉଛି । ମଧ୍ୟପ୍ରାଚ୍ୟରେ ଭୂ-ରାଜନୈତିକ ସଂଘର୍ଷ ବିଶ୍ୱ ଶକ୍ତି ଯୋଗାଣ ଶୃଙ୍ଖଳାର ଦୁର୍ବଳତାକୁ ପଦାରେ ପକାଇଦେଇଛି ଏବଂ ଆଧୁନିକ ଇତିହାସର ସବୁଠାରୁ ଭୟଙ୍କର ବାଧା ସୃଷ୍ଟି କରିଛି । ଯଦିଓ ଭାରତ ଭଳି ଦେଶ ଅଶୋଧିତ ତୈଳ ଉତ୍ସର ରଣନୈତିକ ବିବିଧକରଣ ଏବଂ ଜରୁରୀକାଳୀନ ଘରୋଇ ଉତ୍ପାଦନ ପଦକ୍ଷେପ ମାଧ୍ୟମରେ ନିଜର ଦୃଢ଼ତା ପ୍ରଦର୍ଶନ କରିଛନ୍ତି, ତଥାପି ହର୍ମୁଜ୍ ପ୍ରଣାଳୀ ପରି ଗୁରୁତ୍ୱପୂର୍ଣ୍ଣ ଜଳପଥ ସହିତ ଜଡିତ ଗଠନମୂଳକ ଦୁର୍ବଳତା ଏବେ ବି ବିଦ୍ୟମାନ ଅଛି । କେବଳ ରାଜନୈତିକ ଉତ୍ତେଜନା ହ୍ରାସ ପାଇବାର ଆଶା ଉପରେ ନିର୍ଭର କରିବା ଏକ ସ୍ଥାୟୀ ଅର୍ଥନୈତିକ ରଣନୀତି ହୋଇନପାରେ । ନବୀକରଣଯୋଗ୍ୟ ଶକ୍ତି ଉତ୍ସ ଆଡକୁ ଦ୍ରୁତ ଗତିରେ ଅଗ୍ରସର ହେବା, ଘରୋଇ ଶକ୍ତି ଉତ୍ପାଦନ କ୍ଷମତା ବୃଦ୍ଧି କରିବା ଏବଂ କଠୋର ଶକ୍ତି ସଞ୍ଚୟ ନୀତି କାର୍ଯ୍ୟକାରୀ କରିବା ପାଇଁ ଏକ ସମ୍ମିଳିତ ତଥା ତ୍ୱରିତ ବିଶ୍ୱସ୍ତରୀୟ ପ୍ରୟାସ ହେବା ଆବଶ୍ୟକ । ଯେପର୍ଯ୍ୟନ୍ତ ଭୌତିକ ଯୋଗାଣ ଏବଂ ବିଶ୍ୱସ୍ତରୀୟ ଚାହିଦା ମଧ୍ୟରେ ଥିବା ମୌଳିକ ଅସନ୍ତୁଳନର ସ୍ଥାୟୀ ସମାଧାନ ନହୋଇଛି, ସେପର୍ଯ୍ୟନ୍ତ ବିଶ୍ୱ ଅର୍ଥନୀତି କେବଳ ଭୂ-ରାଜନୈତିକ ଇଚ୍ଛା ଏବଂ ଅସ୍ଥିର ଭୌତିକ ତୈଳ ବଜାରର ଦୟା ଉପରେ ନିର୍ଭର କରି ରହିବ ।

# ହେପାଟାଇଟିସ୍, ଲିଭର ଓ ଫାଇବ୍ରୋସ୍କାନ୍

## ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ଲିଭର ବା ଯକୃତ (କଲିଜା) ଶରୀରର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ । ଏହା ଶରୀରର ସବୁଠାରୁ ବଡ଼ଗ୍ରନ୍ଥି । ପେଟଭିତର ମଧ୍ୟ ଭାଗର ଡାହାଣ ପଟକୁ ମଧ୍ୟଚ୍ଛଦାର ଠିକ୍ ତଳକୁ ଯକୃତ ରହିଥାଏ । ପଞ୍ଜରାହାଡ଼ ଭିତରେ ଏହା ସୁରକ୍ଷିତ ଅବସ୍ଥାରେ ରହିଥାଏ । ଏହାର ଲମ୍ବ ୨୦ସେ.ମି., ଓସାର ୧୬ ସେ.ମି. ଓ ଉଚ୍ଚତା ପ୍ରାୟ ୧୨ ସେ.ମି., ଓଜନ ପ୍ରାୟ ଦେଢ଼ରୁ ଦୁଇ କି.ଗ୍ରା । କଲିଜା ହେଉଛି ଶରୀରର ଏକ ରାସାୟନିକ ବିଜ୍ଞାନାଗାର । ଏକ ସମୟରେ ଏହା ବହୁତ ପ୍ରକାରର ରାସାୟନିକ କାର୍ଯ୍ୟ କରିଥାଏ । ଶରୀରରେ ନଷ୍ଟ ହେଉଥିବା ଲୋହିତ ରକ୍ତକଣିକାରୁ ହିମୋଗ୍ଲୋବିନ (ଲୋହିତ ରକ୍ତ କଣିକା ମଧ୍ୟରେ ଥିବା ଲୌହ ଓ ପୁଷ୍ଟିସାର ଅଂଶ) ବାହାର କରି ତାକୁ ଭାଙ୍ଗି ପୁଣି ନୂଆ ହିମୋଗ୍ଲୋବିନ ହେବା ପାଇଁ ଉପାଦାନ ସୃଷ୍ଟି କରିଥାଏ । ରକ୍ତ ଜମାଟ ବାନ୍ଧିବା ପାଇଁ ଯେଉଁ ଉପାଦାନର ଆବଶ୍ୟକତା ରହିଛି ଯଥା ପ୍ରୋଥ୍ରୋମ୍ବିନ ଓ ଫିବ୍ରିନୋଜେନ୍ ତାହା ଯକୃତରେ ହିଁ ତିଆରି ହୁଏ । ପିତ୍ତ କ୍ଷରଣ ହେଉଛି ଯକୃତର ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ । ଖାଦ୍ୟ ପାକସ୍ଥଳୀରୁ ଗ୍ରହଣୀ ମଧ୍ୟକୁ ପ୍ରବେଶ କରିବା ସମୟରେ ପିତ୍ତନଳୀ ଭିତରୁ ପିତ୍ତ ଆସି ଖାଦ୍ୟ ସହିତ ମିଶି ପାଚନ କ୍ରିୟାରେ ସାହାଯ୍ୟ କରେ ।

ରକ୍ତରେ ଗ୍ଲୁକୋଜର ପରିମାଣ ଅଧିକ ହେଲେ ଯକୃତ ଏହାକୁ ଗ୍ଲାଇକୋଜେନ୍‌ରେ ପରିଣତ କରି ନିଜ ଭିତରେ ସଞ୍ଚୟ କରି ରଖେ । ଉପବାସ ସମୟରେ ରକ୍ତରୁ ଗ୍ଲୁକୋଜର ପରିମାଣ କମିଗଲେ ଯକୃତ ଗ୍ଲାଇକୋଜେନ୍‌କୁ ଗ୍ଲୁକୋଜରେ ପରିଣତ କରି ଶର୍କରାର ଭାରସାମ୍ୟ ରକ୍ଷା କରେ ।

ଯକୃତ ବା କଲିଜାରେ ତନ୍ତୁ ଜମିଗଲେ ପ୍ରଦାହ ବା କ୍ଷତ ହୋଇ ସଂଯୋଜକ ତନ୍ତୁରେ ମୋଟାଦାଗ ଜମିଗଲେ ଏହା ଯକୃତର କାର୍ଯ୍ୟକ୍ଷମତାକୁ କମାଇ ଦିଏ । ଅତ୍ୟଧିକ ମଦ୍ୟପାନ, ଚର୍ବି ଜାତୀୟ ଖାଦ୍ୟ, ହେପାଟାଇଟିସ୍ 'ବି', 'ସି' ଓ 'ଡି' ସଂକ୍ରମଣ, ମଧୁମେହ, ପିତ୍ତକୋଷ ରୋଗ କିମ୍ବା ଅତ୍ୟଧିକ ଲୌହକଣା ଜମିଗଲେ ଲିଭରରେ ସୂତ୍ରତନ୍ତୁମୟତା ସୃଷ୍ଟି ହୁଏ ଓ ଯକୃତ ସଂକୁଚିତ ହୋଇ ଉପରିଭାଗରେ ଛୋଟ ଛୋଟ ଫୁଲା ବା ଗ୍ରନ୍ଥିକା ସୃଷ୍ଟି ହୋଇ ସିରୋସିସ୍ ରୋଗରେ ରୂପାନ୍ତରିତ ହୁଏ । ଏହି ସୂତ୍ରତନ୍ତୁମୟତାକୁ ମାପିବା ପାଇଁ ଲିଭରରୁ ଜୀବନ୍ତତନ୍ତୁ ନେଇ ପରୀକ୍ଷା କରାଯାଏ । ଏକ ଛୁଞ୍ଚି ସାହାଯ୍ୟରେ ଯକୃତରୁ ଏକ ଛୋଟ ଅଂଶ କାଟିନେଇ ଅଣୁବୀକ୍ଷଣ ଯନ୍ତ୍ର ସାହାଯ୍ୟରେ ପରୀକ୍ଷା କରାଯାଏ । କିନ୍ତୁ ଏହା ଏକ କଷ୍ଟକର ପରୀକ୍ଷା ଓ ବେଳେବେଳେ ଆଭ୍ୟନ୍ତରୀଣ ରକ୍ତକ୍ଷରଣ ମାଧ୍ୟମରେ ରୋଗୀ ଅଧିକ କଷ୍ଟପାଏ । ତେଣୁ ଲିଭରକୁ କ୍ଷତି ନକରି ବା କୌଣସି ପ୍ରକାର ଛୁଞ୍ଚି ଦ୍ୱାରା ଜୀବନ୍ତ ତନ୍ତୁ ନ ନେଇ ଫାଇବ୍ରୋସ୍କାନ ମାଧ୍ୟମରେ ଏହି ସୂତ୍ରତନ୍ତୁମୟତାକୁ ମାପିହେବ । ଏହା ଏକ ଅତ୍ୟଧିକ ସୂକ୍ଷ୍ମମାନର ଯନ୍ତ୍ର । ଅଲଟ୍ରାସାଉଣ୍ଡର ଶଳାକା (ପ୍ରୋବ୍) ପରି ଏହାର ମଧ୍ୟ ଏକ ଶଳାକା ଥାଏ ଯାହାକି ଡାହାଣ ଛାତିର ନିମ୍ନଭାଗରେ ରଖି ବୋତାମ ଚିପିଲେ କଲିଜାର କଠିନତା ସମ୍ବନ୍ଧରେ ମାପିହୁଏ । କମ୍ପ୍ୟୁଟର ମାଧ୍ୟମରେ ଏହି ତଥ୍ୟକୁ ପର୍ଯ୍ୟବେକ୍ଷଣ କଲାପରେ ପରଦାରେ ଏହାର ମାନ ଲିଖିତ ଆକାରରେ ଦେଖାଯାଏ । ଦଶ ମିନିଟ ଭିତରେ ଏହି ପରୀକ୍ଷା ଶେଷ ହୁଏ । ଏଥିରେ କୌଣସି କଷ୍ଟ ହୁଏନାହିଁ ବା ରକ୍ତ ବାହାରେ ନାହିଁ । ଏହି ପରୀକ୍ଷା ପୂର୍ବରୁ ଖାଲି ପେଟ ରହିବା ଜରୁରୀ । ଅତ୍ୟଧିକ ମୋଟା ବ୍ୟକ୍ତି, ଯେଉଁମାନଙ୍କ ପେଟରେ ପାଣି ଜମିଯାଇଛି, ବୟସ୍କ ବ୍ୟକ୍ତିମାନଙ୍କର ଫାଇବ୍ରୋସ୍କାନ୍ ଠିକ୍ ଭାବରେ କରିହୁଏ ନାହିଁ । ଯେଉଁମାନଙ୍କର ହୃତ୍‌ପିଣ୍ଡରେ ପେସ୍‌ମେକର ବା ଗତିଚାଳକ ଲାଗିଛି ବା ଗର୍ଭବତୀ ମହିଳାମାନଙ୍କର ଫାଇବ୍ରୋସ୍କାନିଂ ପରୀକ୍ଷା ନିଷେଧ । ଫାଇବ୍ରୋସ୍କାନିଂ ମାଧ୍ୟମରେ ପେଟର ଅନ୍ୟାନ୍ୟ ଅଙ୍ଗ ଯଥା ଅଗ୍ନ୍ୟାଶୟ, ପ୍ଲୀହା, ଜରାୟୁ ଓ ଖାଦ୍ୟନଳୀ ପରୀକ୍ଷା ହୋଇପାରେ ନାହିଁ । ଯକୃତର ଜଟିଳତା ବ୍ୟତୀତ ଅନ୍ୟ କୌଣସି ଅଙ୍ଗକୁ ପରୀକ୍ଷା କରିବା ଏହି ଫାଇବ୍ରୋସ୍କାନରେ ସମ୍ଭବ ନୁହେଁ । ଏହି ଫାଇବ୍ରୋସ୍କାନିଂ ମାଧ୍ୟମରେ ଯକୃତର ତନ୍ତୁମୟତା ବା ଜଟିଳତା ଜଣା ପଡ଼ିଲେ ରୋଗୀ ସହଜରେ ସଚେତନ ହୁଏ । ତନ୍ତୁମୟତା ଯେତେ ବେଶୀ ହୁଏ ଲିଭରର କର୍ମ କ୍ଷମତା ମଧ୍ୟ ସେତେ ପରିମାଣରେ ବ୍ୟାହତ ହୁଏ ଓ ଧୀରେ ଧୀରେ ଏହା ସିରୋସିସ୍ ରୋଗରେ ଆକ୍ରାନ୍ତ ହୁଏ । ଜନସାଧାରଣଙ୍କର ସଚେତନତା ବୃଦ୍ଧି ହେଲେ ସେମାନେ ମଦ୍ୟପାନ, ଚର୍ବିଜାତୀୟ ଖାଦ୍ୟରୁ ବିରତ ଓ ହେପାଟାଇଟିସ୍ ସଂକ୍ରମଣ ସମ୍ବନ୍ଧର ଚିକିତ୍ସା କରିବାକୁ ଆଗେଇ ଆସନ୍ତି । ସହଜ ପାଚ୍ୟ ନିରାମିଷ ଖାଦ୍ୟ ଓ କିଛି ସମୟ ବ୍ୟାୟାମ ମାଧ୍ୟମରେ ଲିଭରର ସ୍ୱାସ୍ଥ୍ୟ ମଧ୍ୟ ରକ୍ଷା କରିହେବ ।

ଶରୀରର କୋଷଗୁଡ଼ିକ ଯକୃତ ବିରୋଧରେ କାମ କଲେ ଯକୃତ ଖରାପ ହୋଇଯାଏ । ଏହା ଖୁବ୍ କମ୍ ପରିମାଣରେ ଦେଖାଯାଏ । ଯକୃତ ଖରାପ ହେବାର ଲକ୍ଷଣ ଡେରିରେ ଜଣାପଡ଼େ । ୬୦-୮୦ ପ୍ରତିଶତ ଯକୃତର କୋଷ କ୍ଷତିଗ୍ରସ୍ତ ହେବା ପରେ ହିଁ ଲକ୍ଷଣ ପ୍ରକାଶ ପାଇଥାଏ । ତେଣୁ ଯକୃତ ପରୀକ୍ଷା କରାଇ ନେବା ଜରୁରୀ । ଏହା ଯକୃତର କ୍ଷମତା ଜଣାଇଥାଏ । ଫ୍ୟାଟି ଲିଭର ପାଇଁ ଅଲଟ୍ରାସାଉଣ୍ଡ ଓ ଫାଇବ୍ରୋସ୍କାନ ପରୀକ୍ଷା କରିପାରିବେ । ରକ୍ତ ପରୀକ୍ଷାରୁ ଯକୃତ ବାବଦରେ ଜଣାନପଡ଼ିଲେ ବିଶେଷଜ୍ଞ ବାୟୋପ୍‌ସିର ପରାମର୍ଶ ଦେଇଥାନ୍ତି । ଏଥିରେ ଯକୃତର କିଛି ଅଂଶ ଲାବୋରେଟୋରୀ ପଠାଯାଇ ପରୀକ୍ଷା କରାଯାଏ । ତେବେ ଯକୃତକୁ ସୁସ୍ଥ ରଖିବା ଲାଗି ସ୍ୱଚ୍ଛ ପାଣି ପିଅନ୍ତୁ, ଦୂଷିତ ଖାଦ୍ୟରୁ ଦୂରେଇ ରହନ୍ତୁ, ବ୍ୟାୟାମ କରନ୍ତୁ, ସୁରକ୍ଷିତ ଶାରୀରିକ ସମ୍ପର୍କ ରଖନ୍ତୁ, ୪୦ ବର୍ଷ ବୟସରେ ପରେ ଯକୃତ ପରୀକ୍ଷା କରାଇ ନିଅନ୍ତୁ ଏବଂ ସବୁଠାରୁ ବଡ଼ କଥା ମଦ୍ୟପାନ ଓ ଧୂମପାନରୁ ବିରତ ରୁହନ୍ତୁ । ହେପାଟାଇଟିସ୍ ବି ଟୀକା ନେଇ ହେପାଟାଇଟିସ୍ ବି, ଲିଭର ସିରୋସିସ୍ ଓ ଲିଭର୍ କ୍ୟାନସରରୁ ମୁକ୍ତି ପାଆନ୍ତୁ । ଶାଗ, ସବୁଜ ପନିପରିବା, ସେଓ, ଅଙ୍ଗୁର, ଗାଜର, ବିଟ୍, ରସୁଣ, ଅଲିଭ ଅଏଲ, ଲେମ୍ବୁ ସରବର, ଗ୍ରୀନ୍ ଟି', ଫୁଲକୋବି, ବନ୍ଧାକୋବି, ହଳଦୀ ଇତ୍ୟାଦି ଖାଦ୍ୟ ଲିଭରକୁ ସୁସ୍ଥ ରଖିବାରେ ସାହାଯ୍ୟ କରେ ।

ଅବସର ପ୍ରାପ୍ତ ପ୍ରଫେସର ଓ ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ
ମୋ:୯୪୩୭୦୫୧୯୫୭

# ଅଚାନକ ମୃତ୍ୟୁକୁ ବି ରୋକାଯାଇପାରିବ



## ପ୍ରଫେସର ଡାକ୍ତର ଚନ୍ଦ୍ରକାନ୍ତ ମିଶ୍ର

ପରିବାର ସହ ହସିଖୁସି କଥା ହେଉଥିଲା ବେଳେ, ସଭା ସମିତିରେ ଭାଷଣ ଦେଉଥିଲା ବେଳେ, ଡାଇନିଂ ଟେବୁଲରେ ଚା'ପିଇବା ସମୟରେ ଅଚାନକ ଚେତାଶୂନ୍ୟ ହୋଇପଡ଼ିଯିବା ଏବଂ ପରେ ଆରପାରିକୁ ଚାଲିଯିବାର ଘଟଣା ନିୟମିତ ଦେଖିବାକୁ ମିଳୁଛି । ପୂର୍ବରୁ ଯେ, ଏହା ହେଉନଥିଲା ତାହା ନୁହେଁ, ମାତ୍ର ଗତ କିଛି ବର୍ଷ ଧରି ଦେଶରେ ଅଚାନକ ମୃତ୍ୟୁ ସଂଖ୍ୟା ବଢ଼ିବା ଭୟ ସୃଷ୍ଟି ସହ ଚିନ୍ତା ମଧ୍ୟ ବଢ଼ାଇବାରେ ଲାଗିଛି । ଏନସିଆରବି ରିପୋର୍ଟ ଅନୁସାରେ ୨୦୨୪ ବର୍ଷ ତୁଳନାରେ ୨୦୨୫ ବର୍ଷରେ ଅଚାନକ ମୃତ୍ୟୁରେ ୧୨%ର ବୃଦ୍ଧି ଘଟିଛି । ଯାଇଛି ୫୬,୬୫୩ ଜଣଙ୍କର ଜୀବନ । ଅଚାନକ ମୃତ୍ୟୁର କାରଣ ମଧ୍ୟରୁ ୫୭% ହେଉଛି ହୃଦଘାତ । ଅର୍ଥାତ୍ ହୃଦାଘାତ କାରଣରୁ ୨୦୨୫ ବର୍ଷରେ ୩୨୪୫୭ ଜଣଙ୍କର ଜୀବନ ଯାଇଛି । ଭାରତରେ ହୃଦଘାତ କାରଣରୁ ମୃତ୍ୟୁହାର ପ୍ରତି ଏକ ଲକ୍ଷରେ ୨୭୨ ଥିଲାବେଳେ ବିଶ୍ୱ ହାର ହେଉଛି ମାତ୍ର ୨୩୫ । କ୍ରମାଗତ ଭାରତରେ ହୃଦଘାତର ବଢ଼ିବା ଚିନ୍ତା ସୃଷ୍ଟି କରୁଥିଲା ବେଳେ ଏହାକୁ ମଧ୍ୟ ଅନେକାଂଶରେ ରୋକାଯାଇପାରିବ ।

ହୃଦରୋଗ ଖାଲି ସେ ବୟସ ବଢ଼ିବା କାରଣରୁ ହୋଇଥାଏ ତାହା ଭୁଲ । ଛୋଟ ପିଲାମାନେ ମଧ୍ୟ ଏହାର ଶିକାର ହୋଇଥାନ୍ତି । ତେବେ ଚିନ୍ତାର କାରଣ ହେଉଛି କରୋନା କାଳ ପରଠାରୁ ଏହି ମାମଲା ବୃଦ୍ଧି ପାଇଲା । ଯେଉଁମାନେ କରୋନାରେ ସଂକ୍ରମିତ ହୋଇଥିଲେ ସେମାନଙ୍କ କ୍ଷେତ୍ରରେ ହୃଦଘାତ ସମସ୍ୟା ଅଧିକ ରହୁଛି । ତେଣୁ ସେମାନଙ୍କୁ ଅତ୍ୟଧିକ ପରିଶ୍ରମ ଠାରୁ ଦୂରେଇ ରହିବା ପାଇଁ ପରାମର୍ଶ ଦେଉଛି ଭାରତୀୟ ଆୟୁର୍ବିଜ୍ଞାନ ପରିଷଦ । କରୋନା ସଂକ୍ରମିତଙ୍କୁ ନେଇ ହୋଇଥିବା ଏକ ଯାଞ୍ଚରୁ ଜଣାପଡ଼ିଛି ଯେ, ଯେଉଁମାନେ ସଂକ୍ରମିତ ହୋଇଥିଲେ ସେମାନଙ୍କ ହୃଦୟର ଧମନିରେ ରକ୍ତ ଜମାଟ ବାନ୍ଧୁଛି । ଯେଉଁ କାରଣରୁ ହୃଦୟକୁ ରକ୍ତ ପମ୍ପିଂରେ ସମସ୍ୟା ହେଉଛି । କରୋନା ଭାଇରସର ସବୁଠୁ ବଡ଼ ପାର୍ଶ୍ୱ ପ୍ରତିକ୍ରିୟା ହେଉଛି ରକ୍ତ ଜମାଟ ବାନ୍ଧିବା । ବିଶେଷଜ୍ଞମାନଙ୍କ ସୂଚନା ଅନୁସାରେ ପୂର୍ବରୁ ହୃଦଘାତର ସଂକେତ ମିଳିଥାଏ । ଏହି ସଂକେତ ଗୁଡ଼ିକ ହେଉଛି ଛାତି ଯନ୍ତ୍ରଣା, ଅସ୍ଥିରତା ଅନୁଭବ କରିବା, ଶରୀରର ବାମ ଭାଗରେ ଯନ୍ତ୍ରଣା ହେବା, ନିଶ୍ୱାସ ପ୍ରଶ୍ୱାସ ନେବାରେ କଷ୍ଟ, ପିଠି, କାନ୍ଧ, ବେକମୁଣ୍ଡାର ପେଟର ଯନ୍ତ୍ରଣା । ତେଣୁ ଏହି ସମସ୍ୟା ଦେଖାଦେଲେ ତୁରନ୍ତ ପରାମର୍ଶ ନେବା ଦରକାର । ଅଚାନକ ମୃତ୍ୟୁ କେତେବେଳେ କାହାକୁ ହେବ ତାହା କେହି ଜାଣିନଥାନ୍ତି । ମାତ୍ର ବଦଳୁଥିବା ସାମାଜିକ ଧାରା ଏବଂ ଚାଲିଚଳଣରେ ଆମେ ଆମ ନିଜ ଶରୀରର ଯତ୍ନ ନେବାକୁ ଭଲି ଯାଉଛୁ । ଭଲ ସାର୍ଟ ପ୍ୟାଣ୍ଟ, ଘର, ଗାଡ଼ି, ସୁନାଗହଣାକୁ ଗୁରୁତ୍ୱ ଦେଉଥିଲା ବେଳେ ନିୟମିତ ସ୍ୱାସ୍ଥ୍ୟ ଯାଞ୍ଚ କଥାକୁ ଅଣଦେଖା କରୁଛନ୍ତି । ପାଟି ସୁଆଦ ପାଇଁ ରାଗ ମସଲା ଠାରୁ ଆରମ୍ଭ କରି ଏପରି ଖାଦ୍ୟ ଖାଉଛେ ଯାହା ଧିରେ ଧିରେ ଶରୀରରେ ସମସ୍ୟା ସୃଷ୍ଟି କରୁଛି । ଆଉ ଯେତେବେଳେ ଶରୀର ଅସହ୍ୟ ହେଉଛି ସେତେବେଳେ ଯାଉଛେ ଡାକ୍ତରଙ୍କ ନିକଟକୁ । ଦିନ ଥିଲା ଏହି ଚିକିତ୍ସା ବେଶ ବ୍ୟୟବହୁଳ ହେଉଥିବାରୁ ଅନେକଙ୍କ ପାଇଁ ଡାକ୍ତରଖାନା ଯିବା ସହଜ ହେଉନଥିଲା । ହେଲେ ଏବେ ପ୍ରତି ଡାକ୍ତରଖାନାରେ ହୃଦଘାତର ତ୍ୱରିତ ଚିକିତ୍ସା ପାଇଁ ବ୍ୟବସ୍ଥା ରହିଛି ।

ହୃଦଘାତ ସମସ୍ୟାକୁ ନେଇ ସଚେତନ ରହିବା ପାଇଁ କେନ୍ଦ୍ର ସରକାରଙ୍କ ଠାରୁ ଆରମ୍ଭ କରି ରାଜ୍ୟ ସରକାର ସମସ୍ତେ ବିଭିନ୍ନ କାର୍ଯ୍ୟକ୍ରମ, କର୍ମଶାଳାର ଆୟୋଜନ କରୁଛନ୍ତି । ହେଲେ ଲୋକେ ତଥାପି ସଚେତନ ହେଉନାହାଁନ୍ତି । ଏନସିଆରବି ରିପୋର୍ଟ ଯେଉଁ ସୂଚନା ଦେଉଛି ତାହା ନିହାତି ଭାବେ ଭୟଙ୍କର । ହେଲେ ଏହାକୁ ମଧ୍ୟ ରୋକାଯାଇପାରିବ । ଡାକ୍ତରଙ୍କ ଭୂମିକା ଅପେକ୍ଷା ଗୁରୁତ୍ୱ ହେଉଛି ଆମ ମାନଙ୍କର ବ୍ୟକ୍ତିଗତ ଦାୟିତ୍ୱବୋଧ । ସବୁ ଜାଣି ମଧ୍ୟ ଆମେ ଆମ ଶରୀରକୁ ନିର୍ଯ୍ୟାତନା ଦେଇ ଚାଲିଛେ । ଟଙ୍କା ଉପାର୍ଜନ, ଚାକିରି ବୋଝ, ପରିବାର ଦାୟିତ୍ୱ ଭିତରେ ଶରୀରକୁ ଯେଭଳି ଭାବେ ବିଶ୍ରାମ ଦେବା କଥା ତା ମଧ୍ୟ ଦେଉନାହେଁ । ଫଳରେ ଦିନକୁ ଦିନ ଶରୀରର ଯନ୍ତ୍ରାଂଶ ଦୁର୍ବଳ ହେବାରେ ଲାଗିଛି । ତେଣୁ ସବୁ ଦାୟିତ୍ୱ ଭିତରେ ମଧ୍ୟ ଆମକୁ ଆମର ଓ ଆମ ପରିବାରର ସୁରକ୍ଷା ପାଇଁ ସ୍ୱାସ୍ଥ୍ୟ ପ୍ରସଙ୍ଗ ଉପରେ ଅଧିକ ଦୃଷ୍ଟି ଦେବାକୁ ପଡ଼ିବ । ନଚେତ କେତେବେଳେ ଯେ ପରିବାରରେ ଶୋକ ପରିବେଶ ସୃଷ୍ଟି ହେବ ତାହା କେହି କହିପାରିବେ ନାହିଁ ।

+ପ୍ରଫେସର, ହୃଦରୋଗ ବିଭାଗ, ଶ୍ରୀରାମଚନ୍ଦ୍ରଭଞ୍ଜ ମେଡ଼ିକାଲ କଲେଜ, କଟକ

# ଲେଖା ମାଳ ମାଳ, ପଢ଼ା ଦୁର୍ବଳ



## ଶ୍ରୀ ଶ୍ୟାମା ପ୍ରସାଦ ମିଶ୍ର

ଆଜିର ସମାଜରେ କବି, ଲେଖକ, ଗାଳ୍ପିକ, ପ୍ରାବନ୍ଧିକ, ଔପନ୍ୟାସିକ ଓ ନାଟ୍ୟକାର ଆଦିଙ୍କ ସଂଖ୍ୟା ଦିନକୁ ଦିନ ଆଶାତୀତ ଭାବେ ବୃଦ୍ଧି ପାଉଛି । ସୋସିଆଲ ମିଡିଆ, ବ୍ଲଗ୍, ଅନ୍ ଲାଇନ୍ ପତ୍ରିକା ଓ ସ୍ୱୟଂ ପ୍ରକାଶନର ସୁବିଧା ଏହାକୁ ଆହୁରି ସହଜ କରିଛି । ପୂର୍ବରୁ ଲେଖାଟିଏ ପ୍ରକାଶ ପାଇବା, କରିବା କିମ୍ବା କରାଇବା ପାଇଁ ବହୁତ ଶ୍ରମ/କଷ୍ଟ ସ୍ୱୀକାର କରିବାକୁ ପଡୁଥିଲା । ଏବେ ସେହି ସୀମାବଦ୍ଧତା ଅନେକ ହ୍ରାସ ପାଇଛି । ଏହା ନିଶ୍ଚୟ ଭାବେ ସାହିତ୍ୟର ସାର୍ବଜନୀନତା ତଥା ଲୋକତନ୍ତ୍ରୀକରଣକୁ ସୂଚାଉଛି । କିନ୍ତୁ ଏହା ସହିତ ଏକ ଅବାଞ୍ଛିତ ବିରୋଧାଭାସ ମଧ୍ୟ ଦେଖାଯାଉଛି— ଲେଖକ ସଂଖ୍ୟା ବଢୁଛନ୍ତି ଗୁଣୋତ୍ତର ପ୍ରଗତିରେ , କିନ୍ତୁ ପାଠକ କମିଯାଉଛନ୍ତି ହରାତ୍ମକ ପ୍ରଗତିରେ । ଅବଶ୍ୟ, ଏହା ପଛରେ ଅନେକ ସାମାଜିକ ଓ ପ୍ରଯୁକ୍ତିଗତ କାରଣ ରହିଛି । ପ୍ରଥମେ, ଡିଜିଟାଲ ଯୁଗରେ ଲୋକଙ୍କ ଧ୍ୟାନ କେନ୍ଦ୍ରୀଭୂତ କରିବାର କ୍ଷମତା କମିଯାଇଛି । ରିଲ୍ସ, ଛୋଟ ଭିଡିଓ, ତୁରନ୍ତ ମନୋରଞ୍ଜନ, ଓ ଦୃଶ୍ୟମାନ ମାଧ୍ୟମ ଆଦି; ପଠନ ଅଭ୍ୟାସକୁ ପଛକୁ ଠେଲିଦେଇଛି । ଲୋକମାନେ ଏବେ ଦୀର୍ଘ ଗଦ୍ୟ ବା କବିତା ପଢ଼ିବାରୁ ଅପେକ୍ଷା ତୁରନ୍ତ ଆନନ୍ଦ ଦେଇପାରୁଥିବା ସାମଗ୍ରୀକୁ ଅଧିକ ପସନ୍ଦ କରୁଛନ୍ତି । ଦ୍ୱିତୀୟତଃ, ଶିକ୍ଷା ପ୍ରଣାଳୀରେ କେବଳ ପାଠ୍ୟପୁସ୍ତକକୁ ଅଧିକ ଗୁରୁତ୍ୱ ଦିଆଯାଉଛି, ସାହିତ୍ୟ ପ୍ରତି ଆକର୍ଷଣ ସୃଷ୍ଟି କଲା ଭଳି ବିଷୟ ବସ୍ତୁ ବା ତା ପାଇଁ ଯଥେଷ୍ଟ ପ୍ରଚେଷ୍ଟା ହେଉନାହିଁ । ଛାତ୍ରଛାତ୍ରୀ ପରୀକ୍ଷା ଉତ୍ତରଣମୁଖୀ **(Examination ridden education system)** ଶିକ୍ଷାରେ ବ୍ୟସ୍ତ ରହି, ସ୍ୱଇଚ୍ଛାରେ ଉତ୍ତମ ସାହିତ୍ୟ ପଢ଼ିବାର ଅଭ୍ୟାସ ଗଢ଼ିପାରୁନାହାନ୍ତି । ଫଳରେ ସେମାନେ ବଡ଼ହେବା ସହିତ ପୁସ୍ତକ ପଢ଼ିବାରୁ ଦୂରେଇଯାଆନ୍ତି ।

ତୃତୀୟତଃ, ବହୁ ସଂଖ୍ୟାରେ ଲେଖା ପ୍ରକାଶ ପାଇବାରୁ ଲେଖା ଗୁଡ଼ିକର ପଠନ ଉପଯୋଗୀ ଗୁଣ ବା ମାନର ପ୍ରଶ୍ନ ଉଠୁଛି । ସବୁ ଲେଖା ସମାନ ମାନର ନୁହେଁ, ଯା ଫଳରେ ପାଠକମାନେ ବେଳେ ବେଳେ ନିରୁତ୍ସାହିତ ହୁଅନ୍ତି । ପୂର୍ବରୁ କୁହାଯାଉଥିଲା, 'କଳାକାରର ପ୍ରସ୍ଫୁଟନ ଜନ୍ମଗତ', ଆଜିକା ସମୟରେ କଳାକାର ତିଆରି ହୋଇପାରୁଛନ୍ତି ବିଭିନ୍ନ ସାହିତ୍ୟ ଅନୁଷ୍ଠାନ ମାଧ୍ୟମରେ । କିନ୍ତୁ ଜନ୍ମଗତ କଳାକାର ଓ କଳା ସାଲୁବାଲୁ ବୋଳି ହୋଇ ନିଜକୁ କଳାକାର ଭାବରେ ପରିଚିତ କରାଇବା ପାଇଁ ଚେଷ୍ଟିତ କଳାକାର ମଧ୍ୟରେ ଅନେକ ତଫାତ୍ , ଠିକ୍ କୋଇଲି ଓ କୁଆ ଭଳି, ପାଟି ଖୋଲିବା ମାତ୍ରେ ଜଣାପଡ଼ିଯାଏ । ଭଲ ସାହିତ୍ୟ ସୃଷ୍ଟି ନ ହେଉ ଥିବାରୁ, ପାଠକମାନେ ସହଜରେ ଆଗ୍ରହ ହରାଇ ଦେଇଥାନ୍ତି । ଏଣୁ ଆଜି ଲେଖକ ମାଳ ମାଳ, କିନ୍ତୁ ପାଠକ ସଂଖ୍ୟା ନଗଣ୍ୟ (ଦୁର୍ବଳ) ।

ଅତଏବ, ଲେଖକଟିଏ ଅଧ୍ୟୟନ ମନସ୍କ ହେବା ନିତାନ୍ତ ଜରୁରୀ । ପର୍ଯ୍ୟାପ୍ତ ଅଧ୍ୟୟନ ଅଭାବରେ ସୃଜନଶୀଳତା ଆସିବା ଏକ ରକମର ଅସମ୍ଭବ । ପୁନଶ୍ଚ ଲେଖା ଗୁଡ଼ିକର 'ରମ୍ୟତା' ତାକୁ ଆକର୍ଷଣୀୟ କରେ, ତାହା ନ ଥିଲେ ସେ ପାଠକୀୟ ଆଦୃତି ହରାଇ ବସିବା ସ୍ୱାଭାବିକ । ଲେଖାରେ ନୂତନତ୍ୱ ରହିବା ଏକାନ୍ତ ଆବଶ୍ୟକ । ତାହା ପଢ଼ିଲା ପରେ ପାଠକ ଯେପରି ଅନୁଭବ ନ କରେ ଯେ, ତାର ସେହି ସମୟତକ ବେକାର ଗଲା ଅର୍ଥାତ୍ ସେ ସେହି ଲେଖାଟି ପଢ଼ି ସାହିତ୍ୟ ପ୍ରତି ଅବଚେତନରେ ବିମୁଖ ହେଲା । ସାହିତ୍ୟ ଆକର୍ଷଣୀୟ ହେବା ଆବଶ୍ୟକ ଏବଂ ଶିଶୁଟି ଦିନରୁ ପଠନ ଅଭ୍ୟାସ ଗଢ଼ି ତୋଳିବା ଆବଶ୍ୟକ । ପରିବାର ଓ ବିଦ୍ୟାଳୟ ଏଥିରେ ମୁଖ୍ୟ ଭୂମିକା ଗ୍ରହଣ କରିବା ଦରକାର ।

ଲେଖକ ଓ ପାଠକ ଦୁହେଁ ସାହିତ୍ୟର ଦୁଇଟି ଅବିଭାଜ୍ୟ ଅଂଶ, ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ଭଳି । ସାହିତ୍ୟ ଶୁଖିଲା ଘାସ ଭଳି ରସଶୂନ୍ୟ (ଯେଉଁ ସାହିତ୍ୟ ଲେଖି ଲେଖି ହାତର କଣ୍ଟୁ ମରେ, କିନ୍ତୁ ପାଠକ ହୁଏ ବିମୁଖ; ତଥାପି ସାହିତ୍ୟିକ ମନେ ମନେ ଭାବେ ସେ ଖୁବ୍ ଗୋଟାଏ ବିରାଟ କାମ କରି ଦେଇଛି ।) ହେବା ବଦଳରେ ରସାଳ, ହୃଦୟ ସ୍ପର୍ଶୀ, ଆବେଗ ଆହ୍ୱାନ ସୃଷ୍ଟି କାରୀ ତଥା ସାମାଜିକ ବାର୍ତ୍ତା ବହନ କାରୀ ହେଲେ ଯାଇ ପାଠକ ସଂଖ୍ୟା ବୃଦ୍ଧି ପାଇବ ଏବଂ ସାହିତ୍ୟ ବଞ୍ଚି ରହିବ ।

କ୍ରମାଗତ ଦ୍ୱିତୀୟ ଥର ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରାପ୍ତ ଶିକ୍ଷକ, ଉପେନ୍ଦ୍ର ଭଞ୍ଜ ଉଚ୍ଚ ବିଦ୍ୟାଳୟ, ଭଞ୍ଜନଗର, ଗଞ୍ଜାମ
ମୋ: ୯୦୯୦୫୦୭୯୫୫

କବିତା କୋଣାର୍କ

## ଜୀବନ ଗଣିତ

### ଅରୁଣ କୁମାର ଦାସ

ଶ୍ରେଣୀ ଗୃହରେ ପିଲାମାନଙ୍କୁ ଗଣିତ
ପଢାଉ ପଢାଉ
ନିଜେ ପାଲଟି ଗଲି
ଏକ ଅସମାହିତ ପ୍ରଶ୍ନ
ଯାହାର ସମାଧାନର ସୂତ୍ର
ଏବେ ବି ଖୋଜୁଛି ।

କେତେ ବେଳେ ଲାଭ କ୍ଷତିର ନିକିତିରେ
ସରଳ ସୁଧକଷାର
ଚକ୍ର ବୃଦ୍ଧି ସୁଧରେ
ଘାଣ୍ଟି ହୋଇ
ସମୟ ପାଇଲିନି ଜମା
କାର୍ଯ୍ୟ ସମ୍ପାଦନ ପାଇଁ ।

ଗେଣ୍ଡା ସ୍ତମ୍ଭ ଉଠିବା ପରି
ଚଢେ ପୁଣି ଖସେ
କେତେ ବାଟ ଆସିଲା ଭଳି
ମୂଲ୍ୟାୟନ ହୁଏନି
ଅକାତ କାତ ପାଣି
ତା ତଳେ ପଙ୍କ
ଗୋଡ଼ ଦିଇଟା
ତଳକୁ ତଳ ଦବି ଯାଉଛି
ଉଠାଇବାକୁ ଆଉ ସାହସ ଜୁଟୁନି ।

ଅଜ୍ଞାତ ରାଶିର ସମାଧାନ
ଖୋଜୁ ଖୋଜୁ ଚଳରାଶିର
ହାବୁଡରେ ପଡିଗଲି
ଧୃବ ପଦ ପାଇଲି ସତ୍
ହରେଇବା ଭୟରେ
ନିତି ଘାରି ହୋଉଛି
ଦ୍ୱି ଘାତ ସମୀକରଣକୁ
ମୋଟା ମୋଟା ବହି ମଧ୍ୟରେ ।

ଦୂରତା ବିସ୍ଥାପନ ଲେଖ ଚିତ୍ରର
କେତେ ବେଳେ ତୀର୍ଯକ ସରଳ ରେଖା
ଆଉ କେତେ ବେଳେ ସମାନ୍ତରାଳ
ଭୂ ଲମ୍ବ, ଆନୁଭୂମିକ ରେଖା
ସାଜି ଚାଲିଛି ।

ଜାଣେନା କେତେ ବେଳେ
ପ୍ରଧାନ ଅକ୍ଷରେ
ସାମିଲ ହେବ
ସେହି
ପରମ ପିତାଙ୍କୁ ଜଣା ।

+ଠାକୁରା, ପୁରୁଣା ବଉଳମାଳ, ଧର୍ମଶାଳା, ଯାଜପୁର








# ମିନାକ୍ଷୀ ଦେବୀ ମନ୍ଦିର



**ଡକ୍ଟର ବିଜୟଲକ୍ଷ୍ମୀ ଭୂୟାଁ**

ପବିତ୍ର ରାମେଶ୍ୱର ଧାମ ଓ ରାମନାଥସ୍ୱାମୀ ଲିଙ୍ଗଙ୍କୁ ଦର୍ଶନ କରିବା ପରେ ମିନାକ୍ଷୀ ଦେବୀଙ୍କୁ ଦର୍ଶନ କରିବା ପାଇଁ ଆମ ସାଥୀରେ ଥିବା କାରରେ ମଦୁରାଇ ଯାତ୍ରା କଲୁ। ରାମେଶ୍ୱରମ୍ ଠାରୁ ମଦୁରାଇର ଦୂରତା ୧୭୦ କି.ମି.। ତିନି ଘଣ୍ଟାର ବାଟ। ଏହା ତାମିଲନାଡୁ ରାଜ୍ୟର ଦ୍ୱିତୀୟ ବୃହତ୍ତମ ସହର। ଏଠାରେ ମାତା ପାର୍ବତୀ ମିନାକ୍ଷୀ ରୂପରେ ଓ ଭଗବାନ ଶିବ ସୁନ୍ଦରେଶ୍ୱର ନାମରେ ପୂଜା ପାଆନ୍ତି। ସହରର ମଧ୍ୟ ଭାଗରେ ଅବସ୍ଥିତ ମାତା ମିନାକ୍ଷୀ ଏବଂ ସୁନ୍ଦରେଶ୍ୱରଙ୍କ ମନ୍ଦିର ସୁନ୍ଦର କାରୁକାର୍ଯ୍ୟରେ ଭରା ଦୁଇଟି ବିଶାଳ ମନ୍ଦିର। ପ୍ରତିଦିନ ହଜାର ହଜାର ଯାତ୍ରୀ ଏହି ମନ୍ଦିର ତଥା ମନ୍ଦିର ପରିସରରେ ଥିବା ଅନ୍ୟାନ୍ୟ ମନ୍ଦିର, ଗୋପୁରମ୍ ଏବଂ ସ୍ତମ୍ଭମାନଙ୍କର ସୁଶୋଭିତ କଳାଭାସ୍କର୍ଯ୍ୟ ଦର୍ଶନ କରି ଆଶ୍ଚର୍ଯ୍ୟ ପ୍ରକଟ କରନ୍ତି।



ମିନାକ୍ଷୀ ମନ୍ଦିର ଭାରତର ବହୁ ପୁରାତନ ମନ୍ଦିର ମାନଙ୍କ ଭିତରୁ ଅନ୍ୟତମ। ଏହି ମନ୍ଦିର ବେଢ଼ାର ଲମ୍ବ ୮୪୭ ଫୁଟ ଓ ପ୍ରସ୍ଥ ୭୨୯ ଫୁଟ। ମନ୍ଦିର ବେଢ଼ାର ଚତୁର୍ପାର୍ଶ୍ୱରେ ଚାରୋଟି ବିଶାଳକାୟ ପ୍ରବେଶ ଦ୍ୱାର ରହିଛି। ପ୍ରତ୍ୟେକର ହାରାହାରି ଉଚ୍ଚତା ୧୭୦ଫୁଟ। ପ୍ରତ୍ୟେକ ପ୍ରବେଶ ଦ୍ୱାର ଦେହରେ ହଜାରରୁ ଅଧିକ ଦେବାଦେବୀ, ମୁନିଋଷି, ଗୋମାତା, ହାତୀ, ଘୋଡ଼ା ଓ ପଶୁପକ୍ଷୀଙ୍କର ସୁନ୍ଦର ରଙ୍ଗବେରଙ୍ଗ ମୂର୍ତ୍ତିମାନ ସୁସଜ୍ଜିତ ହୋଇ



ସ୍ଥାପନ କରାଯାଇଛି। ସମଗ୍ର ପ୍ରବେଶ ଦ୍ୱାର, ଗୋପୁରମ୍ ଓ ମନ୍ଦିରମାନଙ୍କରେ ଏହିପରି ୩୩୦୦୦ ମୂର୍ତ୍ତି ଶୋଭା ପାଉଛି। ମନ୍ଦିର ମଧ୍ୟରେ ବାରଟି ମଣ୍ଡପ ବା ଗୋପୁରମ୍ ବିଦ୍ୟମାନ। ପ୍ରତ୍ୟେକ ଗୋପୁରମ୍ ୫୦ ମିଟରରୁ ଅଧିକ ଉଚ୍ଚତା ବିଶିଷ୍ଟ ପିରାମିଡ଼ ଆକାରରେ ନିର୍ମିତ। ପୁରାଣ ଯୁଗରେ ଦେବରାଜ ଇନ୍ଦ୍ର ବହ୍ମହତ୍ୟା ପାପରୁ ମୁକ୍ତି ପାଇବା ପାଇଁ ଘୋର ତପସ୍ୟା କରିବାକୁ ଏହି ସ୍ଥାନରେ ଆସି ପହଞ୍ଚିଥିଲେ। ସେତେବେଳେ ଏଠାରେ ଘଞ୍ଚ ଜଙ୍ଗଲ ଥିଲା। ଏହି ଜଙ୍ଗଲରେ ଅନେକ କଦମ୍ବଗଛ ଥିଲା। ଇନ୍ଦ୍ର ଗୋଟିଏ କଦମ୍ବ ବୃକ୍ଷ ମୂଳରେ ସ୍ୱୟଂ ଭୂ-ଲିଙ୍ଗଙ୍କୁ ଦର୍ଶନ କଲେ। ସେ ଏଠାରେ ଘୋର ତପସ୍ୟା କରି ଶାପ ମୁକ୍ତ ହେଲେ। ଏଠାରେ ଥିବା ଏକ ପୋଖରୀରୁ ପ୍ରତିଦିନ ସୁବର୍ଣ୍ଣ ପଦ୍ମତୋଳି ସେ ଶିବଙ୍କୁ ଅର୍ପଣ କରୁଥିଲେ। ଶାସ୍ତ୍ରରେ ଅଛି ଶିବ ନିଜ ତ୍ରିଶୁଳ ନିକ୍ଷେପ କରି ଏଠାରୁ ପାଣି ବାହାର କରିଥିଲେ। ବିଶ୍ୱାସ କରାଯାଏ ଯେ ଦେବରାଜ ଇନ୍ଦ୍ର ଏହି ପୋଖରୀରୁ ସୁବର୍ଣ୍ଣ ପଦ୍ମ ନେଇ ଶିବଙ୍କୁ ପୂଜା କରୁଥିଲେ। ଏହି ସୁବର୍ଣ୍ଣ ପୋଖରୀର ଚତୁର୍ପାର୍ଶ୍ୱ ବିଶାଳ ପ୍ରାଚୀର ମାନଙ୍କ ଦ୍ୱାରା ପରିବେଷ୍ଟିତ। ଏହି ପ୍ରାଚୀର କାନ୍ଥମାନଙ୍କରେ ପୁରାଣ, ଇତିହାସରୁ ବିଭିନ୍ନ ଘଟଣାମାନ ଚିତ୍ରିତ କରାଯାଇଛି ଓ ପ୍ରାଚୀରରେ ଥିବା ମାର୍ବଲ ପ୍ରସ୍ତର ମାନଙ୍କରେ ପ୍ରାଚୀନ ଗ୍ରନ୍ଥମାନଙ୍କରୁ କବିତା, ଶ୍ଳୋକ, ସ୍ତୋତ୍ର ଓ ଦେବାଦେବୀଙ୍କର ବନ୍ଦନାମାନ ଖୋଦେଇ କରାଯାଇ ଲେଖା ଯାଇଛି। ସୁବର୍ଣ୍ଣ ପଦ୍ମପୋଖରୀ ଦର୍ଶନ କରି ମିନାକ୍ଷୀ ମନ୍ଦିରର ବାହ୍ୟ ମଣ୍ଡପରେ ପ୍ରବେଶ କଲୁ। ଏଠାରେ ସୁବର୍ଣ୍ଣ ଧ୍ୱଜା, ତିରୁମଲାଇ ବିନାୟକ, ତିରୁମଲାଇ ନାଇକ ମଣ୍ଡପ, କାର୍ତ୍ତିକେୟଙ୍କ ମୂର୍ତ୍ତି ଇତ୍ୟାଦି ଦେଖିବାକୁ ମିଳେ। ତାପରେ ମାତାଙ୍କର ମନ୍ଦିର ମଧ୍ୟରେ ପ୍ରବେଶ କରିବାକୁ ପଡ଼େ। ଗର୍ଭଗୃହ ମଧ୍ୟରେ ମାତା ମିନାକ୍ଷୀଙ୍କର ସୁନ୍ଦର ଦଣ୍ଡାୟମାନ ମୂର୍ତ୍ତି ଶାନ୍ତି ଓ ଦୟାର ପ୍ରତୀକ ସ୍ୱରୂପ ହାତରେ ଶୁଆ ଓ ଫୁଲତୋଡ଼ା ଧରି ବିରାଜମାନ। ମାତାଙ୍କର ଏହି ସୁନ୍ଦର ମୂର୍ତ୍ତି ଦର୍ଶନ ମାତ୍ରେ ମନରେ ଭକ୍ତି ଓ ଆନନ୍ଦ ଜାଗ୍ରତ ହୁଏ। ମାତାଙ୍କର ଦର୍ଶନ ପରେ ସୁନ୍ଦରେଶ୍ୱର ମନ୍ଦିର ଦର୍ଶନ କଲୁ। ମନ୍ଦିରର ପ୍ରବେଶ ଦ୍ୱାରରେ ୧୨ଫୁଟ ଉଚ୍ଚତା ବିଶିଷ୍ଟ ଦୁଇ ଦ୍ୱାରପାଳଙ୍କ ବିଶାଳ ତମ୍ବାମୂର୍ତ୍ତି ଦଣ୍ଡାୟମାନ। ମନ୍ଦିରର ଗର୍ଭଗୃହ ପୂର୍ବରୁ ମହାମଣ୍ଡପରେ ଶିବଙ୍କର ନଟରାଜ ମୂର୍ତ୍ତି ତାଙ୍କର ଦକ୍ଷିଣ ପାଦ ଉର୍ଦ୍ଧ୍ୱକୁ ତୋଳି ବିରାଜମାନ। ଏହା ସହିତ ୬୩ ଶିବ ଭକ୍ତ ମୁନି ଋଷିଙ୍କ ତମ୍ବା ମୂର୍ତ୍ତିମାନ ରଖାଯାଇଛି। ଗର୍ଭଗୃହକୁ ଇନ୍ଦ୍ର ବିମାନ କୁହାଯାଏ। ଏହାକୁ ୬୪ ଭୂତଗଣ, ୮ଟି ହାତୀ ଓ ଦୁଇଟି ସିଂହ ଧାରଣ କରି ରଖିଛନ୍ତି। ଏହାର ମଧ୍ୟ ଭାଗରେ ଭଗବାନ ସୁନ୍ଦରେଶ୍ୱର ଲିଙ୍ଗ ରୂପରେ ପୂଜା ପାଆନ୍ତି। ମନ୍ଦିର ମଧ୍ୟରେ ସହସ୍ର ସ୍ତମ୍ଭର ବିରାଟ ଗୃହ ଯାତ୍ରୀ ମାନଙ୍କୁ ବିଶେଷ ଆକର୍ଷଣ କରେ। ଏହା ଦଲାଭାଇ ହରିଅନନ୍ତ ମୁଦାଲିୟରଙ୍କ ଦ୍ୱାରା ୧୫୬୯ ଖ୍ରୀଷ୍ଟାବ୍ଦରେ ନିର୍ମିତ। ଏହି ସ୍ତମ୍ଭ ମାନଙ୍କର କାରୁକାର୍ଯ୍ୟ ଅବର୍ଣ୍ଣନୀୟ। ଏଥିରେ ନର୍ତ୍ତନ ଗଣେଶ, ଶିବ, ରବି, ମନ୍ମଥ, ଅର୍ଜୁନ, ଭୀମ, ଚନ୍ଦ୍ରମତୀ, ସରସ୍ୱତୀ ଓ ମୋହିନୀଙ୍କର ସୁନ୍ଦର ମୂର୍ତ୍ତିମାନ ଖୋଦିତ ହୋଇଅଛି। ଗୃହର ଶେଷ ଭାଗରେ ନଟରାଜ ଏବଂ ଶିବକାମୀଙ୍କର ସୁନ୍ଦର ମୂର୍ତ୍ତି ଏକ ମଣ୍ଡପ ଉପରେ ବିରାଜମାନ।

ମଦୁରାଇରେ ତିରୁମଲାଇ ନାୟକ ରାଜପ୍ରାସାଦ ଏକ ଦର୍ଶନୀୟ ସ୍ଥାନ, ଏହା ମିନାକ୍ଷୀ ମନ୍ଦିର ଠାରୁ ୧କି.ମି. ଦୂରରେ ଅବସ୍ଥିତ। ଏହା ରାଜା ତିରୁମଲାଇ ନାୟକଙ୍କ ଦ୍ୱାରା ୧୬୩୬ ଖ୍ରୀଷ୍ଟାବ୍ଦରେ ନିର୍ମାଣ କରାଯାଇଅଛି। ରାଜପ୍ରାସାଦ ମଧ୍ୟ ଭାଗରେ ରାଜାଙ୍କର ଦରବାର ପ୍ରାଙ୍ଗଣ ଦର୍ଶକମାନଙ୍କୁ ଆଶ୍ଚର୍ଯ୍ୟ କରେ। ସୁନ୍ଦର କାରୁକାର୍ଯ୍ୟ ବହନ କରୁଥିବା ଉଚ୍ଚ ଉଚ୍ଚ ସ୍ତମ୍ଭ ମାନଙ୍କ ଦ୍ୱାରା ଏହି ପ୍ରାସାଦ ପରିବେଷ୍ଟିତ। ପ୍ରାସାଦ ମଧ୍ୟରେ ଗୋଲାକାର ଗମ୍ବୁଜମାନ ଶୋଭା ପାଉଛି। ଗମ୍ବୁଜ ଗୁଡ଼ିକରେ ଚୁନରେ ତିଆରି କାମ ଓ ଡିଜାଇନମାନ ମନମୁଗ୍ଧକର। ଏହା ମଧ୍ୟରେ ଶବ୍ଦ ଓ ଆଲୋକ କାର୍ଯ୍ୟକ୍ରମ ଦ୍ୱାରା ତିରୁମଲାଇ ନାୟକ ଓ ଅନ୍ୟାନ୍ୟ ରାଜା ମାନଙ୍କର ଜୀବନୀ ଓ ରାଜୁତି ସମୟର ଘଟଣାମାନ ବର୍ଣ୍ଣନା କରାଯାଇଛି। ଏହା ପ୍ରତିଦିନ ସନ୍ଧ୍ୟା ୬.୪୫ରୁ ୯.୩୦ ପର୍ଯ୍ୟନ୍ତ ଚାଲୁ ରହେ। ମଦୁରାଇ ସହର ମଧ୍ୟରେ ଆହୁରି କିଛି ମନ୍ଦିର ଓ ଦର୍ଶନୀୟ ସ୍ଥାନ ରହିଛି। ଯାତ୍ରୀମାନେ ସମୟ ଓ ସୁବିଧା ଦେଖି ଦର୍ଶନ କରିପାରିବେ। ମିନାକ୍ଷୀ ଦେବୀ ମନ୍ଦିରରେ ବର୍ଷ ତମାମ ଅନେକ ପର୍ବପର୍ବାଣୀ ପାଳନ କରାଯାଏ। ତନ୍ମଧ୍ୟରୁ ମିନାକ୍ଷୀ ତିରୁକଲ୍ୟାନମ୍ ଅର୍ଥାତ୍ ମାତା ମିନାକ୍ଷୀଙ୍କର ବିବାହ ପର୍ବ ସବୁଠାରୁ ବଡ଼ ପର୍ବ। ଏହା ପ୍ରତିବର୍ଷ ଏପ୍ରିଲ ମାସରେ ପାଳିତ ହୁଏ। ଏହାଛଡ଼ା ନବରାତ୍ରୀ ଓ ଶିବରାତ୍ରୀ ମଧ୍ୟ ନିଷ୍ଠା ଓ ଆଡ଼ମ୍ବର ସହ ପାଳନ କରାଯାଏ। ଶ୍ରାବଣ ମାସର ପ୍ରତ୍ୟେକ ଶୁକ୍ରବାର ଏଠାରେ ଦେବୀଙ୍କର ବିଶେଷ ପୂଜା ଅନୁଷ୍ଠିତ ହୁଏ। ମନ୍ଦିର ସକାଳ ୫ଟାରୁ ୧୨.୩୦ ପର୍ଯ୍ୟନ୍ତ ଓ ଅପରାହ୍ନରେ ୪ଟାରୁ ୯.୩୦ ପର୍ଯ୍ୟନ୍ତ ଖୋଲା ରହେ। ମନ୍ଦିର ମଧ୍ୟରେ ଅଣହିନ୍ଦୁମାନଙ୍କ ପ୍ରବେଶ ନିଷେଧ। ଦାକ୍ଷିଣାତ୍ୟ କଳା ସଂସ୍କୃତିରେ ଭରପୁର ମଦୁରାଇର ମିନାକ୍ଷୀ ମନ୍ଦିର ଅବଶ୍ୟ ଦର୍ଶନୀୟ। ମିନାକ୍ଷୀ ମାତାଙ୍କ ମାହାତ୍ମ୍ୟ ରାମାୟଣରେ ମଧ୍ୟ ବର୍ଣ୍ଣିତ। କୌଟିଲ୍ୟ ଅର୍ଥଶାସ୍ତ୍ରରେ ମାତାଙ୍କ ମହିମା ସ୍ଥାନ ପାଇଛି। ବିଦେଶୀ ପର୍ଯ୍ୟଟକ ମେଘାସ୍ଥିନିସ୍ ଖ୍ରୀଷ୍ଟପୂର୍ବ ୩୦୨ରେ ଓ ଟୋଲେମି ୧୪୦ ଖ୍ରୀଷ୍ଟାବ୍ଦରେ ସେମାନଙ୍କ ଭାରତ ଭ୍ରମଣ ବୀବରଣୀରେ ଏହି ପୀଠର ମହିମା ବର୍ଣ୍ଣନା କରିଛନ୍ତି। ମନ୍ଦିରର ବିଶାଳତା ଓ କମନୀୟ କାରୁକାର୍ଯ୍ୟ ପାଇଁ ମିନାକ୍ଷୀ ମନ୍ଦିର ବିଶ୍ୱର ସପ୍ତାଶ୍ଚର୍ଯ୍ୟ ମଧ୍ୟରେ ସ୍ଥାନ ପାଇବା ପାଇଁ ପ୍ରସ୍ତାବ କରାଯାଇଛି। ଏପରି ଏକ ସୌନ୍ଦର୍ଯ୍ୟମୟୀ ନଗରୀ ଓ ପ୍ରସିଦ୍ଧ ଶିବଶକ୍ତି ପୀଠ ଦର୍ଶନ କରି ନିଜକୁ ଗୌରବାନ୍ୱିତ ତଥା ଭାଗ୍ୟବାନ ମନେ କରୁଛି।

+ପ୍ଲଟ ନଂ-୧୦୮୨/ଡି, ମର୍କତ ନଗର, ସିଡିଏ, ସେକ୍ଟର-୬, କଟକ,
ମୋ : ୯୮୬୧୩୫୫୬୨୮

# ତୁମୁଡିବନ୍ଧ ଇଷ୍ଟଦେବୀ : ମାଆ ଭୀମା ଭୈରବୀ

**ଡ଼ ସ୍ୱାଗତିକା ସାହୁ**



ପାହାଡ଼ ଝରଣା ଘେରା ଜାଙ୍ଗଲିକ ମୁଲକ ହେଉଛି କନ୍ଧମାଳ। ଯେଉଁଠି ମହୁଲ ଫୁଲର ଗାଲିଚା ମିଳେ, ଯେଉଁଠି ଆମ୍ବ ବଉଳର ମହକ ମିଳେ, ଯେଉଁଠି ସଲଫ ରସର ଆଦର ମିଳେ, ଆଉ ଯେଉଁଠି ସ୍ନେହ ସୌହାର୍ଦ୍ଧ୍ୟର ଆକାଶ ମିଳେ ତାହାରି ଭିତରେ ତୁମୁଡିବନ୍ଧ ଅଞ୍ଚଳ। ଚାରିପଟେ ଘେରିରହିଛି ପାହାଡ଼ ଝରଣା ଆଉ ତା ସାଙ୍ଗକୁ ବିପଦ ଆପଦ ପାଇଁ ମାଆ ଭୀମା ଠାକୁରାଣୀଙ୍କ ଆଶୀର୍ବାଦ। ସେ ତ ଠାକୁରାଣୀ ନୁହେଁ ମାଆଟିଏ ପରି ଯିଏ ତାର କାନି ପଣତରେ ଘଣ୍ଟ ଘୋଡେଇ ରଖିଛି ଏଇ ଅଞ୍ଚଳକୁ।

ଆବିର୍ଭାବ : ପ୍ରାୟ ୭୦ରୁ ୮୦ ବର୍ଷ ତଳରୁ ତୁମୁଡିବନ୍ଧର ଇଷ୍ଟ ଦେବୀ ରୂପେ ପୂଜା ପାଇଆସୁଛି ମାଆ ଭୀମା ଠାକୁରାଣୀ। ସେ ପ୍ରଥମେ ପୁରୁଷ ଠାକୁର ରୂପରେ ବିଦ୍ୟମାନ ଥିଲେ, ଯାହାଙ୍କୁ 'ଭୀମା ନିଶାନ ବୁଢ଼ା' ବୋଲି ସମସ୍ତେ କହୁଥିଲେ। ସେତେବେଳେ ତୁମୁଡିବନ୍ଧ ଅଞ୍ଚଳର ରାଜା ସୁରଥ ପାତ୍ରଙ୍କ ପିତା ଠକୁରାଣୀଙ୍କ ପୂଜା ପାଇଁ, ବିଭିନ୍ନ ସେବା ପାଇଁ ସେବକ ରଖିଥିଲେ ଏବଂ ସେମାନଙ୍କୁ ସେବା ଯୋଗାଇଦେବା ପାଇଁ ପୃଥକ ପୃଥକ ଜମି ମଧ୍ୟ ଦେଇଥିଲେ। ତାଙ୍କ ପରେ ତାଙ୍କ ପୁତ୍ର ଏବଂ ପରେ ତୁମୁଡିବନ୍ଧବାସୀ ଏଇ ପ୍ରଥାକୁ କରିଆସୁଛନ୍ତି।

କିମ୍ବଦନ୍ତୀ :

୧) ତୁମୁଡିବନ୍ଧର ବୟୋଜ୍ୟେଷ୍ଠମାନେ ମାଆ ଭୀମାଙ୍କ ବିଷୟରେ ବହୁତ କିମ୍ବଦନ୍ତୀ କୁହନ୍ତି...। ମାଆ ଭୀମା ପ୍ରଥମେ 'ଭୀମା ଡ଼ଙ୍ଗର ପାହାଡ଼'ରେ ପୂଜା ପାଉଥିଲେ। ସେଇ ଜାଗାକୁ ଯିବା ପାଇଁ ଲୋକଙ୍କୁ ପାହାଡ଼ ଚଢ଼ି ପୂଜା କରିବାପାଇଁ ପଡୁଥିଲା। ଦିନେ ପୂଜାରୀ ପୂଜାଡାଲଟି ଛାଡି ଆସିଥିଲେ ଏବଂ ପରବର୍ତ୍ତୀ ସମୟରେ ଯାଇ ଖୋଜନ୍ତେ ଡାଲଟି ନଥିଲା। ରାତିରେ ସ୍ୱପ୍ନ ହେଲା.. ଡାଲକୁ ମୁଁ ଯେଉଁଠିକି ଫୋପାଡୁଛି, ମତେ ସେଇଠି ପୂଜା କର, ଏତେ ପାହାଡ଼ ଉପରକୁ ଆସିବା ଆବଶ୍ୟକ ନାହିଁ..। ସକାଳୁ ପୂଜାରୀଙ୍କ ସହ ଗ୍ରାମ ମୁଖ୍ୟଲୋକମାନେ ମିଳିତ ଭାବରେ ଗାଁ ମୁଣ୍ଡରେ ଡାଲଟି ପଡ଼ିଥିବାର ଦେଖିଲେ, ଏବଂ ସେଇଠି ମନ୍ଦିର ତୋଳି ମାଆଙ୍କୁ ପୂଜା କଲେ, ଯାହା ଭୀମାଗୁଡ଼ି ଭାବେ ଆଜିବି ରହିଛି ଏବଂ ପୂଜାର୍ଚ୍ଚନା ଚାଲିଛି। ପ୍ରତିବର୍ଷ ଚୈତ୍ର ମାସ ଶୁକ୍ଲପକ୍ଷ ମଙ୍ଗଳବାର ଦିନ ମାଆର ଚୈତ୍ର ଯାତ୍ରା ହୁଏ, ବାଜା ବାଜି ପୂଜା ହୁଏ, ମାନସିକ ପୂରଣରେ ପଶୁପକ୍ଷୀ ବଳୀ ଦିଆହୁଏ।



୨) କିଛି ଲୋକମାନେ କୁହନ୍ତି ଖେଳକୁଦରେ ପିଲାମାନେ ବାଲିଯାତ୍ରା ଖେଳ ଖେଳୁଥିଲେ।

ଜଣେ ଛେଳି, ଜଣେ ପୂଜାରୀ ହୋଇଥିଲା, ପୂଜାରୀ ଜଣକ ମିଛରେ ଏକ ଛଣରେ ଛେଳି ହୋଇଥିବା ପିଲାର ବେକକୁ କାଟିବା ମାତ୍ରେ ତାର ଶରୀରରୁ ମୁଣ୍ଡଟି ଛିଡି ପଡିଥିଲା। ଅଧିଆ ପଡିଲା ପରେ ମାଆ ସ୍ୱପ୍ନରେ କହିଗଲା କି ବାଲିଯାତ୍ରାରେ ଏଭଳି ବଳି ଦେବାପାଇଁ.. ଆଉ ସେଦିନଠାରୁ ମାଆର ଯାତ୍ରାରେ ବଳି ଦିଆଯାଇଆସୁଛି।

ମାଆର ପର୍ବ: ଆମେ ଓଡ଼ିଆ, ବାରମାସରେ ତେର ପର୍ବ ଆମର ରୁଚି ଏବଂ ଆଭିଜାତ୍ୟ ମଧ୍ୟ। ତୁମୁଡିବନ୍ଧରେ ଭୀମା ମାଆର ମଧ୍ୟ ବାରମାସରେ ତେର ପର୍ବ ପାଳନ କରାଯାଏ। ବୈଶାଖ ମାସରେ ପଣାଠାରୁ ଆରମ୍ଭ କରି ଫଗୁଣରେ କାନ୍ଦୁଲ ପୂଜା ହୁଏ। କାର୍ତ୍ତିକ ମାସରେ ଶିମ୍ବ ପୂଜା ହୁଏ ଯାହାକୁ 'ଅନକା ଯାତ୍ରା' ବୋଲି ମଧ୍ୟ କୁହାଯାଏ। ଚୈତ୍ର ମାସରେ ଚୈତ୍ର ଯାତ୍ରା ଏବଂ ସବୁଠାରୁ ବଡ଼ ଭାଦ୍ରବ ମାସରେ ବାଲି ଯାତ୍ରା ପାଳନ କରାଯାଏ। କେବଳ ତୁମୁଡିବନ୍ଧ ନୁହେଁ ନିଜ ଅଞ୍ଚଳର ଇଷ୍ଟଦେବୀ ପାଇଁ ପାଖାପାଖି ରାୟଗଡାଠାରୁ ଆରମ୍ଭ କରି ଜଗଦଲପୁର, ମୁନିଗୁଡା, ବାଲିଗୁଡା ଇତ୍ୟାଦି ବହୁ ଅଞ୍ଚଳରେ ଏଇ ବାଲିଯାତ୍ରାକୁ ଅଞ୍ଚଳବାସୀ ବେଶ ଆଡ଼ମ୍ବରରେ ପାଳନ କରନ୍ତି।

ତୁମୁଡିବନ୍ଧର ପାରମ୍ପରିକ ବାଲିଯାତ୍ରା : ବାଲିଯାତ୍ରା, ତୁମୁଡିବନ୍ଧରେ କେଉଁ କାଳରୁ ଚଳି ଆସୁଥିବା ରୀତି ନୀତି ପ୍ରଥାର ଏକ ମାଇଲଖୁଣ୍ଟ, ମାଆ ଭୀମା ଭୈରବୀଙ୍କ ସବୁଠାରୁ ବଡଯାତ୍ରା। କୁହାଯାଏ ମାଆଙ୍କ ନାଁରେ ଅସୁବିଧାରେ ମାନସିକ କରିଲେ ସବୁ ମନସ୍କାମନା ପୁରଣ ହୁଏ, ବାଧା ଟଳିଯାଏ, ମାନସିକ ପୂରଣ ହୁଏ। ଆଉ ମାନସିକ ପୂରଣ ପରେ ବଳୀ ଦେଇ ମାଆଙ୍କୁ ସନ୍ତୁଷ୍ଟ କରାଯାଏ।

ବାଲିଯାତ୍ରା ବାରଦିନ ପର୍ଯ୍ୟନ୍ତ ପାଳିତ ହୁଏ। ସାହିର ପ୍ରତ୍ୟେକ ଘରର ଜଣେ ବ୍ୟକ୍ତି ଏଇ ବ୍ରତ ପାଳନ କରନ୍ତି। ସେପ୍ଟେମ୍ବର ମାସର ଶେଷ ସମୟ କିମ୍ବା ଅକ୍ଟୋବର ମାସର ପ୍ରାରମ୍ଭିକ ସମୟରେ ନୂଆ ଖିଆ ହୁଏ, ଏଥିରେ ନୂଆ ତେନ୍ତୁଳି ପୂଜା କରନ୍ତି ଏବଂ ଖାଆନ୍ତି। ତା'ପରେ ବାଲିଯାତ୍ରାର ନୀତି ଆରମ୍ଭ ହୁଏ। ପ୍ରଥମ ଦିନ କହିଲେ ଭାଦ୍ରବ ମାସର ଶୁକ୍ଲପକ୍ଷ ପଞ୍ଚମୀ ତିଥି, ସପ୍ତମୀ ତିଥି କିମ୍ବା ଅଷ୍ଟମୀ ତିଥିରେ (ଯେଉଁଦିନ ଭଲ ପଡିବ) ନଦୀ ପୂଜା ହୋଇ ବାଲି ଅଣାଯିବ। ଗ୍ରାମର ବ୍ରତୀଗଣ ବାଜା ମହୁରୀ ବଜାଇ ଯାଇ ନଦୀକୁ ପୂଜା କରନ୍ତି ଏବଂ ସେଇଠୁ ବାଲି ଆଣି ଆସନ୍ତି। ତା'ପରେ 'ଧାନ ବୁଲେନ' ରୀତି ହୁଏ, ଚାରିଦିନ ଧରି ଗାଁରୁ ବିହନ ମଗାଯାଏ (ଧାନ, ଗହମ, ସୋରିଷ, ମକା ଇତ୍ୟାଦି )। ୧୨ ପ୍ରକାର ବିହନକୁ ପଞ୍ଚମ ଦିନ ସେଇ ବାଲିରେ ବୁଣାଯାଏ, ଷଷ୍ଠ ଦିନ ପ୍ରତି ଗାଁର ଇଷ୍ଟଦେବୀଙ୍କୁ ଆରାଧନା କରାଯାଏ। ସପ୍ତମ ଏବଂ ଅଷ୍ଟମଦିନ ମାଆଙ୍କ ପାଟଖଣ୍ଡାକୁ ପୂଜା କରାଯାଏ।ଏହିପରି ଦଶ ଦିନ ପର୍ଯ୍ୟନ୍ତ ପୂଜା ଅର୍ଚ୍ଚନା ଚାଲିଥାଏ। ତା'ପରେ ଦୁଇଦିନ ହୁଏ - 'ବଡ଼ ଉପାସ' ଏବଂ 'ସାନ ଉପାସ'। ବଡ଼ ଉପାସ ଦିନ ଶୁକ୍ଳ ଗୁଣ୍ଡା ଖିଆଯାଏ, ଅର୍ଥାତ ଚାଉଳ ଚୁନାରେ ଗୁଣ୍ଡା କରି ବ୍ରତୀଙ୍କୁ ଦିଆଯାଏ ଏବଂ ସାନ ଉପାସ ଦିନ ହଳଦୀ ଗୁଣ୍ଡା ଦିଆଯାଏ। ଶେଷରେ ଯେଉଁ ଦିନ ବାରଦିନ ହୁଏ, ବାଲିଯାତ୍ରା ପାଳିତ ହୁଏ।

ବାଲିଯାତ୍ରା: ଏହିଦିନ ପୂଜକ ତଥା ବ୍ରତଚାରୀମାନେ କାଷ୍ଠା ରୁହନ୍ତି। ତିନୋଟି ସାହିର ମିଳନ ଜାଗାରେ ତୋରଣ ବନ୍ଧା ହୋଇଥାଏ, ବାଲିଗାତ ହୋଇଥାଏ। ସେଇଠି ମାଆଙ୍କର ଖଣ୍ଡା, ପୂଜା ସାମଗ୍ରୀ ନେଇ ନଦୀରେ ଗାଧୁଆ ଯାଏ, ବାଜା ବାଣରେ ଭୀମା ମାଆ କାଳେସୀଙ୍କ ଦେହରେ ପ୍ରତୀୟମାନ ହୋଇ ଉଭା ହୁଅନ୍ତି। ପ୍ରଥମେ ରୀତି ଅନୁଯାୟୀ ବାଟିଖେଳ ହୁଏ, ବାଲିଗାତରେ ଦୁଇରୁ ତିନିଟ୍ରିପ କାଠ ନିଆଁ ଲଗାଯାଇ ଅଙ୍ଗାର ନିଆଁ କରାଯାଏ। କୁହାଯାଏ ଯେତେ ବର୍ଷା ହେଲେ ମଧ୍ୟ ଏଇ ନିଆଁ କେବେ ଲିଭେନାହିଁ। ଠାକୁରାଣୀ ଲାଗିବା ପରେ ବାଲିଗାତକୁ ଚାରିପଟେ ବୁଲି ମୁଠି ମାରିଥାନ୍ତି। (କୁହାଯାଏ ଗୁଣୀ ଗାରେଡି କିମ୍ବା ଦୈବୀ ଶକ୍ତିକୁ ନିଆଁକୁ ପ୍ରବେଶରୁ ରୋକ କରାଯାଏ।) କୁମ୍ଭାର ଦ୍ୱାରା ଅଣାଯାଇଥାଏ କଞ୍ଚା ମାଟି ହାଣ୍ଡି, ସେଥିରେ କଣ୍ଟା ବିଛା ଯାଇଥାଏ, ଆଉ ସେଥିରେ ଠାକୁରାଣୀ ବସନ୍ତି। ପାଖରେ ଏକ କଣ୍ଟା ଦୋଳି ହୋଇଥାଏ, ଠାକୁରାଣୀ କାଳେସୀ ସେଇଠି କଣ୍ଟାପିଢାରେ କଣ୍ଟାଦୋଳି ଖେଳିଥାନ୍ତି। ଏହି ସମୟରେ ମାନସିକ କରିଥିବା ବ୍ୟକ୍ତି ବା ଗୁହାରିଆ ବ୍ୟକ୍ତି ନିଜର ମନକଥା ମାଆଙ୍କ ଆଗରେ ପ୍ରକାଶ କରିଥାନ୍ତି ଏବଂ ମାଆଙ୍କ ସାନ୍ନିଧ ପାଇଥାନ୍ତି। ତପୃରେ ଭୋଗରାଗ ହୋଇଥାଏ। ଠାକୁରାଣୀ ଏବେ ବାଲିଗାତ ନିଆଁରେ ପ୍ରବେଶ କରନ୍ତି ଏବଂ ନିଆଁରେ ଚାଲନ୍ତି, ତାଙ୍କ ପଛରେ ବ୍ରତୀମାନେ ମଧ୍ୟ ନିଆଁରେ ଚାଲନ୍ତି। ତା'ପରେ ଦିଆ ହୁଏ ପଶୁ ପକ୍ଷୀଙ୍କ ବଳି। ଯେଉଁ ବ୍ୟକ୍ତି ମାନସିକ କରିଥାନ୍ତି ସେମାନେ ବୋଦା, ଛେଳି, ମେଣ୍ଢା, କୁକୁଡ଼ା ବଳି ଦିଅନ୍ତି ଏବଂ ପାରା ଉଡ଼ାନ୍ତି। ପ୍ରଥମ ବଳିର ରକ୍ତକୁ ଆଞ୍ଜୁଳାରେ ନେଇ ବ୍ରତୀମାନେ ମାଆଙ୍କୁ ସମର୍ପଣ କରନ୍ତି। ମାଟି ରକ୍ତ ରଂଜିତ ହୋଇଯାଏ ନିରୀହ ପଶୁପକ୍ଷୀଙ୍କ ରକ୍ତରେ। ଏସବୁ ପରେ ଠାକୁରାଣୀ ଗ୍ରାମର ସବୁ ସାହି, ମାର୍କେଟଆଦି ଦ୍ୱାର ଦ୍ୱାର ବୁଲି ପଣା ପିଇଥାନ୍ତି ଏବଂ ତପୃରେ ପୂଜା ବାଲି ନଦୀକୁ ନେଇ ଭସାଇଥାନ୍ତି। ସେଇ ନଦୀରେ ପୁଣି ପୂଜା ଅର୍ଚ୍ଚନା ହୁଏ, ମାଆଙ୍କ ପାଟ ଖଣ୍ଡା ଧୁଆ ହୋଇ ଅଣାଯାଏ ଏବଂ ମନ୍ଦିର ଭିତରେ ରଖାଯାଏ ଯାହା ଦଶହରା ସମୟରେ ପୁଣି ପୂଜା ହୁଏ। ପଞ୍ଚମ ଦିନର ବୁଣା ଯାଇଥିବା ବିହନ ଗଜା ହୋଇଯାଇଥାଏ ଏବଂ ତାହା ପୂଜା ହୋଇଥାଏ। ପୂଜା ଶେଷରେ ଗଜା ବିହନକୁ ପ୍ରସାଦ ରୂପରେ ବଣ୍ଟା ଯାଏ। ଆଉ ସେଇ ବାଲି ତିନିଦିନ ପରେ ପଦରିଆ ବାଲି ହୁଏ। ପୂଜା ଶେଷରେ ସନ୍ଧ୍ୟାପରେ ବ୍ରତୀମାନେ କାଷ୍ଠା ଭାଙ୍ଗି ପଣା ପିଅନ୍ତି, ବାଲିଯାତ୍ରା ଶେଷ ହୁଏ। ଆମ ଐତିହ୍ୟ, ଆମ ସଂସ୍କୃତିକୁ ବଞ୍ଚାଇ ରଖିବା ଆମର କର୍ତ୍ତବ୍ୟ। ବାଲିଯାତ୍ରା ଏକ ପାରମ୍ପରିକ ପର୍ବ, ଯାହା ବିଶ୍ୱାସ ଏବଂ ଆଧ୍ୟାତ୍ମିକ ଚେତନାକୁ ବଞ୍ଚାଇ ରଖିବାର ଏକ ମାଧ୍ୟମ। ଭୀମା ଠାକୁରାଣୀ ଆମ ମାଆ, ଆମ ସାହସ, ଆମ ସନ୍ତର୍ପଣ, ଆମ ବିଶ୍ୱାସ। ମାଆକୁ ଛୁଆର ସ୍ନେହ, ଭକ୍ତି ଦରକାର, ତେଣୁ ଆମେ ନିରୀହ ପଶୁପକ୍ଷୀଙ୍କ ବଦଳରେ ମାଆକୁ ଆମ ଭକ୍ତିର ବଳି ଚଢାଇବା ଆବଶ୍ୟକ।

+ ଅଧ୍ୟାପିକା, ତୁମୁଡିବନ୍ଧ

# ହେ ମୋକ୍ଷ ପଥ ଗାମୀ

**ପୁଷ୍ପାଞ୍ଜଳି ପଣ୍ଡା**



ହେ ସିଦ୍ଧାର୍ଥ, ହେ ଗୌତମ
ହେ ଶାକ୍ୟ ବଂଶଧାରୀ
ହେ ମୋକ୍ଷ ପଥ ଗାମୀ ।

ଧନ ଐଶ୍ୱର୍ଯ୍ୟ, ରାଜ ପଦ
ସଂସାର ସୁଖ କରି ତେଜ୍ୟ
ମନ ଧର୍ମ ର ପୂର୍ବ ଗାମୀ ।

ଆତ୍ମ ପ୍ରତୟ ଶ୍ରେଷ୍ଠ ଶରଣ
ସବୁ କର୍ମ ପଥ ନିଷକର୍ମଣ
ଜୀବେ ଦୟା ଆରମ୍ଭିଲ।

ବାକ୍ୟ ସଂଯମ, ମନ ସଂଯମ
ତ୍ୟାଗ ଦୁଷ୍କର୍ମ, କର ସତ୍ କର୍ମ
ଅହିଂସା ପଥ ଦୀକ୍ଷା ଦେଲ।

ବୃଥା ବାକ୍ୟ ପରିହରି
କାମନା ବିନାଶ କରି
ଦୁଃଖ ନାଶ, କଟୁ କ୍ଳେଶ।

ମମତାର ଆଦରର
କଥା ଝରୁ ଅମୃତର
କେବେ ବି ନ ହେଉ ବିଷ।

ହେ ଶାକବ, ହେ ସଂଘୀ
ହେ ଶାନ୍ତ ମନ ଭିକ୍ଷୁ
ସର୍ବତ୍ୟାଗୀ ସଦାଚାରୀ ।

ମନ ଉଦବିଘ୍ନ ହୁଏ ଅଥୟ
ସବୁ ପରା ମନୋମୟ !
ସଂସାର ମାୟାପୁରୀ।

ହେ ଆତ୍ମଜୟୀ ବୀର
ହେ ଇଷ୍ଟ ବୁଦ୍ଧ ଶ୍ରେଷ୍ଠ
ସଂସାରର ସବୁ କଷ୍ଟ।

କଲ ତ୍ୟାଗ ମୋକ୍ଷ ଆଗ
ଆରମ୍ଭିଛ ସଂଘ ଯାତ୍ରା
ପୂର୍ଣ୍ଣ ହେଲା କି ଅଭିଷ୍ଟ।

ଲେଉଟାଣି ଦେଖିଲନି
ତୁମ ଆତ୍ମଜ ଅବୋଧ,
ହସ ମୁଖ ରାହୁଲ୍‌ର ।

ଥରେ ଯଦି ଭେଟିଥାନ୍ତ
କହିଥାନ୍ତ ସଂସାରରେ
କେତେ ସୁଖ ଏ 'ମୋହ' ଗଣ୍ଠିର।

ନିର୍ବାଣର ଯଜ୍ଞ ତୁମ
ପୂର୍ଣ୍ଣ କଲା ଯଦି କିଏ
ଯଶୋଧରା ଆଉ କିଏ !

ତୁମେ ହେଲ ବୁଦ୍ଧ
ତୋଜୋଦିପ୍ତ ଆଲୋକିତ
ନିର୍ବାପିତ ହେଲା ସିଏ
କେହି କଣ ତାଙ୍କ କଥା କହେ।

+କେନ୍ଦ୍ରାପଡ଼ା

# ଦାଦନ

**ଶ୍ରୀମତୀ ସୁଲକ୍ଷଣୀ ସାହୁ**



କଞ୍ଚା କପାଳ ଲେଖା ଆଦରି
ଲହୁ ଲୁହ ଆବେଗକୁ ଅତି ନିଖୁଣ ଅଭିନୟରେ ଜାହିର୍ କରୁଥିବା କିଛି ମୁହଁ
ଖୁବ୍ ଅସ୍ତବ୍ୟସ୍ତ ବିବର୍ଣ୍ଣ
ନିଜ ଭାଗର ନାରାଜ ଅସଂଖ୍ୟ ରେଖାରେ ଛାତିକୁ ଧକ୍କାଦିଆ କିଛି ହାତ
କଅଁଳ ନିରିହ ମନେ ଭରାଭର ଅସମୟ ଭୟ
ନିଶବ୍ଦ ନିବୁଜ ପଲକେ ଏକପାଖିଆ ପଡ଼ିରହିଛି
କେଇ ଘଣ୍ଟା ଆଗରୁ ନିଜ ଅଧିକାର ପାଇଁ ଗର୍ଜନକରା ବିପନ୍ନ ମୁର୍ଦ୍ଦାର।
ଦିନେ ଉଚ୍ଚ ପିଣ୍ଡାର ଉଦାର ବେପାରରେ ଭାଷି
ହାତେହାତେ ପାଇଥିଲା ଗାନ୍ଧୀ ନୋଟ କିଛି ହଜାର
ସେଇ ବେଳାରୁ ସାଜିଲା ବୋଧେ ବୋଲକରା ଚାକର।
କେଇ ଗଣ୍ଡିଲିରେ ବାନ୍ଧିଲା ଗୋଟେ ତେଲ ଲୁଣର ସଂସାର,
ନିଜ ଅଗଣାକୁ ସେଇଠି ଚାବି ପେନ୍ଥାରେ ଗୁନ୍ଥି
ବିବଶତାର ମୁଣ୍ଡ ନୁଆଁଇ
ଫେରିଲା ମରଦ ପୁଅ ଘରର।
ବ୍ୟବସ୍ଥିତ ଢଙ୍ଗରେ ହାତେଇ ନବାକୁ ଏଠି ଗାଡିମୋଟର ତୟାର
ମାଆ ବାପା ସ୍ତ୍ରୀ ଦି ଝିଅ ସହ ତାକୁ ଗାଁ ମାଟିରୁ ତଡିଦେଲା
ସତେକି ଦାଦନଦାର।
ଇଟାଭାଟିର ନାଲି ଟକ୍ ଟକ୍ ଦାହକ
ବଲୁଆ ବଳଦଟେ ଖୋଜରେ ଥିଲା,
ହତଭାଗାର କଞ୍ଚାଟଙ୍କାର ନିଗଡା ଲୋଭ କଞ୍ଚାଇଟାରେ ଅଟକିଲା।
କାନ୍ଥରେ ଟଙ୍ଗା ଖଣ୍ଡେ ଚାବିର ପୃଥିବୀରେ ଅସରନ୍ତି ଅନୁରାଗ
ସାହୁକାର ଆଲମରାରେ ଥୁଆ ଦି ଜୋଡି କାନ ଫୁଲର ଅହେତୁକ ମୋହ
ଅଚିରେ ସବୁ ତୁଟିଗଲା ନିମିଷେ
ହସଖୁସିର ସଂସାରଟେ ଉଜୁଡିଗଲା ଅକାଳେ।
ପ୍ରତିବାଦର ସ୍ୱାଧୀନଚେତା ମୁହଁଟେ
ଚିରଚିରେଇ ଉଠୁନି ଆଜି
ଏତେ କାନ୍ଦବୋବାଳିରେ
ଅଚିନ୍ତା ବନ୍ଧାଚାକର ଶୋଇଛି ନିଥର ସାଜି।

+ଖରିଆର ରୋଡ

# ମହିଳା ବିରୋଧୀ ମାନସିକତାଧାରୀଙ୍କୁ ଜବାବ ଦେବେ ଦେଶର ନାରୀଶକ୍ତି: ଅପରାଜିତା

ସମ୍ବଲପୁର, ୨୨/୦୪ (ନି.ପ୍ର):ରାଜ୍ୟ ବିଜେପି ଦଳର ବରିଷ୍ଠ ନାରୀନେତ୍ରୀ ତଥା ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ସମ୍ବଲପୁର ଗସ୍ତରେ ଆସି ନାରୀଶକ୍ତି ବନ୍ଦନ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ବିସ୍ତୃତ ସୂଚନା ଦେଇଛନ୍ତି । ବର୍ତ୍ତମାନ ସମାଜର ସ୍ଥିତି, ରାଜ୍ୟ ଓ ଦେଶର ବିକାଶ ମଧ୍ୟରେ ଗୁରୁତ୍ୱ ବହନ କରୁଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋକପାତ କରିଥିଲେ । ଦେଶର ରାଜନୈତିକ ପଟ୍ଟଚିତ୍ରର ବିଶ୍ଳେଷଣ କରି ବିଭିନ୍ନ ଦିଗକୁ ଲୋକଲୋଚନକୁ ଆଣିବା ପରେ ବର୍ତ୍ତମାନର ସ୍ଥିତି ଅବତାରଣା କରିଥିଲେ । ସଂସଦରେ ସମ୍ବିଧାନ ସଂଶୋଧନ ଓ ସୀମା ନିର୍ଦ୍ଧାରଣ ବିଲ୍କୁ ବିରୋଧ କରିବା ଘଟଣାକୁ ନେଇ କଂଗ୍ରେସ, ଟିଏମସି, ଡିଏମକେ ଓ ସମାଜବାଦୀ ପାର୍ଟି ଭଳି ବିରୋଧୀ ଦଳଗୁଡ଼ିକୁ ବିଜେପି ତୀବ୍ର ସମାଲୋଚନା କରିଛି । ବିରୋଧୀଙ୍କ ଏଭଳି ଆଭିମୁଖ୍ୟ ସେମାନଙ୍କର ମହିଳା ବିରୋଧୀ ମାନସିକତାକୁ ପ୍ରତିଫଳିତ କରୁଛି ବୋଲି ବିଜେପି ଏକ ପ୍ରେସ ବିଜ୍ଞପ୍ତିରେ ପ୍ରକାଶ କରିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସ୍ପଷ୍ଟ କରିଛନ୍ତି ଯେ ନୀତି ନିର୍ଦ୍ଧାରଣରେ ମହିଳାଙ୍କୁ ସମାନ ଭାଗିଦାରୀ ଦେବା କୌଣସି ଅନୁଗ୍ରହ ନୁହେଁ, ବରଂ ଏହା ସେମାନଙ୍କର ସ୍ୱାଭାବିକ ଅଧିକାର । ଦଶନ୍ଧି ଦଶନ୍ଧି ଧରି ମହିଳାମାନଙ୍କୁ ସଂସଦ ଓ ବିଧାନସଭାରୁ ଦୂରେଇ ରଖିବା ପାଇଁ ଯେଉଁ ଷଡ଼ଯନ୍ତ୍ର ଚାଲିଥିଲା, ତାହା ଏହି ବିଲ୍ ଆଲୋଚନା ସମୟରେ ପଦାରେ ପଡ଼ିଛି । ବିରୋଧୀ ଦଳଗୁଡ଼ିକ କେବଳ ସୀମା ନିର୍ଦ୍ଧାରଣକୁ ବାହାନା କରି ମହିଳା ସଂରକ୍ଷଣ ପ୍ରକ୍ରିୟାକୁ ବିଳମ୍ବ କରିବାକୁ ଚାହୁଁଛନ୍ତି ବୋଲି ସେ ଅଭିଯୋଗ ମଧ୍ୟ କରିଛନ୍ତି । କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ମଧ୍ୟ ବିରୋଧୀଙ୍କ ମିଥ୍ୟା ପ୍ରଚାରର କଡ଼ା ଜବାବ ଦେଇ କହିଛନ୍ତି, ଯେ ସୀମା ନିର୍ଦ୍ଧାରଣ ଦ୍ୱାରା ଦକ୍ଷିଣ ଭାରତର କୌଣସି କ୍ଷତି ହେବ ନାହିଁ, ବରଂ ଆନୁପାତିକ ପ୍ରତିନିଧିତ୍ୱ ସଂଖ୍ୟା ବୃଦ୍ଧି ପାଇବା ସହ ଅଧିକ ସୁରକ୍ଷିତ ହୋଇପାରିବ । ଅନ୍ୟପଟେ ସମାଜବାଦୀ ଭଳି ଦଳଗୁଡ଼ିକ କୋଟା ଓ ଧର୍ମଭିତ୍ତିକ ସଂରକ୍ଷଣର ଅସାମ୍ବିଧାନିକ ଦାବି ଉପସ୍ଥାପନ କରି ପ୍ରସଙ୍ଗକୁ ବିଭ୍ରାନ୍ତ କରିବାକୁ ଅପଚେଷ୍ଟା କରୁଥିବା ମଧ୍ୟ ବିଜେପି କହିଛି । ଏହିଭଳି ବାତାବରଣକୁ ଦୃଷ୍ଟିରେ ରଖି ପ୍ରଧାନମନ୍ତ୍ରୀ ଚେତାବନୀ ଦେଇଛନ୍ତି ଯେ ଦେଶର ମହିଳାମାନେ ଆଉ କେବଳ ନୀରବଦ୍ରଷ୍ଟା ସାଜିବେହ ନାହିଁ, ସେମାନେ ଏବେ ବେଶ୍ ସକ୍ରିୟ ସହଭାଗୀ ଏବଂ ନିର୍ବାଚନ ଫଳାଫଳକୁ ପ୍ରଭାବିତ କରିବାର ମଧ୍ୟ ଶକ୍ତି ରଖିଛନ୍ତି । ଗଣତନ୍ତ୍ରକୁ ସୁଦୃଢ଼ ରଖିବା ପାଇଁ ମହିଳା ସଶକ୍ତିକରଣକୁ ବିଜେପି ସର୍ବାଧିକ ଗୁରୁତ୍ୱ ଦେଇଛି ଓ ଆଗାମୀ ଦିନରେ ଦେବ ବୋଲି ଦଳ ପକ୍ଷରୁ ଦୃଢ଼ୋକ୍ତି ପ୍ରକାଶ କରାଯାଇଛି ବୋଲି ସାଂସଦ ଅପରାଜିତା ଷଡ଼ଙ୍ଗୀ ପ୍ରକାଶ କରିଛନ୍ତି । ଆଜି ପ୍ରତ୍ୟୁଷରେ ଟ୍ରେନ୍ ଯୋଗେ ଶ୍ରୀମତୀ ଷଡ଼ଙ୍ଗୀ ସମ୍ବଲପୁର ଷ୍ଟେସନରେ ପହଂଚିବା ପରେ ରେଙ୍ଗାଲିର ପୂର୍ବତନ ବିଧାୟକ ନାଉରୀ ନାୟକ ଫୁଲତୋଡ଼ା ପ୍ରଦାନ ପୂର୍ବକ ଉପଢୌକନ ଦେଇ ସ୍ୱାଗତ କରିଥିଲେ । ପରେ ପରେ ଦଳର ଅନ୍ୟାନ୍ୟ ନେତୃବୃନ୍ଦ ଓ କର୍ମୀମାନେ ପାଛୋଟି ନେଇଥିଲେ । ଆଜିର କାର୍ଯ୍ୟକ୍ରମ ପୂର୍ବରୁ ସାଂସଦ ଶ୍ରୀମତୀ ଷଡ଼ଙ୍ଗୀ ମାଁ ସମଲେଶ୍ୱରୀଙ୍କ ମନ୍ଦିରକୁ ଯାଇ ମାଁ'ଙ୍କ ପୂଜାର୍ଚ୍ଚନା ସହ ଦର୍ଶନ କରି ଆଶୀର୍ବାଦ ଗ୍ରହଣ କରିଥିଲେ ।

# ଜିଲ୍ଲାସ୍ତରୀୟ ସମବାୟବିତ ସମ୍ମିଳନୀ

ଜୟପୁର, ୨୨/୦୪ (ନି.ପ୍ର): କୋରାପୁଟ ଜିଲ୍ଲା କଂଗ୍ରେସ କମିଟି ନେତୃତ୍ୱରେ ସ୍ଥାନୀୟ କଂଗ୍ରେସ ଭବନ ପରିସରରେ ଜିଲ୍ଲା ସ୍ତରୀୟ ସମବାୟବିତ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଓଡିଶା ପ୍ରଦେଶ କଂଗ୍ରେସ କମିଟି ରାଷ୍ଟ୍ରିୟ ସଂଯୋଜକ ଅମିୟ କୁମାର ପଟ୍ଟନାୟକ ଉପସ୍ଥିତ ରହି ବିଶେଷ କରି ଚାଷି ସମସ୍ୟା ଓ ସମବାୟ ସମସ୍ୟ ଏହି ଦୁଇଟି ପ୍ରସଙ୍ଗରେ ଆଜି ଆଲୋଚନା କରାଯାଇଥିଲା । ସମବାୟ ସଂସ୍ଥା ଗୁଡିକ ବର୍ତମାନ ରାଜନୈତିକ ନେତାଙ୍କ କବଜାରେ ରହିଛି । ସଦସ୍ୟ ମାନେ ସୁବିଧା ପାଆନ୍ତି ନାହିଁ । ବିଜେଡି ଓବିଜେପି ଶାସନ କାଳରେ ସମବାୟ ସଂସ୍ଥାକୁ ନେତା ଓ ମନ୍ତ୍ରୀ ମାନେ ନିଜ କବଜାରେ ରଖିବାକୁ ଚାହୁଁଛନ୍ତି । ଯେଉଁ ସମବାୟ ସଂସ୍ଥାକୁ କଂଗ୍ରେସ ଅମଳରେ ଶଶକ୍ତ କରାଯାଇଥିଲା ତାହାକୁ ଆଜି ଚୁରମାର କରି ଦିଆଯାଉଛି । ସମବାୟ ସଂସ୍ଥା ସାଧାରଣ କୃଷକଙ୍କ ଜୀବନ ଜୀବିକାର ପେଣ୍ଠସ୍ଥଳ । ସମବାୟସମିତି ରକ୍ଷାକବଚକୁ ପ୍ରତ୍ୟାକ୍ଷାନ କରାଯାଉଥିବା ଯୋଗୁଁ କଂଗ୍ରେସ ଏହାର ଉଚିତ ଜବାବ ଦେବ । କୋରାପୁଟ ଜିଲ୍ଲାର ସମସ୍ତ ବ୍ଲକରେ ସମବାୟବିତମାନଙ୍କୁ ଚିହ୍ନଟ କରାଯିବ । ରବି ଋତୁରେ ଅନେକ ଚାଷି ନାମ ପଞ୍ଜିକରଣ କରିନାହାନ୍ତି । ରବିଚାଷ ନିମନ୍ତେ ସମସ୍ତଙ୍କ ନାମ ପଞ୍ଜିକରଣ କରାଯାଉ । ଚାଷିଙ୍କୁ ମାସିକ ପେନସନ ବାବଦରେ ୫ହଜାର ଦିଆଯାଉ । ଅକ୍ଷୟ ତୃତୀଆ ଅବସରରେ ପିଏମ କିଶାନ ଯୋଜନାରେ ୫୧ ଲକ୍ଷ ଚାଷିଙ୍କୁ ୨ହଜାର ଟଙ୍କା ପ୍ରଦାନ କରିଛୁ ବୋଲି ଗତକାଲି ଘୋଷଣା କରାଯାଇଥିଲା କିନ୍ତୁ ୪୧ ଲକ୍ଷ ଚାଷୀ ଯୋଜନାର ଲାଭ ପାଇଛନ୍ତି । ଆଉ ୧୦ ଲକ୍ଷ ଚାଷି କୁଆଡେ ଗଲେ ବୋଲି ଆଜି ଅମିୟ କୁମାର ପଟ୍ଟନାୟକ ପ୍ରଶ୍ନ କରିଛନ୍ତି ।

# ହିମାଁ ଏସ୍ଥେଟିକା ଆଧୁନିକ ସୌନ୍ଦର୍ଯ୍ୟ ଓ ସ୍ୱାସ୍ଥ୍ୟ କେନ୍ଦ୍ର ଉଦ୍ଘାଟିତ

କେନ୍ଦୁଝର, ୨୨/୦୪ (ନି.ପ୍ର): ସହର ଡି.ଏନ୍ ହାଇସ୍କୁଲ୍ ସମ୍ମୁଖରେ "ହିମାଁ ଏସ୍ଥେଟିକା" ନାମକ ଏକ ଆଧୁନିକ ସୌନ୍ଦର୍ଯ୍ୟ ଓ ସ୍ୱାସ୍ଥ୍ୟ କେନ୍ଦ୍ର ଉଦ୍ଘାଟିତ ହୋଇଛି । ଏଠାରେ ମହିଳା ଓ ପୁରୁଷ ଉଭୟଙ୍କ ପାଇଁ ଉନ୍ନତ ଯନ୍ତ୍ରପାତି ଓ ଆଧୁନିକ ପ୍ରଣାଳୀ ମାଧ୍ୟମରେ ସୌନ୍ଦର୍ଯ୍ୟ ସେବା ଓ ଆତ୍ମବିଶ୍ୱାସ ବିକାଶର ବ୍ୟବସ୍ଥା ରହିଛି । ଅଭିଜ୍ଞ ଡାକ୍ତରମାନଙ୍କ ନିର୍ଦ୍ଦେଶନାୟ ସ୍କିନ୍, ହେୟାର, ଦାନ୍ତ, ପ୍ଲାଷ୍ଟିକ ସର୍ଜେରୀ, ଲେଜର ଟ୍ରିଟମେଣ୍ଟ, ଫିଜିଓଥେରାପି ଓ ଗାଇନିକ୍ ସେବା ଦିଆଯିବ । ସ୍କିନ୍ ପାଇଁ ଲେଜର ରିଜୁଭେନେସନ୍, କେମିକାଲ ପିଲ୍ସ, ବ୍ରଣ ଓ ଦାଗ ଚିକିତ୍ସା, ବଟକ୍ସ ଓ ଫିଲର୍ସ ଉପଲବ୍ଧ ଅଛି । ହେୟାର କେୟାରରେ ପିଆରପି, ଜିଏଫସି, ମେସୋଥେରାପି ଓ ଲେଜର ହେୟାର ରିଡକ୍ସନ୍ ସେବା ମିଳିବ । ଗାଇନିକ୍ ବିଭାଗରେ ପିସିଓଡି, ପ୍ରସବ ପରବର୍ତ୍ତୀ ସମସ୍ୟା ଓ ରଜୋନିବୃତ୍ତ ସମ୍ବନ୍ଧୀୟ ଅସୁବିଧା ପାଇଁ ଆଧୁନିକ ଚିକିତ୍ସା, ଯଥା ଭାଜାଇନାଲ ରିଜୁଭେନେସନ୍, ହାଇମେନୋପ୍ଲାଷ୍ଟି ଲାବିଆପ୍ଲାଷ୍ଟି କରାଯିବ । ପ୍ଲାଷ୍ଟିକ ସର୍ଜେରୀ ମାଧ୍ୟମରେ ଦାଗ ହଟାଇବା, ମୁହଁର ଆକୃତି ସୁଧାରଣ ଓ ହେୟାର ଟ୍ରାନ୍ସପ୍ଲାଣ୍ଟେସନ୍ ମଧ୍ୟ ଉପଲବ୍ଧ । । ଏହାସହ ଦାନ୍ତ ଧଳା କରିବା, ସ୍ମାଇଲ୍ ଡିଜାଇନ୍, ଆଲାଇନର୍ସ ଓ ଭିନିଅର୍ସ ସୁବିଧା ମିଳିବ । ଫିଜିଓଥେରାପି, ଯୋଗ ଓ ଧ୍ୟାନ ମାଧ୍ୟମରେ ବିଭିନ୍ନ ବେଦନା ଜନିତ ରୋଗର ଚିକିତ୍ସା ମଧ୍ୟ କରାଯିବ । କେନ୍ଦୁଝର ଜିଲ୍ଲାରେ ପ୍ରଥମଥର ପାଇଁ ଏହି ପ୍ରକାର ସେବା ଆରମ୍ଭ ହୋଇଥିବାରୁ ନିର୍ଦ୍ଦେଶିକା ଡାକ୍ତର ମମତା ରାଣୀ ଜେନା ଲୋକମାନଙ୍କୁ ଏହାର ଲାଭନେବାକୁ ଅନୁରୋଧ କରିଛନ୍ତି । ଧରଣୀଧର ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ପ୍ରତିଭା ପୃଷ୍ଟି ମୁଖ୍ୟ ଅତିଥି ଭାବେ ଯୋଗଦେଇ କେନ୍ଦ୍ରଟିର ଉଦ୍ଘାଟନ କରିଥିଲେ । ବ୍ରହ୍ମକୁମାରୀ ବିନ୍ଦୁ ଓ ପୂର୍ବତନ ରୋଟାରୀ କ୍ଲବ ସଭାନେତ୍ରୀ ରାଜଲକ୍ଷ୍ମୀ ସ୍ୱାଇଁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ବରିଷ୍ଠ ଚକ୍ଷୁ ବିଶେଷଜ୍ଞ ଡାକ୍ତର ରଶ୍ମିରଞ୍ଜନ ଭଞ୍ଜ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ରାଜେନ୍ଦ୍ର ବିଶ୍ୱ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ବଲାଙ୍ଗୀର ଛାତ୍ର କଂଗ୍ରେସର ସଫଳତା

ବଲାଙ୍ଗୀର, ୨୨/୦୪ (ନି.ପ୍ର): ବଲାଙ୍ଗୀର ଜିଲ୍ଲା ଛାତ୍ର କଂଗ୍ରେସ ନେତୃତ୍ୱରେ ଆଜି ରାଜେନ୍ଦ୍ର ବିଶ୍ୱ ବିଦ୍ୟାଳୟ କୁଳପତି କାର୍ଯ୍ୟାଳୟ ସମ୍ମୁଖରେ ଜୋରଦାର ଘେରାଓ ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଛାତ୍ର ଛାତ୍ରୀଙ୍କ ଦୁଇଟି ମୁଖ୍ୟ ଦାବିକୁ ନେଇ ଏହି ଆନ୍ଦୋଳନ ହୋଇଥିଲା । ପ୍ରଥମ ଦାବି ଭାବେ ଯୁକ୍ତ ୩ ଚତୁର୍ଥ ସେମିଷ୍ଟାର ପରୀକ୍ଷା କୁ ସ୍ଥଗିତ କରି ତାହାର ତାରିଖକୁ ଆଗକୁ ବଢାଇବାକୁ ଦାବି କରାଯାଇଥିଲା । ଦ୍ୱିତୀୟତଃ ବଲାଙ୍ଗିର ଜିଲ୍ଲାରେ ଚାଲୁଥିବା ଅତ୍ୟଧିକ ତାପମାତ୍ରା ଓ ଗ୍ରୀଷ୍ମ ପ୍ରବାହ କୁ ଦୃଷ୍ଟି ରେ ରଖି ବିଶ୍ୱ ବିଦ୍ୟାଳୟକୁ ତତ୍କାଳ ବନ୍ଦ କରିବା ପାଇଁ ଦାବି ଉଠିଥିଲା । ଏହି ଆନ୍ଦୋଳନକୁ ବଲାଙ୍ଗିର ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଚିନ୍ମୟ ବେହେରାଙ୍କ ନେତୃତ୍ୱରେ ସୁଚାରୁ ଭାବେ ସଂଗଠିତ କରାଯାଇଥିଲା । ତାଙ୍କ ନେତୃତ୍ୱରେ ଛାତ୍ର କଂଗ୍ରେସ ସଦସ୍ୟମାନେ ଦୃଢ ଭାବରେ ଏହି ଦୁଇଟି ଦାବିକୁ ଉପସ୍ଥାପନା କରି ଆନ୍ଦୋଳନକୁ ଶକ୍ତିଶାଳି କରିଥିଲେ । ବିକ୍ଷୋଭ ସମୟରେ ରାଜେନ୍ଦ୍ର ବିଶ୍ୱ ବିଦ୍ୟାଳୟର ବହୁ ସଂଖ୍ୟକ ଛାତ୍ର ଛାତ୍ରୀ ଉତ୍ସାହପୂର୍ଣ୍ଣ ଭାବରେ ଅଂଶଗ୍ରହଣ କରି ନିଜ ଅଧିକାର ପାଇଁ ସ୍ୱର ଉଠାଇଥିଲେ । ବିଶେଷ କଥା ହେଉଛି ଏହି ଦାବିକୁ କେବଳ ଛାତ୍ର କଂଗ୍ରେସ ପକ୍ଷରୁ ମାତ୍ର ଉଠା ଯାଇଥିଲା ଏବଂ ଏହା ପାଇଁ ସଂଗଠନ ପକ୍ଷରୁ ଲଗାତାର ପ୍ରୟାସ ଜାରି ରହିଥିଲା । ଛାତ୍ର କଂଗ୍ରେସ ପକ୍ଷରୁ ଜଣାଇଯାଇଛି ଯେ, ଚିନ୍ମୟ ବେହେରାଙ୍କ ସକ୍ରିୟ ପଦକ୍ଷେପ ଓ ଦୃଢ ନେତୃତ୍ୱର ଫଳ ସ୍ୱରୁପ ବିଶ୍ୱ ବିଦ୍ୟାଳୟ ପ୍ରଶାସନ ଛାତ୍ରମାନଙ୍କ ଦାବିକୁ ସକାରାତ୍ମକ ଭାବେ ଗ୍ରହଣ କରିଛି ।

# ଜିଲ୍ଲାସ୍ତରୀୟ ସଦାଶିବ ତ୍ରିପାଠୀ ଜୟନ୍ତୀ: ସ୍ୱାଧୀନତା ସଂଗ୍ରାମ ଓ ଆଦିବାସୀଙ୍କ ବିକାଶ ପାଇଁ ତାଙ୍କ ଅବଦାନ ଅବିସ୍ମରଣୀୟ

ମାଲକାନଗିରି, ୨୨/୦୪ (ନି.ପ୍ର): ମାଲକାନଗିରି ସରକାରୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ଡଃ. ସଦାଶିବ ତ୍ରିପାଠୀଙ୍କ ଜୟନ୍ତୀ ସମାରୋହ ଶ୍ରଦ୍ଧାର ସହ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମାଲକାନଗିରି ଉପ-ଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଡଃ. ତ୍ରିପାଠୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଏହି ଅବସରରେ ଉପ-ଜିଲ୍ଲାପାଳ ଶ୍ରୀ ଭୋଇ କହିଥିଲେ ଯେ, ଡଃ. ସଦାଶିବ ତ୍ରିପାଠୀ କେବଳ ଜଣେ ରାଜନେତା ନଥିଲେ, ସେ ଥିଲେ ଆଧୁନିକ ଓଡ଼ିଶାର ଜଣେ ଦୂରଦ୍ରଷ୍ଟା ନିର୍ମାତା । ତାଙ୍କର ନିର୍ମଳ ଶାସନ ଏବଂ ସମାଜର ମଙ୍ଗଳ ପାଇଁ ତାଙ୍କର ନିଷ୍ଠା ଆଜିର ଯୁବପିଢ଼ିଙ୍କ ପାଇଁ ଏକ ବଡ଼ ପ୍ରେରଣା ।

କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ପୂର୍ବତନ ସହକାରୀ ବ୍ଲକ ଶିକ୍ଷା ଅଧିକାରୀ ରବୀନ୍ଦ୍ର ମହାରଣା, ବିଦ୍ୟାଳୟର ଅଧକ୍ଷ ଦୁଷ୍ମନ୍ତ ଜେନା ଏବଂ ଅଧାପକ ଡଃ ରଞ୍ଜନ ସ୍ୱାଇଁ ଉପସ୍ଥିତ ରହି ଡଃ. ତ୍ରିପାଠୀଙ୍କ ଜୀବନୀ ଓ ଆଦର୍ଶ ଉପରେ ଆଲୋକପାତ କରିଥିଲେ । ସେମାନେ ମିଳିତ ଭାବେ କହିଥିଲେ ଯେ, ଡଃ ତ୍ରିପାଠୀଙ୍କ ସରଳ ଜୀବନଯାପନ ଏବଂ ଶିକ୍ଷାର ପ୍ରସାର ପ୍ରତି ଥିବା ଉତ୍ସର୍ଗୀକୃତ ମନୋଭାବ ଅତୁଳନୀୟ । ଜଣେ ଗାନ୍ଧୀବାଦୀ ନେତା ଭାବେ ସେ ସର୍ବଦା ନିଷ୍ପେସିତଙ୍କ ସ୍ୱର ହୋଇ ରହିଥିଲେ ଏବଂ ତାଙ୍କ ପଦାଙ୍କ ଅନୁସରଣ କରିବା ହିଁ ତାଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି ହେବ । ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରମିଳା ମାଝୀ ଏହି ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । ସୂଚନା ଓ ଲୋକ ସମ୍ପର୍କ ବିଭାଗର କର୍ମଚାରୀ ରଞ୍ଜନ ମହାନ୍ତି ଏବଂ ହରେକୃଷ୍ଣ କୀର୍ତିନିୟା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିବା ବେଳେ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ଏଥିରେ ସକ୍ରିୟ ଅଂଶଗ୍ରହଣ କରିଥିଲେ ।

# ଧୂମଧାମରେ ପାଳିତ ହୋଇଯାଇଛି 'ହୋ' ସମ୍ପ୍ରଦାୟର ବାହା ପର୍ବ

କେନ୍ଦୁଝର, ୨୨/୦୪ (ନି.ପ୍ର): କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକ ପିପଳିଆ ପଂଚାୟତର ଅସନବଣି ଗାଁରେ ୨ଦିନ ଧରି ଏହି ପର୍ବକୁ ପୂଜାର୍ଚ୍ଚନା ସହ , ପାରମ୍ପରିକ ନୃତ୍ୟଗୀତର ତାଳେ ତାଳେ ଧୂମଧାମରେ ପାଳନ କରିଥିଲେ । ଲୋକେ ଏହି ପର୍ବରେ ପ୍ରକୃତିର ଉପାସକ ଆଦିବାସୀ 'ହୋ' ସମ୍ପ୍ରଦାୟର ଲୋକେ, ବର୍ଷରେ ପ୍ରଥମ କରି ଶାଳଫୁଲ ପୂଜା କରିଥାଆନ୍ତି । ଏହାପରେ ସେମାନେ ଶାଳପତ୍ର ଖଲିରେ ଖାଇବା ସହିତ, ଅନ୍ୟ ନୂତନ ଜଙ୍ଗଲଜାତ ଫଳ ଓ ପୁଷ୍ପ ଖାଇବାର ପରମ୍ପରା ରହିଛି ।ମୃଦଙ୍ଗ ଏବଂ ମାଦଳ ଧ୍ୱନିରେ ପ୍ରକମ୍ପିତ ହୋଇଥାଏ ପରିବେଶ । ପାରମ୍ପରିକ ବେଶ ପୋଷାକରେ ଗାଁର ମହିଳା ମାନେ ସୁସଜ୍ଜିତ ହୋଇଥିଲେ । ମୁଣ୍ଡ, ବେକ, ହାତ ଏବଂ ଗୋଡ଼ରେ ଆକର୍ଷଣୀୟ ଫୁଲମାଳ ପିନ୍ଧି ହାତରେ ହାତ ଛନ୍ଦି ନୃତ୍ୟ ପରିବେଷଣ କରୁଛନ୍ତି ମହିଳା । ବାହାପର୍ବ ଅବସରରେ ଗାଁମୁଣ୍ଡ ଶାଳଗଛ ଚାରିପଟେ ମହିଳାଙ୍କର ଏହି ନୃତ୍ୟ, ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥାଏ । ଜଙ୍ଗଲରୁ ବର୍ଷର ନୂଆ ଶାଳଫୁଲ ସଂଗ୍ରହ କରି ନିଜ ପିତୃପୁରୁଷ ଓ ଭଗବାନଙ୍କ ଉଦ୍ଦେଶ୍ୟରେ ଶାଳପତ୍ର ଠୋଲି ରେ ପ୍ରଥମେ ହାଣ୍ଡିଆ ପୂଜା କରାଯାଏ । ଏହାପରେ ଆନନ୍ଦରେ ପାରମ୍ପରିକ ନୃତ୍ୟଗୀତରେ ମଜ୍ଜିଯାନ୍ତି ଲୋକେ ।ଏହି ବିଷୟରେ ବାବୁରାମ ଗଡ଼ସରା,(ସଭାପତି) କହିଛନ୍ତି 'ହୋ' ସମ୍ପ୍ରଦାୟର ଲୋକେ ଏବେବି ଜଙ୍ଗଲଜାତ ସାମଗ୍ରୀ ଉପରେ ନିର୍ଭରଶୀଳ । ପରମ୍ପରା ଅନୁଯାୟୀ, ଶାଳପତ୍ର ଏବଂ ଫୁଲକୁ ଏମାନେ ଅଧିକ ପ୍ରାଧାନ୍ୟ ଦେଇଥାନ୍ତି । ବାହାପର୍ବରେ ଲୋକମାନେ ଜଙ୍ଗଲରୁ ବର୍ଷର ନୂତନ ଶାଳଫୁଲ ଏବଂ ପତ୍ର ସଂଗ୍ରହ କରିଥାନ୍ତି । ଗାଁ ଦେହୁରୀ, ମାଙ୍ଗତା ମୁଣ୍ଡା କହିଛନ୍ତି ଶାଳଗଛର ଡ଼ାଳ ଜଙ୍ଗଲରୁ ସଂଗ୍ରହ କରି ଗାଁମୁଣ୍ଡରେ ସ୍ଥାପନ କରନ୍ତି । ସେଠାରେ ପ୍ରଥମେ ନୂତନ ଶାଳଫୁଲ ପୂଜା କରାଯାଏ । ଏହାପରେ ନୂତନ ଶାଳପତ୍ର ଠୋଲିରେ ପିତୃପୁରୁଷ ଓ ଭଗବାନଙ୍କ ଉଦ୍ଦେଶ୍ୟରେ ହାଣ୍ଡିଆ ଭୋଗ ଅର୍ପଣ କରାଯାଏ । ଗାଁର ସମସ୍ତେ ଏଠାରେ ଏକାଠି ହୋଇ ନାଚଗୀତ କରି ଏହି ଉତ୍ସବ ମନାଇଥାନ୍ତି । ବାହାପର୍ବ ପରେ, ଲୋକମାନେ ଚାର, କେନ୍ଦୁ, ଆମ୍ବ ପରି ଅନ୍ୟ ଜଙ୍ଗଲଜାତ ନୂତନ ଫଳ ଏବଂ ପୁଷ୍ପ ବ୍ୟବହାର କରିବାର ରହିଛି ପରମ୍ପରା ।ସେହିପରି (ଉପଦେଷ୍ଟା, ବିର୍ଷାମୁଣ୍ଡା ହୋ ସମାଜ) ଜୀବନସିଂ ନୁନ୍ଦୁୟା, କହିବା ଅନୁଯାୟୀଆଧୁନିକ ଯୁଗରେ ଲୋକମାନେ ନିଜ ସଂସ୍କୃତି ଏବଂ ପରମ୍ପରା ଭୂଲିବାକୁ ବସିଥିବା ବେଳେ, ଆଦିବାସୀ ହୋ ସମାଜର ବାହାପର୍ବ ସମସ୍ତଙ୍କୁ ଏକତା ସୂତ୍ରରେ ବାନ୍ଧି ରଖିବାରେ ସହାୟକ ହୋଇପାରିଛି ।

# ବିକାଶର ରାସ୍ତା ଭୁଲିଗଲା ଖଡ଼ିଆଳ ବ୍ଲକ

ନୂଆପଡ଼ା, ୨୨/୦୪ (ନି.ପ୍ର): ନୂଆପଡା ଜିଲ୍ଲାର ଏକ ପ୍ରମୁଖ ବ୍ଲକ ଭାବରେ ପରିଚିତ ଖଡ଼ିଆଳ ବ୍ଲକ ଛବିଶ ଗୋଟି ପଂଚାୟତକୁ ନେଇ ଗଠିତ । ଜିଲ୍ଲା ହେବାର ସମସ୍ତ ସମସ୍ତ ଯୋଗ୍ୟତା ଥିବା ଏହି ବ୍ଲକ ସବଡ଼ିଭିଜନ ମାନ୍ୟତା ପାଇବାରୁ ମଧ୍ୟ ବଂଚିତ ହୋଇ ରହିଯାଇଛି । ଏହି ବ୍ଲକର ଛବିଶ ଗୋଟି ପଂଚାୟତରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପାନୀୟ ଜଳ ସମସ୍ୟାର ସମାଧାନ ହୋଇ ଆସୁଥିଲା । ଲୋକେ ଖୁସିରେ ପ୍ରଗତିର ସ୍ୱପ୍ନ ଦେଖି ଖୁସି ମଧ୍ୟ ହେଉଥିଲେ । ହେଲେ ଗତ ଦୁଇ ବର୍ଷ ମଧ୍ୟରେ ସତରେ ଖଡ଼ିଆଳ ପାଇଁ କେଉଁ ଅଭିଶାପ ଗ୍ରାସ କରିଛି ବିକାଶ ସତେ ଉଭେଇ ଯାଇଛି । ଆମେ ଆଜି ବିଶେଷ କରି ଖଡ଼ିଆଳ ପଂଚାୟତ ସମିତି ଅଧିନରେ ଆସୁଥିବା ବିଭିନ୍ନ ସମସ୍ୟା ଉପରେ ଆପଣଙ୍କ ସାମ୍ନାକୁ ଆଣିବାକୁ ପ୍ରୟାସ କରିଛୁ କ୍ଷ ଉପସ୍ଥାପନ ଆମର କିନ୍ତୁ ଅଭିଯୋଗ ଖଡ଼ିଆଳ ଅଂଚଳବାସୀଙ୍କ । ଦେଶ ସ୍ୱାଧୀନତାର ମାତ୍ର କିଛି ବର୍ଷ ପରେ ବ୍ଲକ ମାନ୍ୟତା ପାଇଥିବା ଏହି ବ୍ଲକର ବାସ୍ତବିକତାକୁ ଦେଖିଲେ ଆପଣଙ୍କୁ ବିଶ୍ୱାସ ହେବ ନାହିଁ ସତେ ଏମିତି ବି ହୋଇପାରେ । କିନ୍ତୁ ହଁ ଏହା ହିଁ ସତ୍ୟ ୧୯୫୪ ମସିହାରେ ସ୍ଥାପିତ ଓଡିଶାର ସର୍ବପୁରାତନ ବ୍ଲକ ମଧ୍ୟରୁ ଖଡ଼ିଆଳ ଅନ୍ୟତମ । ନୂତନ ଜିଲ୍ଲା ସମ୍ପ୍ରସାରଣ ସମୟରେ ଏହି ବ୍ଲକ ରାଜନୀତିର ପଶାପାଲିରେ ପେଷି ହୋଇ ଜିଲ୍ଲାରୁ ବଂଚିତ ହୋଇଗଲା । ଗୋଟିଏ ପଂଚାୟତ ମୁଖ୍ୟାଳୟ ଜିଲ୍ଲା ମାନ୍ୟତା ପାଇଲା । ଏଠିକାର ଲୋକେ ନିରାଶ ହୋଇ ପୁଣି ଉତ୍ସାହିତ ହେଲେ ଯେ ଖଡ଼ିଆଳ ସବ ଡିଭିଜନ ମାନ୍ୟତା ପାଇବ, ହେଲେ ଆଜି ଯାଏଁ ତାହା ସ୍ୱପ୍ନରେ ରହିଗଲା । ବ୍ଲକ ବିକାଶ କଥା ଯଦି ଆମେ ଚିନ୍ତା କରିବା ନିଜସ୍ୱ କାର୍ଯ୍ୟାଳୟ ନହେବାରୁ ବେସରକାରୀ ଜମିରେ ବ୍ଲକ କାର୍ଯ୍ୟାଳୟ ପରିଚାଳିତ ହେଉଛି । ଯଦି ବ୍ଲକ କାର୍ଯ୍ୟାଳୟ ବିକାଶ ଏତିକି ତେବେ ଛବିଶ ପଂଚାୟତର ବିକାଶ କଥା ନକହିବା ଭଲ । କାଗଜ କଲମରେ କୋଟିକୋଟି ଟଙ୍କା ଖର୍ଚ୍ଚ ହେଉଛି ସତ ହେଲେ ତାହା କେବଳ ଠିକାଦାର କୁଜିନେତା ଓ ସରକାରୀ ବାବୁଙ୍କ ପକେଟ ଗରମ ପାଇଁ ବୋଲି ଜନସାଧାରଣ ଲୋକେ ଚର୍ଚ୍ଚା କରୁଛନ୍ତି । ବିଶେଷ କରି ବିଭିନ୍ନ ଗାଁର ମୌଳିକ ସମସ୍ୟାର ସମାଧାନ ହେବା କାଠିକାର ପାଠ ହୋଇଯାଇଛି । ଖଡ଼ିଆଳ ବ୍ଲକ କାର୍ଯ୍ୟାଳୟରେ ସରକାରୀ ଅଧିକାରୀ ଓ କର୍ମଚାରୀଙ୍କ ସହ ଜନ ପ୍ରତିନିଧିଙ୍କ ଉପସ୍ଥିତି ନକହିବା ଭଲ । ସୂଚନା ଅନୁସାରେ ପୂର୍ବତନ ବିଡ଼ିଓ ବିରସେନ ବେହେରାଙ୍କ ବଦଳି ପରେ ବ୍ଲକ ଗୋଟିଏ ପ୍ରକାର ମୁରବି ବିହିନୀ ହୋଇଯାଇଥିଲା । ପାଖାପାଖି ଏକ ବର୍ଷ ପରେ ନୂତନ ସ୍ଥାୟୀ ବିଡ଼ିଓ ଭାବରେ ମିଳନ କୁମାର ଝାଙ୍କର ଯୋଗଦେଇଥିଲେ । ବିଡ଼ିଓଙ୍କ ଯୋଗାଦାନ ପରେ ବିଭିନ୍ନ ସମସ୍ୟାର ସମାଧାନ ହେବ ଖଡ଼ିଆଳ ପ୍ରଗତି ବ୍ଲକ ପ୍ରଗତିପଥେ ପୁଣି ଦୌଡିବ ବୋଲି ଲୋକଙ୍କ ମନରେ ଆଶା ସଂଚାର ହେଲା । ହେଲେ ବିଡ଼ିଓଙ୍କ ଯୋଗଦାନର ଦୀର୍ଘ ଛଅରୁ ସାତ ମାସ ବିତିଯାଇଥିଲେ ହେଁ, ଖଡ଼ିଆଳ ବ୍ଲକର ବିଭିନ୍ନ ସମସ୍ୟାର ସମାଧାନ ହୋଇ ପାରୁନାହିଁ । ଏମିତି ନୂତନ ବିଡ଼ିଓଙ୍କ ଯୋଗଦାନ ପରେ ବ୍ଲକ ପରିସର, ରାଜୀବ ଗାନ୍ଧି ସେବାକେନ୍ଦ୍ର କୋଠାରେ ପରିଚାଳିତ ସ୍ଥଳରେ କାର୍ଯ୍ୟର ଅନୁଧ୍ୟାନ ପାଇଁ ସିସି ଟିଭି କେମେରା ଲଗେଇଲେ । ଲୋକେ ଭାବିଲେ ସମସ୍ତ କର୍ମଚାରୀ ଠିକ ସମୟରେ ଆସିବେ, ଲୋକେ ସୁବିଧାରେ ନିଜ କାମ କରି ପାରିବେ । ହେଲେ ବିଡମ୍ବନାର ବିଷୟ ବ୍ଲକ କାର୍ଯ୍ୟାଳୟର ସରକାରୀ ଅନେକ କର୍ମଚାରୀ ଅଫିସ ଆସିବା ଯିବା ସମୟ ଭୁଲିଗଲେ । ଏଉପରେ ବିଡ଼ିଓ, ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଗଲା । କିଛି ଦିନ ପରିସ୍ଥିତି ସ୍ୱାଭାବିକ ପୁଣି ଯଥା ପୂର୍ବଂ ତଥା ପରମ ହୋଇ ଯାଇଛି । ଏମିତି ଖୁଦ ବିଡ଼ିଓ ମଧ୍ୟ ବ୍ୟକ୍ତିଗତ ହେଉ କିମ୍ବା ସରକାରୀ କାର୍ଯ୍ୟରେ ବ୍ୟସ୍ତ ରହି କାଁ ଭାଁ କାର୍ଯ୍ୟାଳୟରେ ବସୁଥିବା ଯୋଗୁଁ ସାଧାରଣ ଲୋକେ ନାହିନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏମିତି କି ବ୍ଲକ ଅଧକ୍ଷା ଉପାଧକ୍ଷଙ୍କ କାର୍ଯ୍ୟାଳୟ ମଧ୍ୟ ପ୍ରାୟ ବନ୍ଦ ରହୁଥିବାରୁ ଲୋକେ ଅଭିଯୋଗ ନେଇ ଆସୁଥିବା ହିତାଧିକାରୀ ନିରାଶ ହୋଇ ଫେରୁଛନ୍ତି । ବର୍ତ୍ତମାନ ଖଡ଼ିଆଳ ରେ ଅସହ୍ୟ ଗରମ ହେଉଥିବା ବେଳେ ବ୍ଲକ ପରିସରରେ ଜଳଛତ୍ରର ବ୍ୟବସ୍ଥା ନେଇ ବିଡ଼ିଓଙ୍କ ଠାରୁ ନେଇ ଜନ ପ୍ରତିନିଧି ଅଧକ୍ଷାଙ୍କୁ ଜଣାଇଥିଲେ ହେଁ ପିଇବା ପାଣିର କୌଣସି ବ୍ୟବସ୍ଥା ହୋଇ ପାରିନାହିଁ । ଏଥିରୁ ସ୍ପଷ୍ଟ ଯେ ବ୍ଲକର ପରିସ୍ଥିତି କେମିତି ଥିବ । ଏଥି ପ୍ରତି ଜିଲ୍ଲା ପ୍ରଶାସନ ସହ ରାଜ୍ୟ ସରକାର ଧ୍ୟାନ ଦେଇ ଖଡ଼ିଆଳ ବ୍ଲକକୁ ପ୍ରଗତିପଥେ ନେବା ଜରୁରୀ ହୋଇ ପଡିଛି ।

# ଆଜି ପଶ୍ଚିମବଙ୍ଗ ନିର୍ବାଚନ

## ■ବିଜେପି ରାଲି ଉପରକୁ ଟିଏମସି କର୍ମୀଙ୍କ ଆକ୍ରମଣ
## ■ମୋହନପୁର ଥାନାରେ ବହୁ ଟିଏମସି କର୍ମୀ ଅଟକ



ଜଳେଶ୍ୱର, ୨୨/୦୪ (ନି.ପ୍ର): ଆଜି ପଶ୍ଚିମବଙ୍ଗରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନକୁ ଆଉ ମାତ୍ର କିଛି ଘଣ୍ଟାର ବ୍ୟବଧାନ ଥିବାବେଳେ ବିଭିନ୍ନ ସ୍ଥାନରେ ନିର୍ବାଚନୀ ହିଂସା ଆରମ୍ଭ ହୋଇଥିବା ଜଣାପଡିଛି ।ଗତ କାଲି ପ୍ରାୟ ମଧ୍ୟାହ୍ନ ସମୟରେ ଦାନ୍ତୁନ ନିର୍ବାଚନ ମଣ୍ଡଳୀର ମୋହନପୁର ଥାନା ଆନ୍ତଲା ବସ୍ତିରେ ନିର୍ବାଚନୀ ହିଂସା ଯୋଗୁଁ ବିଜେପି ପ୍ରାର୍ଥୀ ଅଜିତ୍ କୁମାର ଜାନାଙ୍କୁ ଆକ୍ରମଣ ସହ ତାଙ୍କ ଗାଡ଼ି ଭଙ୍ଗାରୁଜା ହୋଇଛି । ଆକ୍ରମଣରେ ଶ୍ରୀ ଜାନାଙ୍କ ହାତ ଭାଙ୍ଗି ଯାଇଛି ଓ ତାଙ୍କର ଦୁଇଟି ଗାଡି କ୍ଷତିଗ୍ରସ୍ତ ହୋଇଛି । ହିଂସାକାଣ୍ଡ ସମୟରେ ୩୦ ରୁ ଉର୍ଦ୍ଧ୍ୱ ବାଇକକୁ ଭଙ୍ଗାରୁଜା ସହ ପୋଡ଼ି ଦିଆଯାଇଛି । ବିବରଣୀରୁ ପ୍ରକାଶ ଯେ ଗତ କାଲି ଓଡିଆ ସିନେ ଅଭିନେତା ତଥା ବିଧାୟକ ସିଦ୍ଧାନ୍ତ ମହାପାତ୍ର ଦାନ୍ତୁନ ନିର୍ବାଚନ ମଣ୍ଡଳୀରେ ବିଜେପିର ଏକ ବାଇକ ଶୋଭାଯାତ୍ରାରେ ଯୋଗଦେବାର କାର୍ଯ୍ୟକ୍ରମ ଥିଲା ।ଏଥିପାଇଁ ଜାହାଲଦା ରୁ ଏକ ବିଶାଳ ବାଇକ ଶୋଭାଯାତ୍ରା ବାହାରିଥିଲା ।ଏହି ବାଇକ ଶୋଭାଯାତ୍ରା ରେ ଦାନ୍ତୁନର ବିଜେପି ବିଧାୟକ ପ୍ରାର୍ଥୀ ଅଜିତ୍ କୁମାର ଜାନା ମଧ୍ୟ ଥିଲେ । ତେବେ ଦିନ ପ୍ରାୟ ସାଢେ ୧୨ ଟା ସମୟରେ ଦାନ୍ତୁନ ଥାନା ଅନ୍ତର୍ଗତ ଆନ୍ତଲା ବସ୍ତି ନିକଟରେ ଶୋଭାଯାତ୍ରା ଯାଉଥିବା ବେଳେ ହଠାତ୍ ଶୋଭାଯାତ୍ରାକୁ ପଛରୁ କେତେକ ଦୃବୃତ୍ତ ଆକ୍ରମଣ କରିଥିଲେ ।ଶୋଭାଯାତ୍ରାର ପୁରା ପଛରେ ଥିବା ବିଜେପିର ୨୦ ରୁ ୨୫ ବାଇକ ଆରୋହୀ ଙ୍କୁ ଦୃବୃତ୍ତ ମାନେ ଅଟକାଇ ବାଇକ୍ ଭାଙ୍ଗିବା ସହ ବାଇକ୍ ରେ ନିଆଁ ଲଗାଇ ଦେଇଥିଲେ ।ଏହା ଜାଣିପାରି ବିଜେପି ପ୍ରାର୍ଥୀ ନିଜ ଗାଡି ଅଟକିଥିବା ବେଳେ ତାଙ୍କୁ ମଧ୍ୟ ଆକ୍ରମଣ ହୋଇଥିଲା ଓ ତାଙ୍କର ହାତ ଭାଙ୍ଗି ଯାଇଛି ବୋଲି ବାଲେଶ୍ୱର ଜିଲ୍ଲାର ପ୍ରାକ୍ତନ ବିଜେପି ସଭାପତି ତଥା ଦାନ୍ତୁନ ବିଧାନସଭା ଆସନ ପାଇଁ ବିଜେପି ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତ ହୋଇଥିବା ଉମାକାନ୍ତ ମହାପାତ୍ର ସୂଚନା ଦେଇଛନ୍ତି ।ଶ୍ରୀ ମହାପାତ୍ର କହିଛନ୍ତି ଏହି ଆକ୍ରମଣ ପଛରେ ଟିଏମସି ର ହାତ ରହିଛି ଓ ବିଜେପି ର ୬୦ ରୁ ଉର୍ଦ୍ଧ୍ୱ ଆହତ ହୋଇଥିବା ବେଳେ ସମସ୍ତଙ୍କୁ ମୋହନପୁର ଥାନାରେ ଭର୍ତ୍ତି କରାଯାଇଥିଲା । ସେମାନଙ୍କ ମଧ୍ୟରୁ ୬ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ସେମାନେ ଏବେ ବାଲେଶ୍ୱର ଫକୀରମୋହନ ମେଡିକାଲ କଲେଜ ଓ ଭୁବନେଶ୍ୱର ଏମ୍ସ କୁ ସ୍ଥାନାନ୍ତରିତ କରାଯାଇଛି । ଅନ୍ୟପକ୍ଷେ ରାଲି ପାଇଁ ମୋହନପୁର ରେ ପହଞ୍ଚିଥିବା ସିଦ୍ଧାନ୍ତ ମହାପାତ୍ର ବିନା ରାଲିରେ ଓଡ଼ିଶା ଫେରି ଆସିଛନ୍ତି ।ଏନେଇ ଶ୍ରୀ ଜାନା ତଥା ତାଙ୍କ ସମର୍ଥକ ଙ୍କ ପକ୍ଷରୁ ଏକାଧିକ ଲିଖିତ ଅଭିଯୋଗ ମୋହନପୁର ଥାନାରେ କରାଯାଇଛି । ଶୋଭାଯାତ୍ରା ପାଇଁ ଅନୁମତି ନିଆ ଯାଇଥିଲେ ମଧ୍ୟ ପୁଲିସ ଉପସ୍ଥିତ ନଥିବାରୁ ମୋତେ ଓ ମୋ ସମର୍ଥକଙ୍କୁ ଏପରି ଅମାନବୀୟ ଆକ୍ରମଣ ହେଲା ବୋଲି ଶ୍ରୀ ଜେନା ପ୍ରକାଶ କରିଛନ୍ତି ।ତେବେ ବିଜେପି କର୍ମୀ ମାନେ ମୋହନପୁର ଥାନା ଦୀର୍ଘ ୪ ଘଣ୍ଟା ଘେରାଓ କଲା ପରେ ଅନେକ ଟି ଏମ୍ ସି କର୍ମୀଙ୍କୁ ପୋଲିସ ଉଠାଇ ଆଣି ଥାନାରେ ଅଟକ ରଖି ଅଧିକ ତଦନ୍ତ ଜାରି ରଖିଛି ।

# ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନାରେ ସାମୂହିକ ବିବାହ ଉତ୍ସବ: ୧୨ ଜଣ ଦମ୍ପତି ବିବାହ ବନ୍ଧନରେ ଆବଦ୍ଧ

ନୂଆପଡ଼ା, ୨୨/୦୪ (ନି.ପ୍ର): ଓଡ଼ିଶା ସରକାରଙ୍କର ସାମାଜିକ ସୁରକ୍ଷା ଓ ଲିଙ୍ଗଗତ ସମାନତା ପ୍ରତି ପ୍ରତିବଦ୍ଧତାର ଏକ ଅଗ୍ରଗାମୀ ପଦକ୍ଷେପ 'ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା' ଅନ୍ତର୍ଗତ ନୂଆପଡ଼ା ଜିଲ୍ଲାରେ ସାମୂହିକ ବିବାହ ଉତ୍ସବ ଭବ୍ୟ ଭାବେ ଆଜି ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାର ଆମସେନା ସ୍ଥିତ ଗୁରୁକୁଳ ଆଶ୍ରମ ପ୍ରାଙ୍ଗଣରେ ଆୟୋଜିତ ଏହି ପବିତ୍ର କାର୍ଯ୍ୟକ୍ରମରେ ୧୨ ଜଣ ଦମ୍ପତି ପାରମ୍ପରିକ ରୀତିନୀତି ଅନୁଯାୟୀ ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ । ଏହି କାର୍ଯ୍ୟକ୍ରମଟି ନୂଆପଡ଼ା ଜିଲ୍ଲା ପ୍ରଶାସନ ଓ ଖଡ଼ିଆଳ ଅଂଚଳର ୟାର ଅନୁଷ୍ଠାନଙ୍କ ସଂଯୁକ୍ତ ଆୟୋଜନରେ ସଫଳତାର ସହ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନୂଆପଡ଼ା ବିଧାୟକ ଜୟ ଧୋଲକିଆ ଯୋଗଦେଇ ନବଦମ୍ପତିଙ୍କୁ ଆଶୀର୍ବାଦ ଜଣାଇଥିଲେ । ସେହିପରି ସମ୍ମାନିତ ଅତିଥି ଭାବେ ଜିଲ୍ଲାପାଳ ମଧୁସୂଦନ ଦାଶ, ଡିଏଫଓ (ବନ୍ୟପ୍ରାଣୀ) ସମୀର ସାହୁ, ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପ ଜିଲ୍ଲାପାଳ ସୁର୍ମି ସୋରେନ ସହ ଅନ୍ୟାନ୍ୟ ଅଧିକାରୀ ମାନେ ଯୋଗଦେଇଥିଲେ । ଏହି ଅବସରରେ ନୂଆପଡ଼ା ବ୍ଲକ ଅଧକ୍ଷା ତାରେଶ୍ୱରୀ ସାହୁ, କୋମନା ବ୍ଲକ ଅଧକ୍ଷା ଅନୁସୂୟା କୁମ୍ଭାର, ଖଡ଼ିଆଳ ବ୍ଲକ ଅଧକ୍ଷା ପୁଷ୍ପାଞ୍ଜଳି ନନ୍ଦ, ଖରିଆର ରୋଡ୍ ଏନଏସି ଅଧକ୍ଷା ଡ଼ା. ସୋନିଆ ଜୈନ, ଜିଲ୍ଲା ପରିଷଦ ଉପାଧକ୍ଷା ଦୀପିକା ଦୀପ, ଗୁରୁକୁଳ ସଂସ୍ଥାପକ ଧର୍ମାନନ୍ଦ ସରସ୍ୱତୀ, ୟାର ସଂଗଠନ ମୁଖ୍ୟ ମହେନ୍ଦ୍ର ଜୋଶୀ, ଜିଲ୍ଲା ସ୍ତରୀୟ ଅଧିକାରୀ ଓ ଦମ୍ପତିମାନଙ୍କ ଆତ୍ମୀୟ-ସ୍ୱଜନମାନେ ଉପସ୍ଥିତ ଥିଲେ । ବିବାହ ସମ୍ପନ୍ନ ପରେ, ଯୋଜନା ଅନୁଯାୟୀ ପ୍ରତ୍ୟେକ ଦମ୍ପତିଙ୍କୁ ୪୫ ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା । ଏହା ସହିତ ବିଧାୟକ ଜୟ ଧୋଲକିଆ ପ୍ରତ୍ୟେକ ଦମ୍ପତିଙ୍କୁ ଅତିରିକ୍ତ ୧,୧୦୦ ଟଙ୍କା ସହାୟତା ପ୍ରଦାନ କରିଥିଲେ । ଏହି ଅବସରରେ ଜିଲ୍ଲାପାଳ ମଧୁସୂଦନ ଦାଶ ନିଜ ୨୫ତମ ବିବାହ ବାର୍ଷିକି ପାଳନ କରି ନବଦମ୍ପତି ମାନଙ୍କୁ ପ୍ରେରଣା ଦେଇଥିଲେ ଏବଂ ସୁଖମୟ ଦାମ୍ପତ୍ୟ ଜୀବନ ପାଇଁ ଶୁଭେଚ୍ଛା ଜଣାଇଥିଲେ । ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା କେବଳ ଆର୍ଥିକ ସହାୟତା ନୁହେଁ, ଏହା ସାମାଜିକ ସୁରକ୍ଷା ଓ ମହିଳା ସଶକ୍ତୀକରଣ ଦିଗରେ ରାଜ୍ୟ ସରକାରଙ୍କ ଏକ ଐତିହାସିକ ପଦକ୍ଷେପ । ଏହା ବାଲ୍ୟ ବିବାହ ଓ ଯୌତୁକ ପ୍ରଥା ନିବାରଣ କରିବା ସହ ସମାଜରେ ସଚେତନତା ସୃଷ୍ଟି କରୁଛି ।

# ରଥ ମହାରଣା ନୀଳମଣି ମହାରଣାଙ୍କୁ ସମ୍ବର୍ଦ୍ଧନା

କେନ୍ଦୁଝର, ୨୨/୦୪ (ନି.ପ୍ର): ଅକ୍ଷୟ ତୃତୀୟା ଉପଲକ୍ଷେ କେନ୍ଦୁଝର ଆରୋଧ ଦେବତା ପ୍ରଭୁ ବଳଦେବଜୀଉଙ୍କ ବିଶ୍ୱ ର ଉଚ୍ଚତମ ରଥ ର ରଥକାଠ ଅନୁକୂଳ ହୋଇଛି ।ଏହି ଅବସର ରେ ନିଖିଳ ଉତ୍କଳ ବିଶ୍ୱକର୍ମା ସମିତି ପକ୍ଷରୁ ରଥ ସମ୍ମୁଖରେ ରଥ ମହାରଣା ନିଳମଣି ମହାରଣା ଙ୍କୁ ଉପଢୌକନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଛି ।ଉପସଭାପତି ସନାତନ ମହାରଣା,ଯୁଗ୍ମସଂମ୍ପାଦକ ସୌରିନ୍ଦ୍ରନାଥ ମହାରଣା,କୋଷାଧକ୍ଷ ମନୋଜ କୁମାର ଓଝା,ସଂଯୋଜକ କିର୍ତ୍ତନ ବିହାରୀ ଓଝା ସମେତ ସମିତ ର ଅନ୍ୟାନ୍ୟ ସଦସ୍ୟ ଏବଂ ଜନସାଧାରଣ ଉପସ୍ଥିତଥିଲେ ।

# ଗୋଟାଏ ଦିନରେ ୨ ଜଣ ଶିକ୍ଷକଙ୍କ ବିଦାୟୀକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ



ଲଙ୍ଗଳେଶ୍ୱର , ୨୨/୪ (ନି.ପ୍ର): ବାଲିଆପାଳ ବ୍ଲକ ଅନ୍ତର୍ଗତ ନୂଆଗାଁ ଗ୍ରାମପଞ୍ଚାୟତର କଟରାମହଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଅଜୟ କୁମାର ପଢିଆରୀ ଓ ସହକାରୀ ଶିକ୍ଷକ ଶ୍ରୀ ସରୋଜ କୁମାର ପ୍ରଧାନ ଙ୍କୁ ବୁଧବାର ପୂର୍ବାହ୍ନ ରେ ବିଦାୟ କାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏହି ଅବସର ରେ କଟରାମହଲ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବରେନ୍ଦ୍ର ନାଥ ଦଳାଇ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବିଦାୟୀକାଳୀନ ସଭାରେ ମୁଖ୍ୟ ଅତିଥି ଭାବେ ବସ୍ତା ବିଧାୟିକା ସୁବାସିନୀ ଜେନା , ମୁଖ୍ୟ ବକ୍ତା ଭାବେ ଲତା ଯୋଡ଼ି ସଂସ୍କୃତି ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରିୟବ୍ରତ ପଣ୍ଡା ,ସମ୍ମାନିତ ଅତିଥି ପ୍ରାକ୍ତନ ଶିକ୍ଷକ ଧିରେନ୍ଦ୍ର ନାଥ ହାଜିରା , ପ୍ରାକ୍ତନ ଶିକ୍ଷକ ବରେନ୍ଦ୍ର ନାଥ ରାଉତ, ସାମାଜିକ କର୍ମୀ ଚକ୍ରଧର ଗିରି, ରଞ୍ଜନ କୁମାର ବେହେରା, ସିଆରସିସି ଶମ୍ଭୁ ନାଥ ସାହୁ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ ।ପ୍ରଦୀପ ସାହୁ ପ୍ରାରମ୍ଭିକ ଅଭିଭାଷଣ ପ୍ରଦାନ କରି ଥିବା ବେଳେ ସଭାପତି ଶ୍ରୀ ଦଳାଇ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମର ବିଦାୟୀ ଶିକ୍ଷକଙ୍କୁ ଉପଢୌକନ ପ୍ରଦାନ କରାଯାଇ ବାଦ୍ୟ ଓ ନୃତ୍ୟ ର ତାଳେ ତାଳେ ଏକ ବିଶାଳ ପଟୁଆରରେ ବିଦାୟୀ ଦିଆଯାଇଥିଲା।

# ଓଡିଶୀ ନୃତ୍ୟ ଶିଳ୍ପୀ ସ୍ୱସ୍ତିକା ସମନ୍ୱିତାଙ୍କୁ ସିସିଆରଟି କନିଷ୍ଠ ଜାତୀୟ ପ୍ରତିଭା ବୃତ୍ତି



ଭୁବନେଶ୍ୱର, ୨୨/୪ (ନି.ପ୍ର): ପଦ୍ମଶ୍ରୀ ଗୁରୁ ଦୁର୍ଗା ଚରଣ ରଣବୀରଙ୍କ ପ୍ରତିଷ୍ଠିତ ଓଡିଶାର ଅଗ୍ରଣୀ ଶାସ୍ତ୍ରୀୟ ନୃତ୍ୟାନୁଷ୍ଠାନ 'ନୃତ୍ୟାୟନ'ର ଛାତ୍ରୀ ସ୍ୱସ୍ତିକା ସମନ୍ୱିତା ଓଡିଶୀ ନୃତ୍ୟରେ କେନ୍ଦ୍ର ସରକାରଙ୍କ ମର୍ଯ୍ୟାଦାଜନକ ସିସିଆରଟି କନିଷ୍ଠ ଜାତୀୟ ପ୍ରତିଭା ବୃତ୍ତି ଲାଭ କରିଛନ୍ତି। ଶିଳ୍ପୀ ସ୍ୱସ୍ତିକା ନୃତ୍ୟାୟନର ଓଡିଶୀ ନୃତ୍ୟ ଶିକ୍ଷକ ଶ୍ରୀ ମନୋଜ କୁମାର ପ୍ରଧାନଙ୍କ ଶିକ୍ଷାଦାନ ଓ ପ୍ରତିଷ୍ଠାତା ପଦ୍ମଶ୍ରୀ ଗୁରୁ ଦୁର୍ଗା ଚରଣ ରଣବୀରଙ୍କ ମାର୍ଗଦର୍ଶନରେ ଏହି ବୃତ୍ତି ସମ୍ମାନ ପାଇଁ ଯୋଗ୍ୟ ବିବେଚିତା ହୋଇଛନ୍ତି। ଭୁବନେଶ୍ୱରରେ ଅବସ୍ଥାପିତ ଶ୍ୱେତଲିନା ପ୍ରଧାନ ଏବଂ ଖଗେଶ୍ୱର ଜୟପୁରିଆଙ୍କ ଏକମାତ୍ର କନ୍ୟା ସ୍ୱସ୍ତିକା ଶୈଶବରୁ ନିରବଛିନ୍ନ ଓଡିଶୀ ନୃତ୍ୟ ଶିକ୍ଷାଲାଭ କରି ଆସୁଛନ୍ତି। କେନ୍ଦ୍ର ସରକାରଙ୍କ ଏହି ବୃତ୍ତି, ଆଗାମୀ ଦିନରେ ଆମ ରାଜ୍ୟ, ଦେଶ ତଥା ବିଦେଶରେ ଓଡିଶୀ ନୃତ୍ୟ ପରିବେଷଣ ପାଇଁ ପ୍ରେରଣା ଯୋଗାଇବ ଏବଂ ଓଡିଶୀ ନୃତ୍ୟର ମୌଳିକତାକୁ ବଜାୟ ରଖି ଗୁରୁଜୀଙ୍କ ନାମକୁ ଗର୍ବିତ କରିବେ ବୋଲି ସ୍ୱସ୍ତିକା ପ୍ରକାଶ କରିଛନ୍ତି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ମେୟରଙ୍କୁ ବାଛିବେ...

ଏଥିପାଇଁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଓଡ଼ିଶା ମ୍ୟୁନିସିପାଲ୍ କର୍ପୋରେସନ୍ ଆକ୍ଟର ସଂଶୋଧନ ପ୍ରସ୍ତାବ ଆଣିପାରନ୍ତି । ଏନେଇ ଶାସକ ଦଳର ବରିଷ୍ଠ ନେତା ଓ ବିଧାୟକ ବୈଠକରେ ଏନେଇ ଦୁଇରୁ ତିନି ପର୍ଯ୍ୟାୟରେ ଆଲୋଚନା ସରିଛି। ୨୦୨୭ ପ୍ରଥମାର୍ଦ୍ଧରେ ପୌର ନିର୍ବାଚନ ହୋଇପାରେ। ସରକାରୀ, ରାଜ୍ୟ ନିର୍ବାଚନ କମିଶନ ଓ ଦଳୀୟ ସ୍ତରରୁ ଆରମ୍ଭ ହୋଇଗଲାଣି ଜୋରଦାର ପ୍ରସ୍ତୁତି। ନୂଆ ଆଇନ ସଂଶୋଧନ ଆଣିବାକୁ ହେଲେ ଅନେକ ପ୍ରକିୟା ଭିତରକୁ ଯିବାକୁ ପଡିବ । ପ୍ରଥମେ ନଗର ଉନ୍ନୟନ ବିଭାଗ ପକ୍ଷରୁ ଆଇନ ବିଭାଗକୁ ପ୍ରସ୍ତାବ ଯିବ, ପରେ ରାଜ୍ୟ କ୍ୟାବିନେଟ୍‌ରେ ଏ ସଂକ୍ରାନ୍ତୀୟ ପ୍ରସ୍ତାବକୁ ଅନୁମୋଦନ ମିଳିବା ପରେ ବିଧାନସଭାରେ ଏହା ପାରିତ କରିବାକୁ ସରକାରୀ ଦଳ ପକ୍ଷରୁ ଯୋଜନା ରହିଥିବା ଜଣାପଡିଛି । ହେଲେ ଏ ବାବଦରେ ନଗର ଉନ୍ନୟନ ମନ୍ତ୍ରୀ କହିଛନ୍ତି ବର୍ତ୍ତମାନସୁଦ୍ଧା କୌଣସି ପ୍ରସ୍ତୁତି ହୋଇନାହିଁ, ଆଗକୁ ବିଚାରବିମର୍ଶ ହୋଇପାରେ । ସେପଟେ ବିଜେଡି ଷଡ଼୍‌ଯନ୍ତ୍ରର ଗନ୍ଧ ବାରିଛି । ରାଜ୍ୟରେ ୧୯୯୩ରେ ପ୍ରଥମଥର ପାଇଁ ସମସ୍ତ ପୌରାଞ୍ଚଳର ପୌରାଧ୍ୟକ୍ଷଙ୍କ ପାଇଁ ପ୍ରତ୍ୟକ୍ଷ ନିର୍ବାଚନ ହୋଇଥିଲା । ଏହାପରେ ରାଜ୍ୟରେ ପୁଣି ପରୋକ୍ଷ ଭାବେ ମେୟର ଓ ପୌରାଧ୍ୟକ୍ଷ ନିର୍ବାଚନ ହୋଇଥିଲା । ୨୦୧୮ରେ ଦୁଇଟି ଆଇନରେ ସଂଶୋଧନ ଅଣାଯାଇ ୨୦୨୨ରେ ହୋଇଥିଲା ପ୍ରତ୍ୟକ୍ଷ ନିର୍ବାଚନ।

### ସନ୍ଦେହ ଘେରରେ...

ତିଆରି ପାଇଁ ହୋଇଥିବା ୧ ହଜାର କୋଟି ଟଙ୍କାର ଟେଣ୍ଡରରେ ଦୁର୍ନୀତି ଅଭିଯୋଗ ଆଣିଛି କଂଗ୍ରେସ । ଅଭିଯୋଗ ଅନୁସାରେ, ରାଜ୍ୟର ୫୩୭୦ ସ୍କୁଲ, ପୌରାଞ୍ଚଳ କାର୍ଯ୍ୟାଳୟ, ଜିଲ୍ଲାପରିଷଦ କାର୍ଯ୍ୟାଳୟରେ ଏଆଇ କ୍ଲାସ୍‌ରୁମ୍, ଭିଡିଓ କନ୍‌ଫରେନ୍ସିଂ ଭିତ୍ତିଭୂମି, କମ୍ପ୍ୟୁଟର ଲାବ୍ ପାଇଁ ଟେଣ୍ଡର ହୋଇଛି । କିନ୍ତୁ ହାଇଦ୍ରାବାଦର ଯେଉଁ କମ୍ପାନୀକୁ ଦାୟିତ୍ୱ ଦିଆଯାଇଛି ତାହା ବିରୋଧରେ ପୂର୍ବରୁ ଦୁର୍ନୀତି ଅଭିଯୋଗ ରହିଛି । ସେହି କମ୍ପାନୀକୁ କେମିତି ଓଡ଼ିଶାରେ ଟେଣ୍ଡର ଦିଆଗଲା ସେ ନେଇ ପ୍ରଶ୍ନ ଉଠାଇ କଂଗ୍ରେସ ବିକ୍ଷୋଭ କରିଥିଲା । ଆଜି ଏହି ଟେଣ୍ଡରକୁ ବାତିଲ କରିବା ସହ ଓକାକର ଅଧ୍ୟକ୍ଷଙ୍କୁ ପଦବୀରୁ ହଟାଇବାକୁ ଦାବି କରିଛି କଂଗ୍ରେସ । ଟେକ୍ନୋଲୋଜି କ୍ଷେତ୍ରରେ ସରକାରଙ୍କୁ ପରାମର୍ଶ, ସଫ୍ଟୱେୟାର୍ ବିକାଶ, ଡାଟା ଡିଜିଟାଇଜେସନ୍ ଏବଂ ସାଇବର ସୁରକ୍ଷା କାମ କରେ 'ଓକାକ୍' । ଓକାକ ବିରୋଧରେ କଂଗ୍ରେସର ସାଂଘାତିକ ଅଭିଯୋଗ ପରେ ଆଇଟି ମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଛନ୍ତି ଓକାକର ସମସ୍ତ କାର୍ଯ୍ୟର ସୀମକ୍ଷା କରାଯିବ । 'ଓକାକ୍' ଏକ ସ୍ୱୟଂଚାଳିତ ସରକାରୀ ସଂସ୍ଥା ହୋଇଥିବାରୁ ଏଥିରେ ସରକାରଙ୍କ ଭୂମିକା କମ୍ ଥାଏ । 'ଓକାକ୍'ର ଟେଣ୍ଡର ଆପ୍ରୁଭାଲ ତାଙ୍କ ପାଖକୁ ଆସେନାହିଁ, ଏହା 'ଓକାକ୍'ର ଅଧ୍ୟକ୍ଷଙ୍କ ପାଖକୁ ଆସେ । ଦୁର୍ନୀତି ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ ଆଲୋଚନା ପରେ ଓକାକର ସବୁ ଟେଣ୍ଡରର ରିଭ୍ୟୁ ହେବ । ଟେଣ୍ଡରରେ ସ୍ୱଚ୍ଛତା ଆଣିବା ସହ କେମିତି ଓକାକ ଦୁର୍ନୀତି ମୁକ୍ତ ହେବ ତାହା ସୁନିଶ୍ଚିତ କରାଯିବ । ଓକାକ ବିରୋଧରେ ଦୁର୍ନୀତି ଅଭିଯୋଗ କିଛି ନୂଆ ନୁହେଁ । ବିଜେଡି ସରକାର ଅମଳରେ ଓକାକ ବିରୋଧରେ ବହୁ ଦୁର୍ନୀତି ଅଭିଯୋଗ ଆସିଥିଲା । ଆଜିର ଟେକ୍ନୋଲୋଜି ଯୁଗରେ ଓକାକ ଭଳି ସଂସ୍ଥାର ଗୁରୁତ୍ୱ ବହୁତ । କିନ୍ତୁ ଏଥିରେ ବିକାଶ ପାଇଁ ସ୍ୱଚ୍ଛତା ଜରୁରୀ ।

### ଓଡ଼ିଆ ଉଚ୍ଚାରଣ ଅନୁଯାୟୀ ...

ହୋଇଥିବା ପ୍ରସ୍ତାବଗୁଡ଼ିକୁ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଉପସ୍ଥାପନ କରାଯାଇ ମତାମତ ଓ ପରାମର୍ଶ ଆହ୍ୱାନ କରାଯାଇଛି । ଉକ୍ତ ପ୍ରସ୍ତାବଗୁଡ଼ିକ ଉପରେ ଜନପ୍ରତିନିଧିମାନେ ଏବଂ ଜନସାଧାରଣ ସେମାନଙ୍କର ମତାମତ ତଥା ସୁଚିନ୍ତିତ ପରାମର୍ଶ ଏପ୍ରିଲ୍ ୨୨ ତାରିଖଠାରୁ ଏକ ମାସ ମଧ୍ୟରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ, ଲୋକସେବା ଭବନ, ଭୁବନେଶ୍ୱର - ୭୫୧୦୦୧ ଠିକଣାରେ ପତ୍ର କିମ୍ବା ଇ-ମେଲ୍ : isbdr-rev.od@od.gov.in @[aû revsec.od@od.gov.in ମାଧ୍ୟମରେ ପ୍ରେରଣ କରିବାକୁ ଅନୁରୋଧ କରାଯାଇଛି ।

# ସବୁଜ ସାଥୀ ସାମ୍ମୁଖ୍ୟର କୃଷକ ସମ୍ବର୍ଦ୍ଧନା ଉତ୍ସବ



ଭଦ୍ରକ , ୨୨/୪ (ନି.ପ୍ର): ଭଦ୍ରକ ପ୍ରମୁଖ ସାମାଜିକ ଅନୁଷ୍ଠାନ ସବୁଜସାଥୀ ସାମ୍ମୁଖ୍ୟ ରାଜ୍ୟର କୃଷି କୃଷିଭିତ୍ତିକ ଗଣପର୍ବ ଅକ୍ଷୟ ତୃତୀୟା ପାଳନ ଅବସରରେ ଭଦ୍ରକ ବାଇପାସ୍ ସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ 'ଆମ ସଂସ୍କୃତିରେ ଅକ୍ଷୟ ତୃତୀୟା' ସମ୍ପର୍କିତ ଏକ ଆଲୋଚନା ଚକ୍ର ଓ କୃଷକ ସମ୍ବର୍ଦ୍ଧନା ଉତ୍ସବ ଆୟୋଜିତ ହୋଇଯାଇଛି। ଏହି ଉତ୍ସବରେ ସମ୍ମାନିତ ଅତିଥିଭାବେ ଡଃ ପ୍ରମୋଦ କୁମାର ନାୟକ ଓ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ ଯୋଗଦେଇ ଆମ ଭାରତୀୟ ସଂସ୍କୃତି ସହିତ ଅକ୍ଷୟ ତୃତୀୟା ଦିବସର ତାତ୍ପର୍ଯ୍ୟ ସମ୍ବନ୍ଧରେ ବିସ୍ତୃତ ଆଲୋଚନା କରିଥିଲେ। ଏହି ଉତ୍ସବରେ ସାମ୍ମୁଖ୍ୟର ସଭାପତି ରମେଶ ଚନ୍ଦ୍ର ରାୟ ଅଧ୍ୟକ୍ଷତା କରିଥିବାବେଳେ ସଂପାଦକ ଦିଲ୍ଲୀପ କୁମାର ଖୁଣ୍ଟିଆ ସାମ୍ମୁଖ୍ୟର ସମ୍ପାଦକୀୟ ବିବରଣୀ ଉପସ୍ଥାପନ କରିଥିଲେ। ନାଟ୍ୟାଚାର୍ଯ୍ୟ ରଘୁନାଥ ପଣ୍ଡା ସଙ୍ଗୀତ ବିଦ୍ୟାଳୟର ଛାତ୍ରୀମାନେ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ପରିବେଷଣ କରିଥିଲେ। କୃଷିକବି ଅରୁଣ କୁମାର ପାତ୍ରଙ୍କ ରଚିତ ଦୁଇଟି କୃଷି ପୁସ୍ତକ କୃଷି, କୃଷକ ଓ କୃଷି ଜୀବନ ଏବଂ ବିଲେ ବୋଲେ ଚଷା ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଭଦ୍ରକ ଜିଲ୍ଲାର ୭ଗୋଟି ବ୍ଲକରୁ ୭ ଜଣ କୃଷକସାଥୀ ଓ ୭ ଜଣ ସଫଳ କୃଷକଙ୍କୁ ଉତ୍ତରୀୟ, ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା କରାଯାଇଥିଲା। ଭଦ୍ରକସ୍ଥିତ ମନ୍ଦିରା ଏକାଡେମୀର ଛାତ୍ରୀମାନେ କୃଷିଭିତ୍ତିକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସାମ୍ମୁଖ୍ୟର ସଦସ୍ୟ ଉଦିତ କୁମାର ରାୟ, ଲକ୍ଷ୍ମୀଧର ସାହୁ, ଶ୍ରୀଧର ଦାସ, ପ୍ରଦୀପ କୁମାର ପାଢ଼ୀ, ନିର୍ମଳ ଚନ୍ଦ୍ର ସାହୁ, ପଙ୍କଜ କୁମାର ବାଇ କାର୍ଯ୍ୟକ୍ରମରେ ସହାୟତା ପ୍ରଦାନ କରିଥିଲେ। ଅରୁଣ କୁମାର ପାତ୍ର ସମସ୍ତ କାର୍ଯ୍ୟକ୍ରମକୁ ଉପସ୍ଥାପନା କରିଥିଲେ।

# ଅସହ୍ୟ ଗ୍ରୀଷ୍ମପ୍ରବାହ : ସ୍କୁଲ ସମୟ ୬.୩୦ରୁ ୯ ଟା

ଭଦ୍ରକ, ୨୨/୪ (ନି.ପ୍ର): ଭଦ୍ରକ ଜିଲ୍ଲାରେ ବର୍ତ୍ତମାନ ଅସହ୍ୟ ଗ୍ରୀଷ୍ମ ପ୍ରବାହ ଓ ତାପମାତ୍ରା ବୃଦ୍ଧି ପରିସ୍ଥିତିକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟ ସୁରକ୍ଷାକୁ ସର୍ବାଧିକ ପ୍ରାଥମ୍ୟ ଦିଆଯାଇଛି। ଜିଲ୍ଲାପାଳ ଙ୍କ ନିଷ୍ପତି କ୍ରମେ ଭଦ୍ରକ ଜିଲ୍ଲାର ସମସ୍ତ ପ୍ରକାର ସରକାରୀ/ସରକାରୀ ସହାୟତାପ୍ରାପ୍ତ/ବେସରକାରୀ ବିଦ୍ୟାଳୟ/ଓଏଭି (ଓଏଭିଏସ) ରେ ଶିଶୁବାଟିକାରୁ ଶ୍ରେଣୀ-୧୨ ପର୍ଯ୍ୟନ୍ତ ପାଠପଢ଼ା ସମୟକୁ ପ୍ରଭାତ ୦୬.୩୦ ରୁ ୦୯.୦୦ ପର୍ଯ୍ୟନ୍ତ ଚାଲୁ ରଖିବାକୁ ଜିଲ୍ଲା ଶିକ୍ଷା ଅଧିକାରୀ ଓ ସମସ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ କୁ ନିର୍ଦ୍ଦେଶ ଦିଆଯାଇଛି।

# ନଳକୂପ ଖୋଳି ଭୁଲିଗଲେ ପ୍ଲାଟଫର୍ମ କରିବାକୁ: ଗ୍ରାମବାସୀଙ୍କ ଭାଗ୍ୟରେ ପ୍ରଦୂଷିତ ପାଣି



ବଲେଶ୍ୱର, ୨୨/୪ (ନି.ପ୍ର): ସଦର ବ୍ଲକ ଗେଙ୍ଗୁଟି ଗ୍ରାମପଞ୍ଚାୟତ ଅଧିନସ୍ଥ ଜମ୍ବେଶ୍ୱରପୁର ଗ୍ରାମର ପୁର୍ବପଟ ଜନଉପଜାତି ବସ୍ତିରେ ଏକ ବର୍ଷରୁ ଅଧିକ ସମୟ ପୂର୍ବେ ସରକାରଙ୍କ ଜନହିତ ଯୋଜନାରେ ସୁଧାକର ସେଠୀଙ୍କ ଘର ପାଖରେ ଖୋଳାଯାଇଥିବା ନଳକୂପର ପୁକ୍କା ପ୍ଲାଟଫର୍ମ ନିର୍ମାଣ ନକରିବାରୁ ଜନ ଅସନ୍ତୋଷ ଦେଖାଯାଇଛି । ଠିକାଦାର ଓ ସରକାରୀ କର୍ମଚାରୀଙ୍କ ଅସହଯୋଗ ପାଇଁ ଗମବାସୀ ଦୂଷିତ ପାନୀୟ ଜଳ ପିଇବାକୁ ପଡୁଛି ବୋଲି ସ୍ଥାନୀୟ ଗ୍ରାମବାସୀ ହରେନ୍ଦ୍ର ପ୍ରଧାନ କହିଛନ୍ତି। ନଳକୂଅ ତିଆରି ବେଳେ ଗ୍ରାଭେଲସ ଦେଲେ ନାହିଁ କି ଦୀର୍ଘ ଏକ ବର୍ଷରୁ ଅଧିକ ଧରି ପକ୍କା ପ୍ଲାଟଫର୍ମ ତିଆରି କରୁନାହାନ୍ତି, ସରକାରଙ୍କ ଜନହିତ ଯୋଜନା ପ୍ରତି ଉପହାସ ବୋଲି ସ୍ଥାନୀୟ ଲୋକ ଅଭିଯୋଗ ଆଣିଛନ୍ତି। ଉକ୍ତ ଗ୍ରାମରେ ପାନୀୟ ଜଳ ସ୍ତରରେ ନିର୍ମାଣ ହୋଇଥିବା ଉତ୍ସକୂପ ଗୁଡିକ କୃଷିକାର୍ଯ୍ୟରେ ବହୁଳ ବ୍ୟବହାର ହେତୁ, ଘରୋଇ ନଳକୂପ ସବୁ ଅଚଳ ହୋଇ ଯିବା ଫଳରେ, ଏକମାତ୍ର ଭରସା ସେହି ସରକାରୀ ନଳକୂଅ ଟି ପକ୍କା ପ୍ଲାଟଫର୍ମ ଅଭାବରୁ ବାହାରୁଥିବା ପାନୀୟ ଜଳ ଅନୁପଯୁକ୍ତ କର୍ଦ୍ଦମାକ୍ତ ହେତୁ ଚିନ୍ତାର କାରଣ ଦେଖା ଦେଇଛି। ନଳକୂପ ନିର୍ମାଣ ଓ ମରାମତି ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ଅବଗତ କରିଲା ପରେ ମଧ, ପକ୍କା ପ୍ଲାଟଫର୍ମ ନିର୍ମାଣ ନ କରିବା ଅସନ୍ତୋଷର କାରଣ ସୃଷ୍ଟି କରିଛି। ସରକାରୀ ଜନହିତକର ଯୋଜନାରେ ନିର୍ମିତ ପ୍ରକଳ୍ପ ଗୁଡିକ ଅଧିକାରୀଙ୍କ ଏଭଳି ଖାମଖିଆଲି ମନଭାବ ଶୁଭଙ୍କର ନୁହେଁ ବୋଲି ସାମାଜିକ କର୍ମୀ ମନାଲିସା ସେଠୀ ଜଣାଇବା ସହ ତୁରନ୍ତ ନିର୍ମାଣ ପାଇଁ ଦାବି ରଖିଛନ୍ତି।

# ମେଧାବୀ ଛାତ୍ର ଦିପ୍ତାଂଶୁ ରାଉତଙ୍କ ସଫଳତା



ବାସୁଦେବପୁର, ୨୨/୪ (ନି.ପ୍ର): ପ୍ରତିଭାର ଉତ୍କର୍ଷତାରେ ସମସ୍ତେ ହସ ଖୁସି ଓ ଆନନ୍ଦ ଅନୁଭବ କରନ୍ତି। ସେହିପରି ଦେଖିବାକୁ ଗଲେ ମେଧାବୀ ଛାତ୍ର ଛାତ୍ରୀ ମାନେ ପରୀକ୍ଷା ପାଇଁ ଅନେକ ପରିଶ୍ରମ କରିଥାନ୍ତି। ଗତ ଫେବୃଆରୀ ୧୫ ତାରିଖ,୨୦୨୬ ରେ ସି ବି ଏସ ଇ ଦଶମ ଶ୍ରେଣୀର ପରୀକ୍ଷା ଫଳ ପ୍ରକାଶିତ ହୋଇଛି। ଏଥିରେ ଭଦ୍ରକ ଜିଲ୍ଲାର ଚାନ୍ଦିମାଳ ଜବାହର ନବୋଦୟ ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନେ ଶତ ପ୍ରତିଶତ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହେବା ସହିତ ୨୬ ଜଣ ୯୦ ଶତକଡା ଅଧିକ ନମ୍ବର ରଖି କୃତିତ୍ୱ ଅର୍ଜନ କରିଛନ୍ତି। ବିଦ୍ୟାଳୟର ମେଧାବୀ ଛାତ୍ର ଦୀପ୍ତାଂଶୁ ରାଉତ ୯୯.୦୪ ନମ୍ବର ରଖି ବିଦ୍ୟାଳୟର ସୁନାମ ଅର୍ଜନ କରିବା ସହିତ ସମଗ୍ର ଜିଲ୍ଲାରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ମାତୃଭାଷା ଓଡିଆରେ ୪ ଜଣ ଛାତ୍ର ଛାତ୍ରୀ ଶତ ପ୍ରତିଶତ ନମ୍ବର ରଖିବା ସହିତ ଗଣିତରେ ଦୁଇ ଜଣ,ଚଇଞ୍ଚ ରେ ଦୁଇ ଜଣ ମଧ ଶତ ପ୍ରତିଶତ ନମ୍ବର ରଖି ବିଦ୍ୟାଳୟର ଉତ୍କର୍ଷତାର ପରିଚୟ ସୃଷ୍ଟି କରିଛନ୍ତି। କେନ୍ଦ୍ରାପଡ଼ା ଜିଲ୍ଲାର ଆୟତନ ନିକଟସ୍ଥ ମେଘପୁର ଗ୍ରାମରେ ଜନ୍ମ ଗ୍ରହଣ କରନ୍ତି ଦୀପ୍ତାଂଶୁ। ତାଙ୍କର ପିତା ମୃତ୍ୟୁଞ୍ଜୟ ରାଉତ ଓ ମାତା କବିତା ନାୟକ। ଏହି ଅବସରରେ ଦିପ୍ତାଂଶୁ ଓ ଅନ୍ୟାନ୍ୟ ଛାତ୍ର ଛାତ୍ରୀ ମାନଙ୍କୁ ଜବାହର ନବୋଦୟ ବିଦ୍ୟାଳୟର ଅଧକ୍ଷ ନିରଞ୍ଜନ ଦଳାଇ ଓ ଅନ୍ୟାନ୍ୟ ଶିକ୍ଷକ ଶିକ୍ଷୟତ୍ରୀ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

# ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନାରେ ୪୯ ଯୋଡ଼ିଙ୍କ ସାମୁହିକ ବାହାଘର ସମ୍ପୂର୍ଣ୍ଣ ବୈଦିକ ରୀତିନୀତିରେ ସମ୍ପନ୍ନ




ଖୋର୍ଦ୍ଧା , ୨୨/୪ (ନି.ପ୍ର): ରାଜ୍ୟ ସରକାରଙ୍କର ଯୁଗାନ୍ତ କାରୀ ଆର୍ଥିକ ଅନଗ୍ରହସର ପରିବାରର ଝିଅ ମାନଙ୍କ ବାହାଘର ପାଇଁ ମୁଖ୍ୟ ମନ୍ତ୍ରୀ କନ୍ୟା ଯୋଜନାରେ ଜିଲ୍ଲା ପ୍ରଶାସନ ଏବଂ ପିପୁଲସ ଫୋରମ୍ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମିଳିତ ଆନୁକୁଲ୍ୟରେ ସ୍ଥାନୀୟ ଖୋର୍ଦ୍ଧାର ଆରାଧ ଦେବୀ ପୀଠ ମା' ବରୁଣେଇ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ ଉତ୍ସବ ଜିଲ୍ଲାପାଳ ଶ୍ରୀ ଅମ୍ରିତ୍ ଋତୁରାଜାଙ୍କ ପୌରହିତ୍ୟରେ ଖୋର୍ଦ୍ଧା ଜିଲ୍ଲାର ୪୯ ଗୋଟି ଯୋଡିକୁ ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନାରେ ସମ୍ପୂର୍ଣ୍ଣ ବୈଦିକ ରିତୀନୀତିରେ ବିବାହ କାର୍ଯ୍ୟ ସମ୍ପୂର୍ଣ କରାଯାଇଅଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ବିଧାୟକ ଖୋର୍ଦ୍ଧା ତଥା ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ ଶ୍ରୀଯୁକ୍ତ ପ୍ରଶାନ୍ତ କୁମାର ଜଗଦେବ ଯୋଗଦେଇ ୪୯ ଯୋଡି ବର କନ୍ୟାଙ୍କୁ ରୁପାର ମଙ୍ଗଳ ସୂତ୍ର ଏବଂ ଗୋଡ଼ର ଝୁଣ୍ଟିଆ ବଣ୍ଟନ କରି ଆଶ୍ରିବାଦ ପ୍ରଦାନ କରିଥିଲେ । ସମ୍ମାନିତ ଅତିଥି ଭାବେ ମନ୍ୟବର ବିଧାୟକ ବେଗୁନିଆ ଶ୍ରୀଯୁକ୍ତ ପ୍ରଦୀପ କୁମାର ସାହୁ, ମାନ୍ୟବର ବିଧାୟକ ଭୁବନେଶ୍ୱର, ମଧ, ଶ୍ରୀଯୁକ୍ତ ଅନନ୍ତ ନାରାୟଣ ଜେନା, ଜିଲ୍ଲା ପରିଷଦ ସଭାପତି ଶ୍ରୀମତୀ ରୂପଶ୍ରୀ ରାଣୀ ଗୁମାନସିଂହ, ଖୋର୍ଦ୍ଧା ପୌରାପରିଷଦ ଅଧକ୍ଷା ଶ୍ରୀମତୀ କନକ ଲକ୍ଷ୍ମୀ ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ ସାଧାରଣ, ଶ୍ରୀ ପ୍ରତାପ ଚନ୍ଦ୍ର ବେଉରା, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ,ଜିଲ୍ଲା ପରିଷଦ ,ଶ୍ରୀ ଜ୍ୟୋତି ଶଙ୍କର ସାହୁ , ଅତିରିକ୍ତ ଆରକ୍ଷୀ ଅଧିକ୍ଷକ, ଶ୍ରୀ ଅନାଦି ଚରଣ ସେଠି, ଅବକାରୀ ଅଧିକ୍ଷକ, ଖୋର୍ଦ୍ଧା, ଶ୍ରୀମତୀ ସୁମିତ୍ରା ତ୍ରିପାଠୀ, ସଦର ବିଡ଼ିଓ ,ସିଦ୍ଧାର୍ଥ ପଟ୍ଟନାୟକ ଯୋଗ ଦେଇଥିଲେ । ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଅତିରିକ୍ତ ଜିଲ୍ଲାପାଳ, ଶ୍ରୀ ପ୍ରତାପ ଚନ୍ଦ୍ର ବେଉରା ଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଏବଂ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଶ୍ରୀମତୀ କୁସୁମ କୁମାରୀ ପ୍ରହରାଜ ଓ କାର୍ଯ୍ୟକାରୀ ସଂସ୍ଥା ପିପୁଲ୍ସ ଫୋରମ୍ ସଭାପତି, ସମ୍ପାଦକ ମିଳିତ ପରିଚାଳନାରେ ସମସ୍ତ କାର୍ଯ୍ୟ ଶାନ୍ତି ଶୃଙ୍ଖଳାର ସହ ସମାପିତ ହୋଇଥିଲା । ଏଥି ନିମନ୍ତେ ୪୯ ଗୋଟି ବରକନ୍ୟାଯୋଡି ବିଭାଘର ନିମନ୍ତେ ୪୯ ଗୋଟି ବେଦି ସହ ୪୯ ଜଣ ବ୍ରାହ୍ମଣ ଙ୍କୁ ନିୟୋଜିତ କରାଯାଇଥିଲା । ୪୯ଜଣ କନ୍ୟାଙ୍କୁ ବନାରସୀ ପାଟ ଓଢ଼ଣି ଏବଂ ୪୯ ଜଣ ବରଙ୍କୁ ଶେରଓ୍ୱାନି, ଜୋତା ମୁକୁଟ, ମଙ୍ଗଳ ସୂତ୍ର, ଗୋଡର ଝୁଣ୍ଟିଆ,ବୈଦିକ ରୀତିନୀତି ତେଲିଙ୍ଗି ବାଜା , ଶଙ୍ଖ ,୧୭୦୦. ଲୋକଙ୍କ ନିମନ୍ତେ ମଧାହ୍ନ ଭୋଜନ, ସକାଳ ଜଳଖିଆ, ସମସ୍ତ ଅତିଥିଙ୍କୁ ଉତ୍ତରୀୟ ଓ ଖୋର୍ଦ୍ଧା ପାଇକ ପଗଡି ପିପୁଲସପୋରମ ତରଫରୁ ଯୋଗାଇ ଦିଆଯାଇଥିଲା । ଏହି ସାମୁହ ବିବାହ ଉତ୍ସବରେ ବିବାହ ପରେ ୪୯ ଯୋଡି ଦମ୍ପତିଙ୍କୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପ୍ରତାପ ଚନ୍ଦ୍ର ବେଉରା ବିବାହ ରେଜେଷ୍ଟ୍ରି ସାର୍ଟିଫିକେଟ ପ୍ରଦାନ କରିଥିଲେ । ଏହି ମୁଖ୍ୟ ମନ୍ତ୍ରୀ କନ୍ୟା ଯୋଜନାରେ ଆଜିଠାରୁ ସାତ ଦିନ ମଧ୍ୟରେ ସିଧା ସଳଖ କନ୍ୟାର ବ୍ୟାଙ୍କ ଆକାଉଣ୍ଟକୁ ୪୫ ହଜାର ଟଙ୍କା ଡିବିଟି ମାଧ୍ୟମରେ ପଇଠ କରାଯିବ । ଆଜିର ଏହି ବିବାହ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରୁ ରାଜ୍ୟ ଭାଜପା କାର୍ଯ୍ୟକାରୀଣୀ ସଦସ୍ୟ ଶ୍ରୀ ନିକୁଞ୍ଜ ପଟ୍ଟନାୟକ, ସାଂସଦଙ୍କ ପ୍ରତିନିଧି,ଦିଲୀପ ହୋତା ,ବେସମାରିକେ ଜିଲ୍ଲା ଯୋଗାଣ ଅଧିକାରୀ, ଜ୍ଞାନେନ୍ଦ୍ରୀୟ ମିଶ୍ର , ଅଗ୍ରଣୀ ବ୍ୟାଙ୍କ ପରିଚାଳକ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ,ଲକ୍ଷ୍ମଣ କୁମାର ବେହେରା ,ଡେପୁଟି କଲେକ୍ଟର ସୌମ୍ୟା ସାଗରିକା ସ୍ୱାଇଁ,, ରଞ୍ଜନ କୁମାର ଜେନା,ସାରା ମଲ୍ଲିକ, ସ୍ୱିଟି ସୋରେନ, ନିଜାରତ ଅଧିକାରୀ , ଗିସବ ତ୍ରିପାଠୀ, ଜିଲ୍ଲାସମାଜ କାର୍ଯାଳୟ ପୋଗ୍ରାମ ଅଫିସର ସୌଦାମିନୀ ଦାସ, ସମସ୍ତ ସିଡିପିଓ, ଅଙ୍ଗନବାଡି ସୁପର ଭାଇଜର, ଅଙ୍ଗନବାଡି କର୍ମୀ, ବରୁଣେଇ ମନ୍ଦିର ପୂଜକ ମାନେ, ଗଣମାଧ୍ୟମ ପତିନିଧି ବୃନ୍ଦ ଯୋଗ ଦେଇଥିଲେ । ଶେଷରେ ବିବାହିତା ଦମ୍ପତି ମାନେ ଗୁରୁଜନ ମାନଙ୍କ ଆଶ୍ରିବାଦ ସହ ମା ବରୁଣେଇ କରୁଣେଇ ଙ୍କ ଆଶ୍ରିବାଦ ନେଇଥିଲେ । ଏଠାରେ ପ୍ରକାଶ ଥାଉକି ଓଡିଶା ସରକାରଙ୍କ ମୁଖ୍ୟ ମନ୍ତ୍ରୀ କନ୍ୟା ବିବାହ ଯୋଜନା ହେଉଛି ଆର୍ଥିକ ଅନଗ୍ରସର ପରିବାରର ଝିଅ ମାନଙ୍କ ବିବାହ ପାଇଁ ଏକ ସହାୟକ ଯୋଜନା ,ଏହି ଯୋଜନା ଆଧୀନରେ ହିତାଧିକାରୀଙ୍କୁ ମୋଟ ୬୦ ହଜାର ଟଙ୍କା ସହାୟତା ଦିଆ ଯାଇଥାଏ ,୪୫ ହଜାର ଟଙ୍କା ଡି ବି ଟି ମାଧ୍ୟମରେ ପୈଠ କରାଯିବା ସହ ୧୦ ହଜାର ତାଙ୍କ ବିବାହ ଉପହାର ଯଥା ଶାଢ଼ୀ ,ଚୁଡି, ପାଉଁଜି ଏବଂ ଅନନ୍ୟା ଜରୁରୀ ସାମଗ୍ରୀ ପାଇଁ ବ୍ୟୟ କରାଯାଏ ଏବଂ ୫ ହଜାର ଟଙ୍କା ବିବାହ ମଣ୍ଡପ ସାଜସଜା ,ଖାଦ୍ୟପେୟ, ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ଖର୍ଚ୍ଚ ପାଇଁ ବ୍ୟବହୃତ ହୁଏ । ଏହି ଯୋଜନାରେ ହିତାଧିକାରୀ ହେବାକୁ ହେଲେ କନ୍ୟାର ବୟସ ୧୮ ରୁ ୩୫ ଓ ବରର ବୟସ ୨୧ ରୁ ୩୫ ହବା ଆବଶ୍ୟକ ,ଉଭୟ ବର କନ୍ୟା ଓଡ଼ିଶାର ସ୍ଥାୟୀ ବାସିନ୍ଦା ହୋଇଥିବେ । ଗୋଟିଏ ପରିବାରରୁ କେବଳ ଜଣେ ଝିଅ ଏହି ଯୋଜନାରେ ଲାଭ ପାଇ ପାରିବେ । ବିଧବା ବିବାହ କରୁଥିବା ମହିଳା, ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ଏବଂ ଦିବ୍ୟାଙ୍ଗ ମାନଙ୍କୁ ପ୍ରାଥମିକତା ଦିଆଯାଏ ।

32001/101/2627

GOVERNMENT OF ODISHA
DEPARTMENTOF WATER RESOURCES

Office of the Executive Engineer,
Mechanical Division, Laxmiposi
Email Address: eemdlaxmiposi@gmail.com
e-Procurement Notice- Bid Identification No.- EE/MDL-02/2026-27

| | | |
|---|---|---|
| 1. | Name of the Work | : Mechanical Gate Works |
| 2. | No. of Works | : 03 (Three) |
| 3. | Category of executors | : SSI Units registered under DIC/ NSIC/ MSME for Irrigation Shutters / Hydro mechanical gates. |
| 4. | Bid Identification No. | : EE/MDL-02/2026-27 |
| 5. | Estimated Cost | :Rs. 8,95,816.00 to Rs. 9,63,154.00 |
| 6. | Period of Completion | : 01 (One) calendar month. |
| 7. | Date & time of availability of bid documents in the Portal | : From dt. 27/04/2026 (10:00 AM) to dt. 05/05/2026 (5:00 PM) |
| 8. | Last date/ time for receipt of bid In the Portal | : dt.05.05.2026 (up to 5.00 PM) |
| 9. | Date and Place of opening of online bids | : dt.06.05.2026 (11:00 AM onwards in the O/o the undersigned) |
| 10. | Name of the Officer inviting bid | : Executive Engineer, Mechanical Division, Laxmiposi |

Further details can be seen from the e-procurement portal https://tendersodisha.gov.in

Sd/-
Executive Engineer
Mechanical Division,
Laxmiposi

OIPR: 32001/32552/1/26-27/0002

୨୩ ଏପ୍ରିଲ ୨୦୨୬, ଗୁରୁବାର
ଧ୍ୱନି ପ୍ରତିଧ୍ୱନି
ପୃଷ୍ଠା

# ନିଲମ୍ବିତ ଫରେଷ୍ଟ ଗାର୍ଡଙ୍କୁ ମାଡ଼ ଘଟଣାରେ ଏସିଏଫ ଏବଂ ଅନ୍ୟ ବନକର୍ମଚାରୀଙ୍କ ଆଗୁଆ ଜାମିନ ଆବେଦନ ଖାରଜ

ନୀଳଗିରି , ୨୨/୪ (ନି.ପ୍ର): କୁଳଡିହା ଅଭୟାରଣ୍ୟରେ ରେଞ୍ଜଅଧିକାରୀ ଭାବେ ନିଯୁକ୍ତ ଏସିଏଫ୍ ସୁବ୍ରତ କୁମାର ବେହେରା ଏବଂ ଅନ୍ୟ ୨୦/୨୫ ବନକର୍ମଚାରୀ ଗତ ମାର୍ଚ୍ଚ୨୫ତାରିଖ ରାତ୍ରି ପ୍ରାୟ ୧୨.୩୦ସମୟରେ ଗରଡ଼ିହି ପଞ୍ଚାୟତ କଳାକାଦ ବଜାର ନିକଟରେ ଏକ ବୋଲେରୋ ଗାଡ଼ିରେ ମୟୂରଭଞ୍ଜ ଜିଲ୍ଲା ଝିଙ୍କିପଦାରୁ ନୀଳଗିରି ଭଡ଼ାଘରକୁ ଫେରୁଥିବା ବରହମପୁର ଥାନା ଉପରଡିହା ଗ୍ରାମର ନିଲମ୍ବିତ ଫରେଷ୍ଟଗାର୍ଡ ପଦ୍ମଲୋଚନ ପାତ୍ର ଏବଂ ତାଙ୍କର ସାଙ୍ଗ କ୍ଷୀରୋଦପ୍ରସାଦ ଦାସଙ୍କ ଗାଡ଼ି ଓଭରଟେକ୍ କୁ ନେଇ ଏସିଏଫ୍ ସୁବ୍ରତ ବେହେରା ଏବଂ ଅନ୍ୟ ବନକର୍ମଚାରୀ ଲୁହାରଡ଼ ଏବଂ ଠେଙ୍ଗାରେ ମାଡମାରି ଲହୁଲୁହାଣ କରିଥିଲେ । ଏନେଇ ସଂପୃକ୍ତ ଗାର୍ଡଙ୍କ ସ୍ତ୍ରୀ ଦିପ୍ତିମୟୀ ପାତ୍ର ବରହମପୁର ଥାନାରେ ଅଭିଯୋଗ କରିଥିଲେ । ଥାନା ପକ୍ଷରୁ ୪୧/୨୬ରେ ଏକ ମାମଲା ରୁଜୁ ହୋଇଥିଲା । ଇତିମଧ୍ୟରେ ଦୁଇଜଣଙ୍କୁ ଗିରଫକରି କୋର୍ଟଚାଲାଣ କରାଯାଇଥିଲା । ତେବେ ଗିରଫ ଭୟରେ ଏସିଏଫ୍ ସୁବ୍ରତ କୁମାର ବେହେରା, ଫରେଷ୍ଟଗାର୍ଡ ରାକେଶ କୁମାର ବାରିକ, ଫରେଷ୍ଟଗାର୍ଡ ଅଞ୍ଜନ କୁମାର ଦାସ, ସବୁଜବାହିନୀ ସଦସ୍ୟ ମନୋଜ କୁମାର ରାଉତ ଆଗୁଆ ଜାମିନପାଇଁ କୋର୍ଟରେ ଆବେଦନ କରିଥିଲେ । ତେବେ ଉପରୋକ୍ତ ଅଭିଯୁକ୍ତଙ୍କ ବିରୁଦ୍ଧରେ ହୋଇଥିବା ମାମଲା ଜାମିନଯୋଗ୍ୟ ହୋଇଥିବାରୁ ମୁଦାଲାଙ୍କ ଦ୍ୱାରା ଆଗୁଆ ଜାମିନ ଆବେଦନର କୌଣସି ଯଥାର୍ଥତା ନଥିବା କାରଣଦର୍ଶାଇ ନୀଳଗିରି ଅତିରିକ୍ତ ଜିଲ୍ଲା ଦୌରାଜଜ୍ଙ୍କ କୋର୍ଟ ଆବେଦନକୁ ଖାରଜ କରିଦେଇଛନ୍ତି । ଫଳରେ ଏସିଏଫ୍ଙ୍କ ସହିତ ଅନ୍ୟ ବନ କର୍ମଚାରୀଙ୍କ ଅଡୁଆ ବଢ଼ିଛି ।

# ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

ଭଦ୍ରକ , ୨୨/୪ (ନି.ପ୍ର): ଓଡ଼ିଶା ରାଜ୍ୟ ଆଇନ୍ ସେବା ପ୍ରାଧିକରଣ, କଟକଙ୍କ ପ୍ରଦତ୍ତ କାର୍ଯ୍ୟକ୍ରମ ଅନୁସାରେ ଜିଲ୍ଲା ଓ ଦୌରା ଜଜ୍ ତଥା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ଅଧକ୍ଷ ଶ୍ରୀ ଲଲାଟେନ୍ଦୁ ଜେନାଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ, ଭଦ୍ରକଙ୍କ ଦ୍ୱାରା ଓକରା ଉଚ୍ଚ ବିଦ୍ୟାଳୟରେ ନାଲସା (ଅଧାରୁ ପାଠ ପଢା ଛାଡ଼ିଥିବା ଏବଂ ପଛୁଆ ପିଲାମାନଙ୍କ ପାଇଁ ଆର୍ଥିକ ସହାୟତା) ଯୋଜନା, ୨୦୨୫ ଏବଂ ମାନବ-ବନ୍ୟଜୀବନ ସଂଘର୍ଷର ପୀଡିତଙ୍କ ନ୍ୟାୟ ପାଇବା ପାଇଁ ନାଲସା ଯୋଜନା, ୨୦୨୫ ଉପରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ



ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ଶ୍ରୀ ପୁଣ୍ୟଶ୍ଳୋକ ରଥ, ଜିଲ୍ଲା ଆଇନ ସେବା ପ୍ରାଧିକରଣର ଏଏଲ୍‌ଡିଏସ୍ ସହାୟକ, ଡ. ତାପସ କୁମାର ମହାନ୍ତି , ଜିଲ୍ଲା ବିଜ୍ଞାନ ନିରୀକ୍ଷକ, ହିମାଦ୍ରି ନନ୍ଦିନୀ ବିଶ୍ୱାଳ, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ, ମଧୁସ୍ମିତା ରାଉତରାୟ ତଥା ୭୦ରୁ ଅଧିକ ଛାତ୍ର ଛାତ୍ରୀ ମାନେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ସଚେତନତା କରାଇ ଥିଲେ । ଜିଲ୍ଲା ଆଇନ ସେବା ପ୍ରାଧିକରଣର କର୍ମୀ ଗଣ ଏହି ସଚେତନତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ବାଲୁକେଶ୍ୱର ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ

ଖଇରା, ୨୨/୪ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ସାରଡାଙ୍ଗ ପଞ୍ଚାୟତ ଅଧୀନ ହରନବାବି ସ୍ଥିତ ବାବା ବାଲୁକେଶ୍ୱର ପୀଠରେ ଚତୁର୍ଥ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ମଙ୍ଗଳବାର ଦିନ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇ ଯାଇଛି । ସକାଳେ ମୁଖ୍ୟକର୍ତ୍ତା ଚୈତନ୍ୟ ପାତ୍ର ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅଲିପୁର ଗ୍ରାମର ସର ପୋଖରୀରୁ ୩୦ଜଣ ବ୍ରତୀଙ୍କ ଦ୍ୱାରା ଘଟୋତ୍ତଳନ ପରେ ଗ୍ରାମର ଆରାଧ୍ୟ ଦେବତା ଶ୍ୟାମରାଈ ଓ ହରନବାବୀ ଗ୍ରାମର ନୃସିଂହଙ୍କୁ ଏକ ଶୋଭାଯାତ୍ରାରେ ବାଜାରୋଷଣି ଓ ଶଙ୍ଖହୁଳହୁଳି ଧ୍ୱନୀ ମଧ୍ୟରେ ଯଜ୍ଞ ମଣ୍ଡପକୁ ଅଣାଯାଇଥିଲା । ବାଲୁକେଶ୍ୱରଙ୍କ ପୂଜାର୍ଚ୍ଚନା ପରେ ଗୌରଚନ୍ଦ୍ର ପାଠୀ, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ଅଶୋକାନନ୍ଦ ଦାଶ, ଜନ୍ମେଜୟ ଦାଶ, ଶରତ ପଣ୍ଡା,ଆକାଶ ପଣ୍ଡା ଓ ଜୟନ୍ତ ପଣ୍ଡାଙ୍କ ଦ୍ୱାରା ଯଜ୍ଞକର୍ମ ଅନୁଷ୍ଠିତ ହୋଇଥିଲା । ବାବା ବାଲୁକେଶ୍ୱର ମହାଯଜ୍ଞ କମିଟିର ସଭାପତି ପ୍ରବିର କୁମାର ବେହେରା,ସମ୍ପାଦକ ଭରତ ଚନ୍ଦ୍ର କଟୁଆଳଙ୍କ ସମେତ କମିଟିର ସମସ୍ତ ସଦସ୍ୟ ଯଜ୍ଞ ପରିଚାଳନାରେ ସହଯୋଗ କରିଥିଲେ ।

# ଝରଣାସାହିରେ ଖଡ଼ିଆ, ମାଙ୍କିଡ଼ିଆ ଓ ଲୋଧା ଜନଜାତି ସମାବେଶ ଅନୁଷ୍ଠିତ

ଉଦଳା, ୨୨/୪ (ନି.ପ୍ର): ଉଦଳା ବ୍ଲକର ପାଟଶାଣିପୁର ପଂଚାୟତ ଅନ୍ତର୍ଗତ ଝରଣାସାହି ଠାରେ ପୂର୍ବନିର୍ଦ୍ଧାରିତ ଯୋଜନା ଅନୁସାରେ ଚଳିତ ଏପ୍ରିଲ ୨୧ ତାରିଖ ମଙ୍ଗଳବାର ଦିନ ଖଡ଼ିଆ, ମାଙ୍କିଡ଼ିଆ ଓ ଲୋଧା ଜନଜାତି ଲୋକଙ୍କର ଏକ ସମ୍ମିଳନି ଅନୁଷ୍ଠିତ ହୋଇ ଯାଇଛି । ଏହି ତିନି ଜନଜାତିର ଲୋକେ ମୟୂରଭଂଜ ଜିଲ୍ଲାରେ ସବୁଠାରୁ ଅଧିକ ଅବହେଳିତ ବୋଲି ସରକାର ଘୋଷଣା କରିଛନ୍ତି । ତେବେ ଉକ୍ତ ତିନି ଜନଜାତିର ଲୋକେ ତାଙ୍କ ନିଜ ତରଫରୁ ଏକତ୍ରିତ ହୋଇ ଏହିଭଳି ଏକ ସମ୍ମିଳନି ଆୟୋଜନ କରିବା ଜିଲ୍ଲାରେ ପ୍ରଥମ ଘଟଣା ବୋଲି ଚର୍ଚ୍ଚା ହେଉଛି । ତେବେ ଆଜିର ଏହି ସମାବେଶରେ ସ୍ଥାନୀୟ ବିଧାୟକ ଭାସ୍କର ମଢ଼େଇ ଓ ଜନଜାଗୃତି ମଂଚର ଟିମ ଲିଡ଼ର ଗଦାଧର ଦାଶ ଯଥାକ୍ରମେ ମୁଖ୍ୟ ଅତିଥି ଓ ମୁଖ୍ୟ ବକ୍ତା ଭାବରେ ଯୋଗଦେଇ ଅବହେଳିତ ଜନଜାତିର ଲୋକେ ଏକତ୍ରିତ ହୋଇ ଏହିଭଳି ଏକ ସମାବେଶ ଆୟୋଜନ କରିବା ଓ ଶୃଙ୍ଖଳିତ ଭାବରେ ସମସ୍ତେ ନିଜ ନିଜର ଦାୟିତ୍ୱ ତୁଲାଉଥିବାରୁ କୃତଜ୍ଞତା ଜଣାଇଥିଲେ । ବାବା ଝାଡ଼େଶ୍ୱର ମହାଦେବ ମନ୍ଦିର ଟ୍ରଷ୍ଟର ସଭାପତି ରବି ମଳିକ ଆଜିର ଏହି ସମାବେଶରେ ଅଧକ୍ଷତା କରିଥିବା ବେଳେ ଜଙ୍ଗଲ ବିଭାଗର ରେଂଜର, ଉଦଳା ବ୍ଲକର ଯନ୍ତ୍ରୀ, ଧାନଘେରା ମଡ଼େଲ ସ୍କୁଲର ଅଧକ୍ଷ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ । ବିଭିନ୍ନ ଗ୍ରାମରୁ ଆସିଥିବା ଭାଇ ଭଉଣୀ ମାନେ ଜଣ ଜଣ କରି ନିଜର ବ୍ୟକ୍ତିଗତ ଓ ସାମୂହିକ ସମସ୍ୟା ସମ୍ପର୍କରେ ବକ୍ତବ୍ୟ ମାଧ୍ୟମରେ ଅବଗତ କରାଇଥିଲେ । ଜ୍ୟୋତିରେଖା ପ୍ରାରମ୍ଭରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଦଶରଥ ମଳିକ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ । ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହେବା ସହିତ ଆଜିର ଉତ୍ସବର ଯବନିକା ପଡ଼ିଥିଲା ।

# ୪ ସିନିୟର ରେଭିନ୍ୟୁ ଆସିଷ୍ଟାଂଟଙ୍କ ପଦୋନ୍ନତି

ଭଦ୍ରକ, ୨୨/୪ (ନି.ପ୍ର): ଜିଲାର ୪ ଜଣ ସିନିୟର ରେଭିନ୍ୟୁ ଆସିଷ୍ଟାଂଟଙ୍କର ବିଭାଗୀୟ ପଦୋନ୍ନତି ମିଳିଛି । ଏମାନେ ହେଲେ ଧାମନଗର ତହସିଲ କାର୍ଯ୍ୟାଳୟର ତାପସ କୁମାର ପଣ୍ଡା, ଭଣ୍ଡାରିପୋଖରୀ ବ୍ଲକ୍‌ର ସୁରେନ୍ଦ୍ର କୁମାର ସାହୁ, ତିହିଡି ବ୍ଲକ୍‌ର ଦାଶରଥି ସାମଲ ଓ ଭଦ୍ରକ ସବକଲେକ୍ଟର ଅଫିସର ରାଜକୁମାର ସେଠୀଙ୍କୁ ସେକ୍ସନ ଅଫିସର ଭାବେ ପଦୋନ୍ନତି ଦିଆଯାଇଛି । ସିନିୟର ରେଭିନ୍ୟୁ ଆସିଷ୍ଟାଂଟ ତାପସ କୁମାର ପଣ୍ଡାଙ୍କୁ ଭଦ୍ରକ ତହସିଲର ସେକ୍ସନ ଅଫିସର, ସୁରେନ୍ଦ୍ର କୁମାର ସାହୁଙ୍କୁ ଜିଲାପାଳଙ୍କ କାର୍ଯ୍ୟାଳୟର ନିଜାରତ ବିଭାଗର ସେକ୍ସନ ଅଫିସର, ଦାଶରଥି ସାମଲଙ୍କୁ ଜିଲା ସମାଜ ମଙ୍ଗଳ ଅଫିସର ଓ ରାଜକୁମାର ସେଠୀଙ୍କୁ ଚାନ୍ଦବାଲି ତହସିଲର ସେକ୍ସନ ଅଫିସର ଭାବେ ଚିଠି ନଂ ୫୫୩୩ ମୂଳେ ନିଯୁକ୍ତି ଦିଆଯାଇଛି ।

# ଅଂଶୁଘାତ, ସାପକାମୁଡ଼ା ଏବଂ ବଜ୍ରପାତ ଉପରେ ସଚେତନତା ନିମନ୍ତେ ଆଶା ଓ ଅଙ୍ଗନବାଡି କର୍ମୀମାନଙ୍କ ଲାଗି ଏକ ଦିବସୀୟ ଜିଲ୍ଲାସ୍ତରୀୟ କର୍ମଶାଳା

ବାଲେଶ୍ୱର, ୨୨/୪ (ନି.ପ୍ର): ଆଜି ବାଲେଶ୍ୱର ସ୍ଥିତ ଜିଲ୍ଲା ଅଡିଟୋରିଓମ ସମ୍ମିଳନୀ କକ୍ଷଠାରେ ଓଡିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତୃପକ୍ଷ, ଭୁବନେଶ୍ୱର ଏବଂ ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତୃପକ୍ଷ ବାଲେଶ୍ୱରଙ୍କ ମିଳିତ ସହଯୋଗ ରେ "ଅଂଶୁଘାତ, ସାପକାମୁଡା ଏବଂ ବଜ୍ରପାତ" ଉପରେ ଜନ ସଚେତନତା ନିମନ୍ତେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ବାଲେଶ୍ୱର ଜିଲ୍ଲାପାଳ ଶ୍ରୀ ସୂର୍ଯ୍ୟବଂଶୀ ମୟୁର ବିକାଶ ଯୋଗ ଦେଇଥିଲେ । ପ୍ରାରମ୍ଭରେ ଜିଲ୍ଲା ଜରୁରୀ କାଳୀନ ଅଧିକାରୀ ଶ୍ରୀ ସାଇକୃଷ୍ଣ ଜେନା ସ୍ୱାଗତ ଭାଷଣ ପ୍ରଦାନ କରି କର୍ମଶାଳାର ଆଭିମୁଖ୍ୟ ସମ୍ପର୍କରେ ଉପସ୍ଥାପନା କରିଥିଲେ । ଏହାପରେ ବାଲେଶ୍ୱର



ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଶ୍ରୀ ହେମନ୍ତ କୁମାର ସିଂ ତାଙ୍କ ବକ୍ତବ୍ୟରେ କହିଥିଲେ କି ବିପର୍ଯ୍ୟୟ ପରିଚାଳନା ରେ ବିପଦ ହ୍ରାସ ଆଶା ଓ ଅଙ୍ଗନବାଡି କର୍ମୀ ମାନଙ୍କର ବହୁମୁଖୀ ଭୂମିକା ରହିଛି । ଏହି ପରିପ୍ରେକ୍ଷୀରେ ଜିଲ୍ଲା ଜରୁରୀ କାଳୀନ କାର୍ଯ୍ୟାଳୟ ର ପ୍ରକଳ୍ପ ଅଧିକାରୀ ଶ୍ରୀ ଅବନୀ କାନ୍ତ ଭୂୟାଁ ଓ ଓଡ୍ରାଫ ବାହିନୀର ସତ୍ୟ ପ୍ରକାଶ ପଣ୍ଡା ପାୱାର ପଏଣ୍ଟ ମାଧ୍ୟମରେ ଅଂଶୁଘାତ,ସାପକାମୁଡା ଏବଂ ବଜ୍ରପାତ ଉପରେ ସଚେତନତା ନିମନ୍ତେ ସମସ୍ତ ବିଷୟ ରେ ଦଳଗତ ଆଲୋଚନା କରିଥିଲେ । ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ଅନ୍ୟମାନଙ୍କ ମଧ୍ୟରେ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ବାଲେଶ୍ୱର, ଓ.ଡ୍ରା.ଫ ବାହିନୀ, ଏନ.ଡି.ଆର.ଫ୍ ବାହିନୀ, ଅତିରିକ୍ତ ସ୍ୱାସ୍ଥ୍ୟ ଅଧିକାରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ବାଲେଶ୍ୱର, ସ୍ୱେଚ୍ଛାସେବୀ ସଂଗଠନ, ସହ ବିଭାଗୀୟ ପଦାଧିକାରୀ ଏବଂ ବିଭିନ୍ନ ବ୍ଲକର ୧୦୦ ଜଣ ଆଶା ଓ ଅଙ୍ଗନବାଡି କର୍ମୀ ଉପସ୍ଥିତ ଥିବାବେଳେ ଜିଲ୍ଲା ଜରୁରୀ କାଳୀନ କାର୍ଯ୍ୟାଳୟ ର ପ୍ରକଳ୍ପ ଅଧିକାରୀ ଶ୍ରୀ ଅବନୀ କାନ୍ତ ଭୂୟାଁ କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ । ଏବଂ ପରିଶେଷରେ ଜିଲ୍ଲା ଜରୁରୀ କାଳୀନ ଅଧିକାରୀ ଶ୍ରୀ ସାଇକୃଷ୍ଣ ଜେନା ଧନ୍ୟବାଦ ଅର୍ପଣ କରିଥିଲେ ।

# ବାଇପାସଠାରେ ବ୍ୟବସାୟୀ ସଂଘ ଓ ଯୁବ ଯାଦବ ପକ୍ଷରୁ ଜଳଛତ୍ର ଉପଲକ୍ଷେ ଦହି ସର୍ବତ ବଣ୍ଟନ

ଭଦ୍ରକ , ୨୨/୪ (ନି.ପ୍ର): ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଲକ୍ଷ୍ୟ ରଖି ପଥିକଙ୍କୁ ବାଇପାସଠାରେ ବ୍ୟବସାୟୀ ସଂଘ ପକ୍ଷରୁ ଜଳଛତ୍ର ସହିତ ଦହି ସର୍ବତ ବଣ୍ଟନ କରାଯାଇଛି । ଏହି ଜଳଛତ୍ର ଗ୍ରୀଷ୍ମ ପ୍ରବାହ ଶେଷ ପର୍ଯ୍ୟନ୍ତ ଚାଲୁ ରହିବ ବୋଲି ଯୁବ ଯାଦବ ସଭାପତି କହିଛନ୍ତି । ଜଳ ହିଁ ଜୀବନ । ପ୍ରଚଣ୍ଡ ରୌଦ୍ର ତାପ ହେତୁ ବାଟୋଇମାନଙ୍କ ତୃଷାର୍ତ୍ତ ମେଣ୍ଟେଇବା ପାଇଁ ଏହି ଜଳ ଛତ୍ର ନବମ ଦିନରେ ଆଜି ପହଂଚିଛି ଯୁବ ବ୍ୟବସାୟୀ ରାଜେନ୍ଦ୍ର ପତି,ବାପି ନାୟକ, ତ୍ରିଲୋଚନ ବାରିକ, କୁଲିଆ ମହାନ୍ତି, କ୍ଳାନ୍ତ ଅନୁଭବ କରୁଥିବାରୁ ଏହି ଜଳ



ଛତ୍ରର ବ୍ୟବସ୍ଥା କରାଯାଇଛି ଏହା ବାଇପାସଠାରେ ଯୁବ ବ୍ୟବସାୟୀ ତ୍ରିଲୋଚନ ବାରିକ, ସାମ୍ବାଦିକ ପ୍ରଦୀପ ବଳ, ଯୁବ ନେତା ସୁରେନ୍ଦ୍ର ମୋହନ ରାୟ, ମାନସ କୁମାର ମହାନ୍ତି, ହରେକୃଷ୍ଣ ସାହୁ, ସୁରେଶ ମହାନ୍ତି, ବାବୁଲି ଦାସ ପ୍ରମୁଖଙ୍କ ନେତୃତ୍ୱରେ ଏହି ଦହି ସର୍ବତ ବଣ୍ଟନ ହେଉଛି ଏହି ଅବସରରେ ପ୍ରାକ୍ତନ ଅଧକ୍ଷ ପବିତ୍ର ପାଣିଗ୍ରାହୀ, ରାଜ୍ୟ ଯୁବ ଯାଦବ ସଭାପତି ଅମର କୁମାର ନାୟକ, ଜିଲ୍ଲା ସଭାପତି ରବିନାରାୟଣ ଖିଲାର, ସଂଜୀବ ନାୟକ, ନବଘନ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

# ଉଦଳାରେ ଆନ୍ତର୍ଜାତୀୟ ପ୍ରତିମୂର୍ତ୍ତି ସଫେଇ ଓ ସଂରକ୍ଷଣ ଦିବସ ପାଳିତ

ଉଦଳା, ୨୨/୪ (ନି.ପ୍ର): ପ୍ରତିବର୍ଷ ପରି ଚଳିତ ବର୍ଷ ଏପ୍ରିଲ ୨୧ ତାରିଖ ମଙ୍ଗଳବାର ଦିନ ଉଦଳା ସହରରେ ଆନ୍ତର୍ଜାତୀୟ ପ୍ରତିମୂର୍ତି ସଫେଇ ଓ ସଂରକ୍ଷଣ ଦିବସ ପାଳିତ ହୋଇ ଯାଇଛି । ଏହି ଅବସରରେ ସହର ମଧ୍ୟରେ ବିଭିନ୍ନ ସ୍ଥାନରେ ସ୍ଥାପନ କରାଯାଇଥିବା ପ୍ରତିମୂର୍ତି ଗୁଡ଼ିକୁ ପରିଷ୍କାର ପରିଛନ୍ନ କରାଯାଇଥିବାର ଦୃଶ୍ୟ ଦେଖିବାକୁ ମିଳିଥିଲା । ଭଂଜ ସେନା ତରଫରୁ ଏହାର ନେତୃତ୍ୱ ନିଆଯାଇଥିବା ବେଳେ ଲୋକ ସଂଗଠନ ଜନଜାଗୃତି ମଂଚ ଓ ଗଣମାଧ୍ୟମର ପ୍ରତିନିଧି ବୃନ୍ଦ ସହଯୋଗ କରିଥିଲେ ।

# ଶାଳଗାଁ ପଞ୍ଚାୟତ ବିଦ୍ୟାଳୟରେ ବିଶ୍ୱ ଧରିତ୍ରୀ ଦିବସ ପାଳିତ

ବଡ଼ସାହି , ୨୨/୪ (ନି.ପ୍ର): ବଡ଼ସାହି ବ୍ଲକ ଅନ୍ତର୍ଗତ ଶାଳଗାଁ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ର ଇକୋ କ୍ଲବ ଦ୍ୱାରା ବିଶ୍ୱ ଧରିତ୍ରୀ ଦିବସ ପାଳିତ ହୋଇଅଛି । ଇକୋ କ୍ଲବ ର ସଂଯୋଜକ ସନ୍ତୋଷ କୁମାର ଖଣ୍ଡା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ପ୍ରଧାନଶିକ୍ଷକ ସନ୍ତୋଷ କୁମାର ବେହେରା ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥି - ଚୈତନ୍ୟ ପ୍ରସାଦ ସିଂ ପୂର୍ବତନ ସରପଞ୍ଚ , ମୁଖ୍ୟବକ୍ତା ବିଜୟ ଭାସ୍କର ମହାଲିକ ବିଜ୍ଞାନ ଶିକ୍ଷକ, ସମ୍ମାନିତ ଅତିଥି - ଉମାକାନ୍ତ ସାସମଲ କଳା ଶିକ୍ଷକ ଯୋଗଦେଇ ଥିଲେ । ଧରିତ୍ରୀ ମାତା ର ସୁରକ୍ଷା ପାଇଁ ସମାଜ ସଚେତନ ହେବା ଆବଶ୍ୟକ । ବିଜ୍ଞାନ ଯୁଗରେ ଅତ୍ୟାଧୁନିକ ଜୀବନ ଶୈଳୀ, ରାସ୍ତା ପ୍ରଶସ୍ତି କରଣ, କଳକାରଖାନା,



ନୂତନ ଘର ନିର୍ମାଣ ପାଇଁ ବୃକ୍ଷ କଟାଯିବା ସହିତ କୃଷି କ୍ଷେତ୍ରରେ ରାସାୟନିକ ସାର ଓ ଔଷଧ ପ୍ରୟୋଗ ଯୋଗୁଁ ପରିବେଶ ସନ୍ତୁଳନ ଭାରସାମ୍ୟ ହରାଇ ବସିଛି । ପ୍ଲାଷ୍ଟିକ ଓ ଅଳିଆ ଆବର୍ଜନାର ବ୍ୟବହାର ଉପରେ ଜନ ସାଧାରଣ ସଚେତନା ରହିବା ଦରକାର । ଜନ, ଜଙ୍ଗଲ ଓ ଜଳ ସହିତ ଧରିତ୍ରୀ ମାତାର ସମ୍ପର୍କ ସୁରକ୍ଷା ଉପରେ ଯୁବ ପିଢୀ ଓ ଛାତ୍ର ଛାତ୍ରୀ ଆଗକୁ ଆଗେଇ ଆସି ପରିବେଶକୁ ସୁରକ୍ଷା କରିବା ନିତ୍ୟାନ୍ତ ଜରୁରୀ ଅଟେ । ନିଜ ନିଜ ଜମିରେ ଜନ୍ମ ଦିନ , ବିଭାଘର , ସୁଧଘର ଓ ଅନ୍ୟାନ୍ୟ ଦିବସକୁ ସ୍ମରଣୀୟ କରିବା ପାଇଁ ଗୋଟିଏ ଗୋଟିଏ ବୃକ୍ଷ ଲଗାଇବା ପାଇଁ ଅତିଥି ବୃନ୍ଦ ସମସ୍ତଙ୍କୁ ପରାମର୍ଶ ପ୍ରଦାନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଜଗଦୀଶ ଜେନା , ରାଜକିଶୋର ସିଂ ଓ ଅନ୍ୟମାନେ ସହଯୋଗ କରିଥିଲେ । ସର୍ବଶେଷରେ ହିତେଶ କୁମାର ପରିଡ଼ା ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ ।

# ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା: ବିବାହ ବନ୍ଧନରେ ଆବଦ୍ଧ ହେଲେ ୫୭ ଯୋଡ଼ି

ବାରିପଦା, ୨୨/୪ (ନି.ପ୍ର): ମୟୁରଭଞ୍ଜ ଜିଲ୍ଲା ପ୍ରଶାସନ ପକ୍ଷରୁ ଆଜି ଗଣ ବିବାହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ଅଧୀନରେ ୫୭ ଯୋଡ଼ି ବର ଓ ବଧୂ ପାରମ୍ପରିକ ରୀତିନୀତିରେ ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି । ମୁଖ୍ୟ ଅତିଥି ଭାବେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ଏବଂ ସାଧାରଣ ଉଦ୍ୟୋଗ ବିଭାଗ ମନ୍ତ୍ରୀ ଡ଼. କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇ ନବ ଦମ୍ପତ୍ତିଙ୍କୁ ଆଶୀର୍ବାଦ ଦେଇ ସମସ୍ତଙ୍କ ସୁଖମୟ ଜୀବନ କାମନା କରିଛନ୍ତି । ଏହି ଅବସରରେ ମନ୍ତ୍ରୀ ଡ. ମହାପାତ୍ର କହିଛନ୍ତି ଯେ ଏହା ଏକ ସାଧାରଣ କାର୍ଯ୍ୟକ୍ରମ ନୁହେଁ ବରଂ ଏହା ଏକ ଉତ୍ସବ । ଏପରି ଅନନ୍ୟ କାର୍ଯ୍ୟକ୍ରମ ରାଜ୍ୟ ସରକାର ସାମାଜିକ ଦାୟିତ୍ୱବୋଧତାର ଏକ ଉଜ୍ଜ୍ୱଳ ଉଦାହରଣ । ଏହା ମାଧ୍ୟମରେ ସମସ୍ତ ବର୍ଗର ଲୋକଙ୍କ ବିବାହ ସ୍ୱପ୍ନ ସାକାର ହେଉଛି ଓ



ସମାଜରେ ଆର୍ଥିକ ଅସମାନତା କମେଇବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି । ସରକାର ସର୍ବଦା ଗରିବ ଅଧିବାସୀ ଓ ଆର୍ଥିକ ଅନଗ୍ରସର ବର୍ଗଙ୍କ ପାଇଁ ପ୍ରାଥମିକତା ଭିତ୍ତିରେ କାର୍ଯ୍ୟ କରୁଛନ୍ତି । ସମ୍ମାନିତ ଅତିଥି ଭାବେ ବାଙ୍ଗିରିପୋଷି ବିଧାୟିକା ସୁଶ୍ରୀ ସଞ୍ଜାଳୀ ମୁର୍ମୁ ଯୋଗଦେଇ କହିଛନ୍ତି ଯେ ଗ୍ରାମାଞ୍ଚଳର ଦୁର୍ବଳ ପରିବାର ପାଇଁ ଏହା ଏକ ବଡ଼ ସହାୟତା । ଏହା ସହ ନାରୀ ସଶକ୍ତିକରଣରେ ମଧ ଏକ ମାଇଲଖୁଣ୍ଟର ସ୍ୱାକ୍ଷର ବହନ କରିବ । ଏହାସହ ସେ ନବଦମ୍ପତ୍ତିଙ୍କୁ ସୁଖମୟ ଓ ସମୃଦ୍ଧ ଜୀବନ ପାଇଁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି । ସେହିପରି ବାରିପଦା ବିଧାୟକ ଶ୍ରୀ ପ୍ରକାଶ ସୋରେନ ତାଙ୍କ ଅଭିଭାଷଣରେ ଏହି ଯୋଜନାକୁ ସମାଜ ପାଇଁ ଏକ ଦୃଷ୍ଟାନ୍ତମୂଳକ ପଦକ୍ଷେପ ବୋଲି ବର୍ଣ୍ଣନା କରି ସମୂହ ବିବାହ ପ୍ରଥା ଦ୍ୱାରା ଅନାବଶ୍ୟକ ଖର୍ଚ୍ଚ କମିଥାଏ ଓ ସମାଜରେ ସାମାଜିକ ସମାନତା ବୃଦ୍ଧି ପାଏ ବୋଲି କହିଛନ୍ତି । ଜିଲ୍ଲାପାଳ ଶ୍ରୀ ହେମକାନ୍ତ ସୟ୍ କାର୍ଯ୍ୟକ୍ରମରେ ସ୍ୱାଗତ ଅଭିଭାଷଣ ଦେଇ କହିଛନ୍ତି ଯେ ଜିଲ୍ଲା ପ୍ରଶାସନ ସର୍ବଦା ଲୋକଙ୍କ ହିତରେ କାର୍ଯ୍ୟ କରୁଛି । ବିଶେଷକରି ଏହି ଯୋଜନାରେ ଆର୍ଥିକ ଦୁର୍ବଳ ଶ୍ରେଣୀର ପରିବାର ବିଶେଷ ଭାବରେ ଲାଭାନ୍ୱିତ ହେଉଛନ୍ତି । ସମାଜରେ ସକାରାତ୍ମକ ପରିବର୍ତ୍ତନ ଆଣିବରେ ଏହା ସହାୟକ ହୋଇପାରିବ ବୋଲି ମଧ ଜିଲ୍ଲାପାଳ ଶ୍ରୀ ସୟ୍ ସେ ଆଶାବ୍ୟକ୍ତ କରିଛନ୍ତି । ଆଜିର ଏହି ବିବାହ ବନ୍ଧନରେ ଆବଦ୍ଧ ହୋଇଥିବା ଦମ୍ପତିଙ୍କୁ "ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା" ଅନୁସାରେ ପ୍ରତ୍ୟେକ କନ୍ୟାଙ୍କୁ ସରକାର ପକ୍ଷରୁ ୬୦,୦୦୦ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଉଛି । ଏଥିରୁ ୪୫,୦୦୦ ଟଙ୍କା ଡିବିଟି ମାଧ୍ୟମରେ ସିଧାସଳଖ ଭାବରେ କନ୍ୟାଙ୍କ ବ୍ୟାଙ୍କ ଖାତାରେ ଜମା ହେଉଛି ଓ ଅବଶିଷ୍ଟ ୧୫,୦୦୦ ଟଙ୍କା ବିବାହ ସମ୍ପର୍କିତ ଆନୁସଙ୍ଗିକ ବ୍ୟବସ୍ଥା ପାଇଁ ଆର.ଡି.ଏ.ସିକୁ ପ୍ରଦାନ କରାଯାଉଛି । ସମଗ୍ର କାର୍ଯ୍ୟକ୍ରମକୁ ସୁଚାରୁରୂପେ ସମ୍ପନ୍ନ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ଆବଶ୍ୟକ ବ୍ୟବସ୍ଥା— ଯଥା ଆସନ ବ୍ୟବସ୍ଥା, ପୂଜା ପାଠ, ଭୋଜନ ବ୍ୟବସ୍ଥା, ପାନୀୟ ଜଳ, ଚିକିତ୍ସା ସୁବିଧା ଓ ସୁରକ୍ଷା ବ୍ୟବସ୍ଥା ବନ୍ଦବୋସ୍ତ କରାଯାଇଥିଲା । ନବଦମ୍ପତ୍ତିମାନଙ୍କ ପରିବାରସଦସ୍ୟ ଓ ଆତ୍ମୀୟସ୍ୱଜନମାନଙ୍କ ସହଭାଗୀତାରେ ସମଗ୍ର କାର୍ଯ୍ୟକ୍ରମ ଆନନ୍ଦମୟ ପରିବେଶରେ ସଫଳତାର ସହିତ ସମ୍ପନ୍ନ ହୋଇଛି । ଶେଷରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଦୁଃଖବନ୍ଧୁ ନାୟକ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ଶ୍ରୀମତୀ ନିହାରିକା ମହାନ୍ତି, ଜିଲ୍ଲା ସୁରକ୍ଷା ଅଧିକାରିଣୀ ଶ୍ରୀମତୀ ସସ୍ମିତା ମହାନ୍ତି, ସମାଜ ମଙ୍ଗଳ ଅଧିକାରିଣୀ ଶ୍ରୀମତୀ ଅନ୍ନପୂର୍ଣ୍ଣା ବୁରୁଡ଼ା ପ୍ରମୁଖ ମଞ୍ଚାସୀନ ଥିଲେ । ଏହାସହ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଏବଂ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷମାନେ ଏଠାରେ ଉପସ୍ଥିତ ରହି ସକ୍ରିୟ ଭୂମିକା ଗ୍ରହଣ କରିଥିଲେ ।

# ତୁଡିଗଡିଆ ବଜାରରେ ଜବରଦଖଲ ଉଚ୍ଛେଦ

ଖଇରା,୨୨।୪ବାଲେଶ୍ୱର ଜିଲା ଖଇରା ତହସିଲ ଅଧୀନ ତୁଡିଗଡିଆ ବଜାର ରେ ସୋର-କୁପାରୀ ରାସ୍ତାକଡରୁ ଜବରଦଖଲ ଉଚ୍ଛେଦ କରାଯାଇଛି । ରାସ୍ତା ଓ ଡ୍ରେନ ସମ୍ପ୍ରସାରଣ ପାଇଁ ପୂର୍ତ୍ତ ବିଭାଗ ତରଫରୁ ରାଜସ୍ୱ ବିଭାଗ କୁ ଅବଗତ କରାଯିବା ପରେ ସୋର-କୁପାରୀ ଓ ତୁଡିଗଡିଆ-ଡାଲଙ୍ଗ ରାସ୍ତା କଡରେ ଥିବା ୧୯୨ ଦୋକାନୀଙ୍କ ଉପରେ ନୋଟିସ ଜାରି କରାଯାଇଥିଲା । ବୁଧବାର ତହସିଲଦାର ଅମିତ ରଞ୍ଜନ ହୋତା ଓ ଅତିରିକ୍ତ ତହସିଲଦାର ସଞ୍ଜିବ କୁମାର ପାତ୍ର ଓ ଖଇରା ପୋଲିସଙ୍କ ଉପସ୍ଥିତିରେ ସୋର-କୁପାରୀ ରାସ୍ତା କଡରୁ ଶତାଧିକ ଦୋକାନ ଘର ଭଙ୍ଗା ଯାଇଥିଲା । ଗୁରୁବାର ତୁଡିଗଡିଆ-ଡାଲଙ୍ଗ ରାସ୍ତା କଡରେ ସରକାର ଜମିରେ ଥିବା ବାକି ଦୋକାନ ଘର ଉଚ୍ଛେଦ କରାଯିବ ବୋଲି ତହସିଲଦାର ପ୍ରକାଶ କରିଛନ୍ତି ।

# ଜଡିଦା ପଂଚାୟତରେ କଂଗ୍ରେସର ନୂତନ କମିଟି ଗଠିତ

ନୀଳଗିରି, ୨୨/୪ (ନି.ପ୍ର): ନୀଳଗିରି ବ୍ଲକ କଂଗ୍ରେସସଭାପତି ତପନ କୁମାର ରାଉତଙ୍କ ଅଧକ୍ଷତାରେ ନୀଳଗିରି ବ୍ଲକ ଜଡିଦା ଗ୍ରାମପଂଚାୟତର ନୂତନ କଂଗ୍ରେସ କମିଟି ଗଠନ କରାଯାଇଛି । କମିଟିରେ ପିତାମ୍ବର ମିଶ୍ର ସଭାପତି, କଟି ସିଂ ଉପସଭାପତି, ବୁଦ୍ଧିରାମ ଖଣ୍ଡେଇ ସମ୍ପାଦକ, ରଂଜିତା ପାତ୍ର ସହସଂପାଦିକା ଏବଂ କୋଷାଧକ୍ଷ ଭାବେ ଶ୍ୟାମ ମାଝୀଙ୍କୁ ମନୋନୀତ କରାଯାଇଛି । ୩୧ଜଣ ସଦସ୍ୟଙ୍କୁ ନେଇ ଏହି କମିଟି ଗଠନ କରାଯାଇଛି । ଉକ୍ତ ବୈଠକରେ ବାଲେଶ୍ୱର ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ଯୋଗେଶ୍ୱର ବେହେରା ଓ ବରିଷ୍ଠ କଂଗ୍ରେସନେତା ସୁରେନ୍ଦ୍ର ଦାସ ଉପସ୍ଥିତ ଥିଲେ ।ନୀଳଗିରି ବ୍ଲକର ପୂର୍ବତନ ଉପାଧକ୍ଷ ତଥା ବରିଷ୍ଠ କଂଗ୍ରେସନେତା ରାମକୃଷ୍ଣ ଜେନା ନିର୍ବାଚିତ ସମସ୍ତ ନୂତନ ସଦସ୍ୟ ଓ କର୍ମକର୍ତ୍ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ବୈଠକ ଶେଷରେ ପଂଚାୟତର ବରିଷ୍ଠ ନେତା ଭାଗବତ ମଣ୍ଡଳ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

❐ ସଂପାଦିକା : ସୈରିନ୍ଧ୍ରୀ ସାହୁ
❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704
❐ Editor: Sairindhree Sahoo
❐ Managing & Executive Editor : Srustidhar Parida